Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 231
Thursday, 29 October 2026
Balasore, Page : 8, ₹ 2/
ବାଲେଶ୍ୱର, ଗୁରୁବାର, ୨୯ ଅକ୍ଟୋବର, ୨୦୨୬
ପୃଷ୍ଠା:୮ , ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ତାଣ୍ଡବ ରଚିଲା ବାତ୍ୟା ଅର୍ଣ୍ଣବ

ନୂଆଦିଲ୍ଲୀ, ୨୮/୧୦(ନ୍ୟୁ.ଏ): ଆନ୍ଧ୍ର ପ୍ରଦେଶରେ ଲ୍ୟାଣ୍ଡ ଫଲ୍ କରିବା ପରେ ତାଣ୍ଡବ ରଚିଛି ବାତ୍ୟା ଅର୍ଣ୍ଣବ । ଆନ୍ଧ୍ରରେ ବ୍ୟାପକ କ୍ଷତି କରିଛି ଏହି ସାମୁଦ୍ରିକ ଝଡ଼ । ବିଳମ୍ବିତ ରାତିରେ ସ୍ଥଳଭାଗ ଛୁଇଁଥିବା ବାତ୍ୟା ଅର୍ଣ୍ଣବ ଏବେ ବି ତା'ର ତାଣ୍ଡ ଦେଖାଇବା ଜାରି ରଖିଛି । ଆନ୍ଧ୍ର ଓ ସୀମାନ୍ତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଲାଗି ରହିଛି ଝିପିଝିପି ବର୍ଷା ଓ ପବନ । ବର୍ତ୍ତମାନ ସୁଦ୍ଧା ଅର୍ଣ୍ଣବ ଆନ୍ଧ୍ରରେ ୩ ଜଣଙ୍କ ଜୀବନ ନେଇ ସାରିଥିବା ବେଳେ ୩୧ଟି ଘରକୁ ସଂପୂର୍ଣ୍ଣ ଭାବେ ମାଟିରେ ମିଶାଇ ଦେଇଛି । ଏଥିସହ କେଉଁଠି ଗଛ ଭାଙ୍ଗି ଯାଇଛି ତ ଆଉ କେଉଁଠି ବିଦ୍ୟୁତ ଖୁଂଟ ଉପୁଡ଼ି ପଡ଼ିଛି । ଉଭୟ ଆନ୍ଧ୍ର ଓ ଓଡ଼ିଶାର ବାତ୍ୟାର ତାଣ୍ଡବ ଦେଖିବାକୁ ମିଳିଛି । ଏବେ ବି କ୍ଷୟକ୍ଷତିର ଆକଳନ ଚାଲିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩ ଜଣଙ୍କ ମୃତ୍ୟୁ ଘଟିଥିବା ସ୍ପଷ୍ଟ କରିଛନ୍ତି ଏନଡିଆରଏଫର ଜଣେ ବରିଷ୍ଠ ଅଧିକାରୀ । ଅଧିକାରୀଙ୍କ କହିବା କଥା ଯେ ଶକ୍ତିଶାଳୀ ଘୂର୍ଣ୍ଣିବାତ୍ୟା ଯୋଗୁ ଆନ୍ଧ୍ରର ପ୍ରାୟ ୭୧୪ଟି ଗାଁ ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ଆନ୍ଧ୍ର ବ୍ୟତୀତ ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି । ଛତିଶଗଡ଼, ଝାଡଖଣ୍ଡ, ପୁଡୁଚେରୀ, ତେଲଙ୍ଗାନା ଓ ଆଣ୍ଡାମାନରେ ମଧ୍ୟ ବାତ୍ୟା ଅର୍ଣ୍ଣବ ତା'ର ଛାପ ଛାଡ଼ିଛି । ଏଥିପାଇଁ ଏନଡିଆରଏଫ ପକ୍ଷରୁ ଏହି ସବୁ ରାଜ୍ୟରେ ପ୍ରାୟ ୪୦ଟି ଟିମକୁ ମୁତୟନ କରାଯାଇଥିବା ଏନଡିଆରଏଫର ଆଇଜି ନରେନ୍ଦ୍ର ସିଂହ ବୁନ୍ଦେଲା ସୂଚନା ଦେଇଛନ୍ତି । ଅତିରିକ୍ତ ୪ଟି ଏନଡିଆରଏଫ ଟିମକୁ ମଙ୍ଗଳବାର ରାତିରେ ସ୍ଥିତିର ମୁକାବିଲା ପାଇଁ ଆନ୍ଧ୍ର ପ୍ରଦେଶକୁ ପଠାଯାଇଛି । ଏବେ ଯୁଦ୍ଧକାଳୀନ ଭିତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ସେ କହିଛନ୍ତି । ବାତ୍ୟା ଅର୍ଣ୍ଣବ ରାତି ପ୍ରାୟ ୧୨.୫୭ରେ ପୁଡୁଚେରୀର ୟାନାମ ନିକଟବର୍ତ୍ତୀ ଅଂଚଳରେ ସ୍ଥଳ ଭାଗ ଛୁଇଁଥିଲା । ସ୍ଥଳ ଭାଗକୁ ଆସିବା ପୂର୍ବରୁ ଗୋଟିଏ ଅତି ଭୀଷଣ ବାତ୍ୟାରେ ଥିଲା ଅର୍ଣ୍ଣବ । କିନ୍ତୁ ସ୍ଥଳ ଭାଗ ଛୁଇଁବା ମାତ୍ରେ ଏହା ଭୀଷଣ ବାତ୍ୟାରେ ପରିଣତ ହୋଇଥିଲା । ଏହି ସମୟରେ ପବନର ସର୍ବାଧିକ ବେଗ ଘଂଟା ପ୍ରତି ୧୪୦ କିମି ରହିଥିଲା । ଲ୍ୟାଣ୍ଡଫଲ ପରେ କିଛି ସମୟ ପାଇଁ ସ୍ଥିର ହୋଇଯାଇଥିଲା ଅର୍ଣ୍ଣବ । ଏବେ ଏହା ଧୀରେଧୀରେ ଦୁର୍ବଳ ହୋଇ ଆଗକୁ ବଢ଼ିବାରେ ଲାଗିଛି । ସନ୍ଧ୍ୟା ସୁଦ୍ଧା ଏହା ଓଡ଼ିଶାର ମାଲକାନାଗିରି ଦେଇ ଛତିଶଗଡ଼ ମୁହାଁ ହେବ । ଏହି ସମୟରେ ଏହା ଗଭୀର ଅବପାତରେ ପରିଣତ ହୋଇ ସାରିଥିବ । ବାତ୍ୟା ଯୋଗୁ ଉତ୍ତର ଆନ୍ଧ୍ର ପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ଦୁଇ ରାଜ୍ୟରେ କିଛି ଜିଲ୍ଲାରେ ପବନ ସାଙ୍ଗକୁ ପ୍ରବଳ ବର୍ଷା ଲାଗି ରହିଛି । ଓଡ଼ିଶା ଅପେକ୍ଷା ଆନ୍ଧ୍ରରେ ଅଧିକ କ୍ଷୟକ୍ଷତି ହୋଇଛି । ଏନଡିଆରଏଫ ଟିମ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ବେଳେ ଜାଣିବାକୁ ପାଇଛି ଯେ ଶହଶହ ଗଛ ଭାଙ୍ଗି ଯାଇଛି । ୩୧ଟି ଘର ମାଟିରେ ମିଶି ଯାଇଛି ଓ ବିଭିନ୍ନ ସ୍ଥାନରୁ ୩ ଜଣଙ୍କ ମୃତଦେହ ମିଳିଛି । ଓଡ଼ିଶାରେ ସେତେଟା କ୍ଷୟକ୍ଷତି ହୋଇ ନଥିବା ଶ୍ରୀ ସିଂହ ସ୍ପଷ୍ଟ କରିଛନ୍ତି । ତାଙ୍କ କହିବା କଥା ଯେ ଆନ୍ଧ୍ର ପ୍ରଦେଶରେ ୫୭ ହଜାର ଲୋକଙ୍କୁ ମଙ୍ଗଳବାର ରାତିରେ ରିଲିଫ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଛି । ସେହିପରି ୟାନାମରୁ ମଧ୍ୟ ୩୮ ଜଣଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ପଠାଯାଇଛି ।

ପତିତପାବନ ବାନାରେ ଶୂନ୍ୟ ଗଣ୍ଠି

ପୁରୀ, ୨୮/୧୦ (ଆ.ପ୍ର) : ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବ ଭିତରେ ଶ୍ରୀମନ୍ଦିରରେ ଦେଖିବାକୁ ମିଳିଛି ଏକ ଚର୍ଚ୍ଚିତ ଦୃଶ୍ୟ । ପ୍ରବଳ ବର୍ଷା ଓ ପବନ ଯୋଗୁଁ ଶ୍ରୀମନ୍ଦିର ନୀଳଚକ୍ରରେ ଲାଗିଥିବା ଶହ ଶହ ମାନସିକ ବାନା ଛିଣ୍ଡି ଦଧିନଉତି ଉପରେ ପଡ଼ିଥିବା ବେଳେ ପତିତପାବନ ବାନାରେ ପଡ଼ିଛି ଶୂନ୍ୟ ଗଣ୍ଠି । ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆରମ୍ଭ ହୋଇଛି ଚର୍ଚ୍ଚା । ଆଜି ସକାଳୁ ପୁରୀରେ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପ୍ରବଳ ବର୍ଷା ସାଙ୍ଗକୁ ଜୋରରେ ପବନ ବହୁଛି । ପବନର ବେଗ ଅଧିକ ରହିଥିବାରୁ ଶ୍ରୀମନ୍ଦିର ଶିଖରରେ ଲାଗିଥିବା ପତିତପାବନ ବାନାର କିଛି ଅଂଶ ଚିରିଯାଇଛି । ବାନା ଚିରିଯିବା ପରେ ସେଥିରେ ଶୂନ୍ୟ ଗଣ୍ଠି ପଡ଼ିଥିବା ଦେଖିବାକୁ ମିଳିଛି । ସେହିପରି ଭକ୍ତମାନେ ମାନସିକ ପୂରଣ ପାଇଁ ନୀଳଚକ୍ରରେ ବାନ୍ଧିଥିବା ଶହ ଶହ ଛୋଟ ବାନା ଛିଣ୍ଡି ଦଧିନଉତି ଉପରେ ପଡ଼ିରହିଛି । ଧାର୍ମିକ ବିଶ୍ୱାସ ଅନୁଯାୟୀ, ପତିତପାବନ ବାନାରେ ଶୂନ୍ୟ ଗଣ୍ଠି ପଡ଼ିବାକୁ ଶୁଭ ସଙ୍କେତ ଭାବେ ବିବେଚନା କରାଯାଏ । ଏହାକୁ ମହାପ୍ରଭୁଙ୍କ କୃପା ଓ ବିପଦରୁ ରକ୍ଷା ମିଳିବାର ସଙ୍କେତ ବୋଲି କେତେକ ଶ୍ରଦ୍ଧାଳୁ ବିଶ୍ୱାସ କରନ୍ତି । ତେଣୁ ବାନାରେ ଶୂନ୍ୟ ଗଣ୍ଠି ପଡ଼ିବା ପରେ ବାତ୍ୟାକୁ ନେଇ ଭକ୍ତଙ୍କ ମଧ୍ୟରେ ବିଭିନ୍ନ ଆଲୋଚନା ହେଉଛି । ତେବେ ଏହା ଧାର୍ମିକ ବିଶ୍ୱାସ ହୋଇଥିବା ବେଳେ ବାତ୍ୟାର ଗତି ଓ ପ୍ରଭାବ ପାଣିପାଗ ବିଭାଗର ସୂଚନା ଆଧାରରେ ହିଁ ଆକଳନ କରାଯାଏ । ଅନ୍ୟପକ୍ଷରେ, ଶ୍ରୀମନ୍ଦିର ପ୍ରଶାସନର ସୂଚନା ଅନୁଯାୟୀ, ପାଗ ଶାନ୍ତ ହେବା ପରେ ଚୂନରା ସେବାୟତମାନେ ଶ୍ରୀମନ୍ଦିର ଉପରକୁ ଯାଇ ପୁରୁଣା ବାନା ପରିବର୍ତ୍ତନ କରି ନୂଆ ବାନା ଲଗାଉଛନ୍ତି ।

ନଭେମ୍ବର ୧୮ରୁ ବିଧାନସଭା ଶୀତକାଳୀନ ଅଧିବେଶନ

ଭୁବନେଶ୍ୱର, ୨୮/୧୦ (ଆ.ପ୍ର) : ନଭେମ୍ବର ୧୮ ତାରିଖରୁ ୧୭ତମ ବିଧାନସଭାର ୮ମ ଅଧିବେଶନ ଅର୍ଥାତ୍ ୨୦୨୬ ବର୍ଷର ଶୀତକାଳୀନ ଅଧିବେଶନ ଅନୁଷ୍ଠିତ ହେବ । ଏହି ଅଧିବେଶନ ଡିସେମ୍ବର ୩୧ ତାରିଖ ଯାଏଁ ଚାଲିବ । ଆଜି (ବୁଧବାର) ଏନେଇ ବିଧାନସଭା ସଚିବଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନାନୁସାରେ, ଏହି ୧୩ ଦିନିଆ ଅଧିବେଶନରେ ନଭେମ୍ବର ୨୨, ୨୪, ୨୮, ୨୯, ଡିସେମ୍ବର ୬, ଡିସେମ୍ବର ୧୨ ଓ ୧୩, ୨୦, ୨୫, ୨୬ ଓ ୨୭ ତାରିଖ ବନ୍ଦ ରହିବ । ଏହା ମଧ୍ୟରେ ନଭେମ୍ବର ୨୦, ଡିସେମ୍ବର ୪, ୧୧, ୧୮, ୨୯ ଓ ୩୧ ତାରିଖରେ ବେସରକାରୀ ସଦସ୍ୟ କାର୍ଯ୍ୟ ଦିବସ ଧାର୍ଯ୍ୟ କରାଯାଇଛି । ଅର୍ଥାତ୍ ବିଧାନସଭା ସମୁଦାୟ ୩୩ ଦିନ ଚାଲିବ ଏବଂ ଏହା ମଧ୍ୟରୁ ୨୫ ଦିନ ସରକାରୀ କାର୍ଯ୍ୟ ଦିବସ ରହିଛି । ନଭେମ୍ବର ୧୮ ତାରିଖରେ ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପିତ ହେବ । ନଭେମ୍ବର ୨୫, ୨୬, ୨୭ରେ ବଜେଟ୍ ନେଇଆଲୋଚନା ହେବ । ନଭେମ୍ବର ୩୦ରେ ଅତରିକ୍ତ ବଜେଟ୍ ଉପରେ ବିନିଯୋଗ ବିଧେୟକ ଆଗତ ହେବ । ଏହି ଅଧିବେଶନରେ ବିରୋଧୀ ଦଳ ନିକଟରେ ଶାସକ ବିଜେପିକୁ ଘେରିବାକୁ କୋଟିଆରେ ଆନ୍ଧ୍ରର ପଂଚାୟତ ନିର୍ବାଚନ ଉଦ୍ୟମ, କେନ୍ଦ୍ରର ଏମ୍‌ଏମ୍‌ଡିଆର ଆଇନ, ଏସ୍‌ଆଇଆର, ମହାନଦୀ ଜଳ ବିବାଦ ଓ ରାଜ୍ୟରେ ରାସ୍ତାଘାଟର ସ୍ଥିତି, ଦୁର୍ବଳ ନଦୀବନ୍ଧ ଆଦି ପ୍ରସଙ୍ଗ ରହିଛି । ଅପରପକ୍ଷରେ, ବିଜେପି ପକ୍ଷରୁ ମଧ୍ୟ ଏକାଧିକ ବିଲ୍‌ର ସଂଶୋଧନ, ବାତ୍ୟା ଅର୍ଣ୍ଣବର ସଫଳତା ଆଦି ପ୍ରସଙ୍ଗରେ ବିରୋଧୀ ଦଳ ଉପରେ ନିଜର ଦବଦବା ରଖିବାକୁ ରଣନୀତି ପ୍ରସ୍ତୁତ କରିଛି ।

ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବ ଓ ମୁକାବିଲାର ସମୀକ୍ଷା କଲେ ରାଜ୍ୟପାଳ

ଭୁବନେଶ୍ୱର: ଓଡ଼ିଶାରେ ବାତ୍ୟା 'ଅର୍ଣ୍ଣବ' ର ପ୍ରଭାବ ଓ ମୁକାବିଲା ନେଇ ରାଜ୍ୟସରକାର ନେଇଥିବା ପଦକ୍ଷେପ ଉପରେ ଆଜି (ବୁଧବାର) ରାଜ୍ୟପାଳ ହରି ମୋହନ ଭାମ ସମୀକ୍ଷା କରିଛନ୍ତି । ଶୂନ୍ୟ ଜୀବନହାନି ସୁନିଶ୍ଚିତ କରିବା ସହ ଫସଲ କ୍ଷୟକ୍ଷତିକୁ ସର୍ବନିମ୍ନ ସ୍ତରରେ ରଖିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି । ବୁଧବାର ଲୋକଭବନଠାରେ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ ରାଜ୍ୟପାଳଙ୍କୁ ଭେଟି ବାତ୍ୟା ସମ୍ପର୍କରେ ତଥ୍ୟ ରଖିଥିଲେ । ଲୋକଙ୍କ ଜୀବନ ଓ ସମ୍ପତିର ସୁରକ୍ଷା ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ । ଗଜପତି, ମାଲକାନଗିରି ଓ ରାୟଗଡ଼ା ସମେତ ଦକ୍ଷିଣ ଓଡ଼ିଶାର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ବିଷୟରେ ଶ୍ରୀ ପାଟିଲ ସୂଚନା ଦେଇଥିଲେ । ଯଦିଓ ବାତ୍ୟା ସିଧାସଳଖ ଓଡ଼ିଶା ଉପକୂଳରେ ସ୍ଥଳଭାଗ ଛୁଇଁନାହିଁ, ତଥାପି ପ୍ରବଳ ବର୍ଷା ଓ ଏହାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ରାଜ୍ୟରେ ସତର୍କତା ଅବଲମ୍ବନ କରାଯାଇଛି ବୋଲି କହିଥିଲେ । ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ସଫଳତା ଏବଂ ମିଳିତ ଜାତିସଂଘ ଓ ବିଶ୍ୱବ୍ୟାଙ୍କ ଭଳି ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ଦ୍ୱାରା ଏକ ଆଦର୍ଶ ରାଜ୍ୟ ଭାବେ ଏହାର ସ୍ୱୀକୃତି ସମ୍ପର୍କରେ ମଧ୍ୟ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା । ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପରେ ସନ୍ତୋଷ ପ୍ରକାଶ କରି ରାଜ୍ୟପାଳ ସମସ୍ତ ସମ୍ପୃକ୍ତ ବିଭାଗ ଓ ସଂସ୍ଥା ମଧ୍ୟରେ ନିରନ୍ତର ସମନ୍ୱୟ ଓ ସତର୍କତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ ।

ସହରାଂଚଳରେ ପ୍ରାକୃତିକ ଜଳ ନିଷ୍କାସନ ପଥ ଓ ଜଳାଶୟ ସୁରକ୍ଷା ପାଇଁ ପ୍ରସ୍ତୁତ ହେବ ଏସ୍‌ଓପି

ଭୁବନେଶ୍ୱର, ୨୮/୧୦ (ଆ.ପ୍ର) : ସହରାଂଚଳରେ ଜଳବନ୍ଦୀ ଓ ବନ୍ୟା ସମସ୍ୟା ହ୍ରାସ କରିବା ସହ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥା ଓ ଜଳାଶୟଗୁଡ଼ିକର ସୁରକ୍ଷା ପାଇଁ ଏକ ରାଜ୍ୟବ୍ୟାପୀ ଢାଂଚା ପ୍ରସ୍ତୁତ କରିବା ପ୍ରସଙ୍ଗରେ ଆଜି (ବୁଧବାର) ଗୃହ ଓ ନଗର ଉନ୍ନୟନ ବିଭାଗର ଏକ ସଚିବସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ପ୍ରାକୃତିକ ଜଳ ନିଷ୍କାସନ ପଥ, ଜଳାଶୟ, ଆର୍ଦ୍ରଭୂମି ଓ ବନ୍ୟାଜଳ ସଂରକ୍ଷଣ କ୍ଷେତ୍ରଗୁଡ଼ିକର ଚିହ୍ନଟ, ସୁରକ୍ଷା, ପୁନରୁଦ୍ଧାର ଓ ନିୟମିତ ନିରୀକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି । ଭୁବନେଶ୍ୱରସ୍ଥିତ ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଅଧ୍ୟକ୍ଷତା କରିଥିଲେ । ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ମୁଖ୍ୟଯନ୍ତ୍ରୀ ତଥା ଅତିରିକ୍ତ ସଚିବ ଭାଗ୍ୟଧର ମହାନ୍ତି, ଜଳସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ (ଡ୍ରେନେଜ୍), ନଗର ଯୋଜନାବିଦ୍ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀମାନେ ଯୋଗ ଦେଇଥିଲେ । ବୈଠକରେ, ଜଳ ନିଷ୍କାସନ ପଥ, ପୋଖରୀ, ଆର୍ଦ୍ରଭୂମି ଓ ଅନ୍ୟାନ୍ୟ ବନ୍ୟାଜଳ ସଂରକ୍ଷଣ କ୍ଷେତ୍ରଗୁଡ଼ିକର ବ୍ୟବସ୍ଥିତ ଚିହ୍ନଟ ଓ ମାନଚିତ୍ର ପ୍ରସ୍ତୁତି ନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଥିଲେ । ବିଶେଷକରି ଜଳବନ୍ଦୀ ଓ ବନ୍ୟାପ୍ରବଣ ଅଂଚଳଗୁଡ଼ିକୁ ପ୍ରାଥମିକତା ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ପ୍ରସ୍ତାବିତ ଏସ୍‌ଓପିର ମୁଖ୍ୟ ନୀତି ହେଉଛି 'ପ୍ରାକୃତିକ ଜଳ ନିଷ୍କାସନ ଓ ବନ୍ୟାଜଳ ସଂରକ୍ଷଣ କ୍ଷମତାରେ କୌଣସି ନିଟ୍ କ୍ଷତି ନହେବା' ପ୍ରାକୃତିକ ଜଳ ନିଷ୍କାସନ ପଥଗୁଡ଼ିକୁ ଜବରଦଖଲ, ଅନଧିକୃତ ପୋତିବା, ଅବରୋଧ ଓ ଜଳ ପ୍ରବାହର ଦିଗ ପରିବର୍ତ୍ତନ ଭଳି କାର୍ଯ୍ୟରୁ ସୁରକ୍ଷିତ ରଖିବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ ।

ଏସ୍‌ଆଇଆର ଶୁଣାଣି ବେଳେ ନିର୍ବାଚନ କମିଶନଙ୍କୁ ପ୍ରଶ୍ନବାଣରେ ଘାଇଲା କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୮/୧୦(ନ୍ୟୁ.ଏ): ଭାରତୀୟ ନିର୍ବାଚନ କମିଶନଙ୍କୁ ପ୍ରଶ୍ନବାଣରେ ଘାଇଲା କରିଛନ୍ତି ସୁପ୍ରିମକୋର୍ଟ । ନିର୍ବାଚନ କମିଶନ ଭୋଟର ପଞ୍ଜିକରଣ ପାଇଁ ଉପଲବ୍ଧ ଥିବା ଫର୍ମ ୬,୭,୮କୁ ମନଇଚ୍ଛା ବ୍ୟବହାର କରିପାରିବେ ନାହିଁ । ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର ବେଳେ ନିର୍ବାଚନ କମିଶନ ନିଜର ମୁଣ୍ଡ ଖଟାଉଛନ୍ତି ? ନିର୍ବାଚନ କମିଶନ ଦିଲ୍ଲୀ ଭୋଟର ତାଲିକାର ଡ୍ରାଫ୍ଟ ଲିଷ୍ଟ ପ୍ରସ୍ତୁତ କରିବା ବେଳେ ମୁଣ୍ଡ ଖଟାଇଥିଲେ କି ନାହିଁ ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି ସର୍ବୋଚ୍ଚ ଅଦାଲତ । ୨୦୨୬ ଭୋଟର ତାଲିକାରେ ନାଁ ଥିବା ଲୋକମାନେ ଠିକଣା ପରିବର୍ତ୍ତନ କରିବା ପରେ କାହିଁକି ସେମାନଙ୍କୁ ନୂଆ ଭୋଟର ପାଇଁ ଉପଲବ୍ଧ ଫର୍ମ ୬ ପୂରଣ କରିବାକୁ କୁହାଯାଉଛି ବୋଲି ନିର୍ବାଚନ କମିଶନଙ୍କୁ ପ୍ରଶ୍ନ କରିଛନ୍ତି ସୁପ୍ରିମକୋର୍ଟ । ଯେଉଁ ମତଦାତାମାନେ ସେମାନଙ୍କ ଗଣନା ଫର୍ମ ଦାଖଲ କରିନାହାନ୍ତି କିମ୍ବା ପୂର୍ବ ଠିକଣା ବଦଳାଇ ଦେଇଛନ୍ତି, ସେଭଳି ଲୋକଙ୍କୁ ଠିକଣା ପରିବର୍ତ୍ତନ ପାଇଁ ଉପଲବ୍ଧ ଫର୍ମ ୮କୁ ପୂରଣ କରିବାକୁ ଅନୁମତି ଦେବାକୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦିଆଯାଇଛି । ଏକଥା ଶୁଣିବା ପରେ ଆପତି ଦାଖଲ କରିବା ପାଇଁ କମିଶନ ଅକ୍ଟୋବର ୩୦ର ଧାର୍ଯ୍ୟ ସମୟକୁ ବୃଦ୍ଧି କରିବେ ବୋଲି କୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ରି ମୋହନାଙ୍କ ଖଣ୍ଡପୀଠ ନିର୍ବାଚନ କମିଶନ ଧାର୍ଯ୍ୟ କରିଥିବା ଅକ୍ଟୋବର ୩୦ ସମୟସୀମା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ଖଣ୍ଡପୀଠଙ୍କ କହିବା କଥା ଯେ ଦେଶର ରାଜଧାନୀରେ ଏବେ କୌଣସି ନିର୍ବାଚନ ନାହିଁ । ତେଣୁ ନାମ ପଞ୍ଜିକରଣ ପାଇଁ କଟ ଅଫ ତାରିଖ ଧାର୍ଯ୍ୟ କରିବାର କାରଣ କ'ଣ ? ଯେଉଁ ଭୋଟରମାନେ ବିଭିନ୍ନ କାରଣରୁ ନିଜର ପଞ୍ଜିକରଣ ଫର୍ମ ଦାଖଲ କରିପାରି ନାହାନ୍ତି, ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଗୋଟିଏ ସରଳ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛନ୍ତି ଖଣ୍ଡପୀଠ । ଅସ୍ଥାୟୀ ଭାବେ ପଞ୍ଜିକୃତ ଠିକଣା ପରିବର୍ତ୍ତନ କରିଥିବା ଭୋଟରଙ୍କ ସହ ହୋଇଥିବା ବ୍ୟବହାରକୁ ନେଇ ଶୁଣାଣି ବେଳେ ଚିନ୍ତା ପ୍ରକଟ କରିଛନ୍ତି ଖଣ୍ଡପୀଠ । ଯଦି କେହି ଅସ୍ଥାୟୀ ଭାବେ ନିଜର ପଞ୍ଜିକୃତ ଠିକଣାରେ ନାହାନ୍ତି ଓ ଏହି ସମୟରେ ସେହି ଠିକଣାରେ ବୁଥସ୍ତରୀୟ ଅଧିକାରୀମାନେ ଗଣନା ଫର୍ମ ଧରି ପହଂଚୁଛନ୍ତି, ତା'ହେଲେ ସେମାନଙ୍କ ସହ ଏବେ କରାଯାଉଥିବା ବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ । ଯଦି କେହି ଠିକଣା ସମୟରେ ଫର୍ମ ଦାଖଲ କରୁଛନ୍ତି, ତେବେ ସେଭଳି ଲୋକଙ୍କ ଠାରୁ ଭୋଟଦାନର ଅଧିକାର କ'ଣ ଛଡ଼ାଇ ନିଆଯିବ ? ଭୋଟ ଦାନର ଅଧିକାର ଗୋଟିଏ ପ୍ରମୁଖ କାମ । ଠିକଣା ସମୟରେ ଫର୍ମ ଦାଖଲ ନ କଲେ, କ'ଣ ଜଣେ ଭୋଟରଙ୍କ ନାଁ ତାଲିକାରୁ କାଟି ଦିଆଯିବ ବୋଲି ପ୍ରଶ୍ନ କରିଛନ୍ତି ଜଷ୍ଟିସ ଜୟମାଲ୍ୟ ବାଗଚୀ । ନିର୍ବାଚନ କମିଶନଙ୍କୁ ଖଣ୍ଡପୀଠ ଆହୁରି ପ୍ରଶ୍ନ କରିଛନ୍ତି ଯେ ୨୦୨୬ ଭୋଟର ତାଲିକାରେ ଯେଉଁମାନଙ୍କ ନାଁ ଥିଲା, ସେମାନଙ୍କୁ ଠିକଣା ପରିବର୍ତ୍ତନ ପରେ କାହିଁକି ନୂଆ ଭୋଟରଙ୍କ ପାଇଁ ଉପଲବ୍ଧ ଫର୍ମ ୬ ଦାଖଲ କରିବାକୁ କୁହାଯାଉଛି ? ଏଭଳି ଭୋଟରଙ୍କ ପାଇଁ କାହିଁକି ଫର୍ମ ୮ର ବ୍ୟବହାର କରାଯାଉ ନାହିଁ ବୋଲି ବିସ୍ତୃତ ଭାବେ କହିବାକୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ।

ସିବିସି ଓ ପିଆଇବି ଭୁବନେଶ୍ୱର ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ

ଭୁବନେଶ୍ୱର, ୨୮/୧୦ (ଆ.ପ୍ର) : ଭାରତ ସରକାରଙ୍କ କେନ୍ଦ୍ରୀୟ ସଂଚାର ବ୍ୟୁରୋ (ସିବିସି) ଏବଂ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଆଜି ଭୁବନେଶ୍ୱର ଠାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଇଛି । ଚଳିତ ବର୍ଷର ବାର୍ତ୍ତା ରହିଛି ''ସମୃଦ୍ଧି ପାଇଁ ସଚ୍ଚୋଟତା'' । ଏହି କାର୍ଯ୍ୟକ୍ରମରେ ପ୍ରଶାସନିକ କ୍ଷେତ୍ରରେ ସଚ୍ଚୋଟତା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଉପରେ ଆଲୋକପାତ କରାଯିବା ସହିତ ନୈତିକ ମୂଲ୍ୟବୋଧ ଏବଂ ଦୁର୍ନୀତି ନିବାରଣର ପ୍ରୋତ୍ସାହନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । କାର୍ଯ୍ୟକ୍ରମରେ ପିଆଇବି ଓ ସିବିସି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଶ୍ରୀ ଅଖିଳ କୁମାର ମିଶ୍ର; ଏନଏବିଏମର ଉପ ମହାନିର୍ଦ୍ଦେଶକ ଶ୍ରୀ ଭି.ଏମ. ରାଜ୍ ପ୍ରସାଦ, ଦୂରଦର୍ଶନ ଭୁବନେଶ୍ୱରର ଉପନିର୍ଦ୍ଦେଶକ ଡକ୍ଟର ଅଭିଷେକ ମିଶ୍ରା ଯୋଗ ଦେଇଥିଲେ । ଅତିଥିମାନେ ଦୁର୍ନୀତି ନିବାରଣ ଲାଗି ସଚେତନତା ଏବଂ ପ୍ରଶାସନିକ ସେବା କ୍ଷେତ୍ରରେ ସଚ୍ଚୋଟତାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ । ଶ୍ରୀ ଅଖିଳ କୁମାର ମିଶ୍ର ତାଙ୍କ ବକ୍ତବ୍ୟରେ ସଚ୍ଚୋଟତା ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ କେବଳ ସ୍ୱାଧୀନ ଭାରତର ପ୍ରଥମ ଗୃହ ମନ୍ତ୍ରୀ ନଥିଲେ, ବରଂ ସେ ଦେଶର ପ୍ରଥମ ସୂଚନା ଓ ପ୍ରସାରଣ ମନ୍ତ୍ରୀ ମଧ୍ୟ ଥିଲେ । ସେ ସରକାରୀ କର୍ମଚାରୀମାନଙ୍କୁ ନିଜର ଦୈନନ୍ଦିନ କାର୍ଯ୍ୟ ସମ୍ପର୍କରେ ଆତ୍ମସମୀକ୍ଷା କରିବା ଏବଂ ନିଜ ଦାୟିତ୍ୱ ପ୍ରତି ପ୍ରତିବଦ୍ଧ ରହିବାକୁ ପରାମର୍ଶ ଦେଇଥିଲେ । ପ୍ରକୃତ ସଚ୍ଚୋଟତା କେବଳ ନିୟମ କିମ୍ବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଭୟରୁ ଆସେ ନାହିଁ, ବରଂ ଏହା ବ୍ୟକ୍ତିର ଅନ୍ତରାତ୍ମା ଏବଂ ଦାୟିତ୍ୱବୋଧରୁ ସୃଷ୍ଟି ହୋଇଥାଏ ବୋଲି ଶ୍ରୀ ମିଶ୍ର କହିଥିଲେ ।

ରାଷ୍ଟ୍ରପତିଙ୍କ ପାଖରେ କୋଟିଆ ବିବାଦ

ଭୁବନେଶ୍ୱର, ୨୮/୧୦ (ଆ.ପ୍ର) : କୋଟିଆରେ ଆନ୍ଧ୍ର ପଂଚାୟତ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ କରିବା ପରେ ଏହାକୁ ନେଇ ବିବାଦ ବଢ଼ିବାରେ ଲାଗିଛି । କୋଟିଆ ସୀମରେ ଚେକ ପୋଷ୍ଟ କରି ଯାଂଚ କରୁଛି ଓଡ଼ିଶା ପୁଲିସ । ଏହାରି ଭିତରେ ରାଷ୍ଟ୍ରପତିଙ୍କ ପାଖରେ ପହଂଚିଛି ବିବାଦ । ସେପଟେ କିଛି ଲୋକଙ୍କ ଦୁଇ ରାଜ୍ୟରେ ଭୋଟର ତାଲିକାରେ ନାଁ ଥିବାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି । କୋଟିଆକୁ ନେଇ ପଡ଼ୋଶି ଆନ୍ଧ୍ର ସହ ବିବାଦ ବଢିବାରେ ଲାଗିଛି । ଆଉ ୫ ଦିନ ପରେ ଅର୍ଥାତ୍ ନଭେମ୍ବର ୩ ତାରିଖରେ କୋଟିଆରେ ତିନିଟି ଗାଁରେ ନିର୍ବାଚନ କରିବ ଆନ୍ଧ୍ର । ଯାହାକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଛି । ଏହାରି ଭିତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟରେ ପହଂଚିଛି ବିବାଦ । ଏଥିରେ ହସ୍ତକ୍ଷେପ କରିଛି ରାଷ୍ଟ୍ରପତିଙ୍କ ସଚିବାଳୟ । ଜୟପୁରର ମାନବାଧିକାର କର୍ମୀ ଅନୁପ କୁମାର ପାତ୍ରଙ୍କ ଆବେଦନକୁ ଗ୍ରହଣ କରି କେନ୍ଦ୍ର ଗୃହ ମନ୍ତ୍ରାଳୟକୁ ରିପୋର୍ଟ ମାଗିଛନ୍ତି ସେକ୍ରେଟାରି କୁଳଚନ୍ଦ୍ର କୁମାର । କୋଟିଆ ଅଂଚଳର ଭିତିଭୂମି ସମସ୍ୟା ଓ ସୀମା ବିବାଦ ସମାଧାନ ଦିଗରେ ନିଆଯାଇଥିବା ପଦକ୍ଷେପ ବିଷୟରେ ବୃତ୍ତାନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆନ୍ଧ୍ରର ନିର୍ବାଚନ କରିବା ନେଇ ଜିଦ ଭିତରେ ସତର୍କ ହୋଇଛି ଓଡ଼ିଶା । ଲଗାଣ ବର୍ଷା ଭିତରେ କୋଟିଆ ସୀମାରେ ଜଗିରହିଛନ୍ତି ଓଡ଼ିଶା ପୁଲିସ ଓ ଯବାନ । ଏକାଧିକ ସ୍ଥାନରେ ଚେକ ପୋଷ୍ଟ କରାଯାଇଛି । ଯେଉଁମାନେ କୋଟିଆ ଭିତରକୁ ପ୍ରବେଶ କରୁଛନ୍ତି, ସେମାନଙ୍କ ଆଇ କାର୍ଡ ଯାଂଚ କରାଯାଉଛି । ସେପଟେ କୋଟିଆରେ ଏସଆଇଆର ଶେଷ ହୋଇଥିବା ବେଳେ କପରି ଦୁଇ ରାଜ୍ୟରେ ଭୋଟର ଲିଷ୍ଟରେ ନାମ ଆସୁଛି ବୋଲି ପ୍ରଶ୍ନ କରିଛନ୍ତି ବିଜେଡି ଉପନେତା ପ୍ରସନ୍ନ ଆଚାର୍ଯ୍ୟ । ଯାହାର ଯବାବ ରଖି ରାଜସ୍ୱ ମନ୍ତ୍ରୀସୁରେଶ ପୂଜାରୀ କହିଛନ୍ତି, କୋଟିଆରେ ଓଡ଼ିଶା ପ୍ରଥମେ ଏସଆଇଆର ଏବଂ ଜନଗଣନା କରିଥିଲା ପରେ ଆନ୍ଧ୍ର ଏଥିରେ ଜାଡିଆଡି କରି ଏସଆଇଆର ଏବଂ ଜନଗଣନା କରିଛି ।

୭୦ ବର୍ଷର ପରମ୍ପରା, ମା' ଗଜଲକ୍ଷ୍ମୀଙ୍କ ପୀଠରେ ଭକ୍ତଙ୍କ ଭିଡ଼

ବାସୁଦେବପୁର, ୨୮/୧୦ (ଆ.ପ୍ର) : ଧର୍ମ ଓ ଆଧ୍ୟାତ୍ମିକତାର ମହାମିଳନ, ଭକ୍ତିମୟ ପରିବେଶରେ ଝଲସୁଛି ପୂଜାମଣ୍ଡପ । ଚାରିଆଡ଼େ ରଙ୍ଗବେରଙ୍ଗ ଆଲୋକର ସମ୍ଭାର, ଘଂଟଘଂଟା ଓ ମନ୍ତ୍ରଧ୍ୱନିରେ ପ୍ରକମ୍ପିତ ହେଉଛି ପରିବେଶ । ଦୀର୍ଘ ୭୦ ବର୍ଷର ପରମ୍ପରାକୁ ନେଇ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଲକ୍ଷ୍ମୀଦାସପୁର ଗ୍ରାମ ପଂଚାୟତର ଲକ୍ଷ୍ମୀ ପଡ଼ିଆରେ ଅନୁଷ୍ଠିତ ହେଉଛି ମା' ଗଜଲକ୍ଷ୍ମୀଙ୍କ ପୂଜା । ମା'ଙ୍କ ଦର୍ଶନ ପାଇଁ ଏଠାରେ ଜମୁଛି ଶହ ଶହ ଭକ୍ତଙ୍କ ସମାଗମ । ଆସନ୍ତୁ ଦେଖିବା ଏହି ଆଧ୍ୟାତ୍ମିକ ମହୋତ୍ସବର ଏକ ସ୍ୱତନ୍ତ୍ର ଚିତ୍ର । ବାଜୁଛି ଘଂଟ, ଶୁଭୁଛି ମନ୍ତ୍ରଧ୍ୱନି ଭକ୍ତି ଓ ଭାବନାରେ ମା'ଙ୍କ ଆରାଧନାରେ ମଗ୍ନ ଭକ୍ତ । ଏ ହେଉଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀଦାସପୁର ଗ୍ରାମ ପଂଚାୟତର ଲକ୍ଷ୍ମୀ ପଡ଼ିଆ । ଏଠାରେ ମା' ଗଜଲକ୍ଷ୍ମୀ ସାର୍ବଜନୀନ ଅନୁଷ୍ଠାନ ପକ୍ଷରୁ ମହାଆଡ଼ମ୍ବରରେ ପାଳିତ ହେଉଛି ମା' ଗଜଲକ୍ଷ୍ମୀଙ୍କ ପୂଜା । ଦୀର୍ଘ ୭୦ ବର୍ଷର ପୁରାତନ ପରମ୍ପରାକୁ ଆଜି ବି ବଜାୟ ରଖିଛନ୍ତି ଗ୍ରାମବାସୀ । ପାରମ୍ପରିକ ରୀତିନୀତି ଅନୁସାରେ ପୂର୍ଣ୍ଣାହୁତି ଭଳି ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମରେ ମା'ଙ୍କ ଆରାଧନା କରାଯାଉଛି । କେବଳ ପୂଜାର୍ଚ୍ଚନା ନୁହେଁ, ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ । ଗାଁର ପିଲାମାନଙ୍କ ଦ୍ୱାରା ନାଟକ ଓ ଯାତ୍ରା ପରିବେଷଣ ଉତ୍ସବକୁ ଆହୁରି ଆକର୍ଷଣୀୟ କରିବ । ଏଥିସହିତ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ମଧ୍ୟ ବ୍ୟବସ୍ଥା ହୋଇଛି । ମା'ଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରିବା ପାଇଁ ବାସୁଦେବପୁର ବ୍ଲକର ବିଭିନ୍ନ ଅଂଚଳରୁ ଶହ ଶହ ଭକ୍ତଙ୍କ ଭିଡ଼ ଜମୁଛି । ଭକ୍ତିମୟ ପରିବେଶ ଓ ଉତ୍ସବର ଆକର୍ଷଣ ମଧ୍ୟରେ ଏଠାରେ ଫୁଟି ଉଠୁଛି ଗ୍ରାମୀଣ ସଂସ୍କୃତି ଓ ଭାଇଚାରାର ନିଆରା ଚିତ୍ର । ଏହି ପୂଜା ମଣ୍ଡପରେ ବାସୁଦେବପୁରର ପୂର୍ବତନ ବିଧାୟକ ଶ୍ରୀ ବିଷ୍ଣୁବ୍ରତ ରାଉତରାୟ, ବର୍ତ୍ତମାନର ବିଧାୟକ ଅଶୋକ କୁମାର ଦାସ, ବିଜେଡି ବ୍ଲକ ସଭାପତି ଦିନବନ୍ଧୁ ଦାସ ଏବଂ ଜିଲ୍ଲା ପରିଷଦଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ଘଡ଼େଇ ପ୍ରମୁଖ ଯୋଗଦେଇ ମା'ଙ୍କ ଦର୍ଶନ କରିଥିଲେ । ମା' ଗଜଲକ୍ଷ୍ମୀ ସାର୍ବଜନୀନ ଅନୁଷ୍ଠାନର ସଭାପତି ସୁବାଷ ଚନ୍ଦ୍ର ପ୍ରଧାଣ, ସମ୍ପାଦକ ଅକ୍ଷୟ କୁମାର ଦଳଙ୍କ ସମେତ ଅନୁଷ୍ଠାନର ସଦସ୍ୟ ଓ ଗ୍ରାମବାସୀମାନେ ପୂଜା ଆୟୋଜନରେ ସହଯୋଗ କରିଛନ୍ତି । ୭୦ ବର୍ଷର ପରମ୍ପରା, ଅଗାଢ଼ ଭକ୍ତି ଓ ଗ୍ରାମବାସୀଙ୍କ ଏକତାର ପ୍ରତୀକ ପାଲଟିଛି ଲକ୍ଷ୍ମୀଦାସପୁରର ମା' ଗଜଲକ୍ଷ୍ମୀ ପୂଜା ।

ବାତ୍ୟା ଭୟରେ ସିଲ୍ ହେଲା ଗାଜଲବାଡ଼ି ଘାଟି: ଗଛ ଉପୁଡ଼ି ରାସ୍ତା ଅବରୋଧ, ବିକଳ୍ପ ରାସ୍ତା ଉପରେ ନିର୍ଭର ଯାତ୍ରୀ

ବାଲିଗୁଡ଼ା, ୨୮/୧୦ (ଆ.ପ୍ର) : ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ଯୋଗୁଁ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ଅଂଚଳରେ ଜନଜୀବନ ପ୍ରଭାବିତ ହୋଇଛି । ବିଭିନ୍ନ ସ୍ଥାନରେ ଗଛ ଡାଳ ଓ ପତ୍ର ରାସ୍ତା ଉପରେ ପଡ଼ି ଯାତାୟାତ ରେ ବାଧା ସୃଷ୍ଟି କରିଥିବା ବେଳେ ଭୂସ୍ଖଳନ ଆଶଙ୍କାକୁ ଦୃଷ୍ଟିରେ ରଖି କନ୍ଧମାଳ-ଗଞ୍ଜାମକୁ ସଂଯୋଗ କରୁଥିବା ଗାଜଲବାଡ଼ି ଘାଟିକୁ ଉଭୟ ପଟରୁ ବନ୍ଦ କରିଦିଆଯାଇଛି । ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଯାତ୍ରୀ, ପର୍ଯ୍ୟଟକ ଓ ଗାଡ଼ି ଚାଳକମାନେ ଅସୁବିଧାରେ ପଡ଼ିଛନ୍ତି । ବାତ୍ୟାର ସମ୍ଭାବ୍ୟ ବିପଦକୁ ଆଖିଆଗରେ ରଖି କନ୍ଧମାଳ ଜିଲ୍ଲାପାଳ ଦେବଭୂଷଣଙ୍କ ନିର୍ଦ୍ଦେଶ କ୍ରମେ ଦାରିଙ୍ଗବାଡ଼ି ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଦାରିଙ୍ଗବାଡ଼ି ବିଡିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଧୀରଜ ପାତ୍ର ଓ ଥାନାଧିକାରୀ ସଂଗ୍ରାମ କେଶରୀ ଜେନାଙ୍କ ଉପସ୍ଥିତିରେ ଗଞ୍ଜାମ-କନ୍ଧମାଳ ସୀମାନ୍ତ ବାଇମାଳା ଚେକ୍ ଗେଟ୍‌ଠାରେ ରାସ୍ତାକୁ ବନ୍ଦ କରାଯାଇଛି । ସେଠାରେ ପୁଲିସ ମୁତୟନ ରହି ଯାନବାହନ ଚଳାଚଳ ଉପରେ ନଜର ରଖିଛି । ଦାରିଙ୍ଗବାଡ଼ି ପଟରୁ ଭଞ୍ଜନଗର, ସୋରଡ଼ା ଓ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଗାଡ଼ି ଗୁଡ଼ିକୁ ଗଞ୍ଜାମ ଜିଲ୍ଲା ଆଡ଼କୁ ଯିବାକୁ ଅନୁମତି ଦିଆଯାଉନାହିଁ । ସେହିପରି ଗଞ୍ଜାମ ପଟରୁ କନ୍ଧମାଳ ଆସୁଥିବା ଯାନବାହନକୁ ମଧ୍ୟ ଗାଜଲବାଡ଼ି ଘାଟି ଦେଇ ଯିବାକୁ ବାରଣ କରାଯାଇଛି । ସୋରଡ଼ା ଥାନା ଆଇଆଇସି ସୁନୀଲ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗଞ୍ଜାମ ପଟରେ ମଧ୍ୟ ପୁଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଉଲ୍ଲେଖଯୋଗ୍ୟ, ଗାଜଲବାଡ଼ି ଘାଟି ଅଣଓସାରିଆ ଓ ବିପଦପୂର୍ଣ୍ଣ ହୋଇଥିବାରୁ ବର୍ଷା ଋତୁରେ ଏଠାରେ ଭୂସ୍ଖଳନର ଆଶଙ୍କା ରହିଥାଏ । ପୂର୍ବରୁ ମଧ୍ୟ ବାତ୍ୟା ଓ ଲଘୁଚାପଜନିତ ବର୍ଷା ସମୟରେ ଏହି ଘାଟିରେ ଏକାଧିକ ଥର ଭୂସ୍ଖଳନ ଘଟିଥିବା ନଜିର ରହିଛି । ତେଣୁ ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ପ୍ରଶାସନ ଘାଟିକୁ ବନ୍ଦ କରିଛି । ଅନ୍ୟପକ୍ଷରେ, ରାସ୍ତା ଉପରେ ଗଛ ଭାଙ୍ଗି ପଡ଼ିଥିବାରୁ ସ୍ଥାନୀୟ ଅଂଚଳରେ ଚଳାଚଳ କରୁଥିବା ମୋ ବସ୍ ସେବା ମଧ୍ୟ ପ୍ରଭାବିତ ହୋଇଛି । ବ୍ରାହ୍ମଣୀଗାଁ, ଗଦାପୁର, ସରାମୁଳୀ, ହାତୀମୁଣ୍ଡା, ଡାମାଙ୍ଗି ଓ କାଟିଙ୍ଗିଆ ଅଂଚଳକୁ ଯାଉଥିବା ବସ୍ ଗୁଡ଼ିକ ରାସ୍ତାରେ ଅଟକି ରହିଥିବା ସୂଚନା ମିଳିଛି । ଫଳରେ ଯାତ୍ରୀଙ୍କ ଯାତାୟାତ ସହ ସ୍ଥାନୀୟ ଲୋକଙ୍କ ଦୈନନ୍ଦିନ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହୋଇଛି । ଗାଜଲବାଡ଼ି ଘାଟି ବନ୍ଦ ରହିଥିବାରୁ ଦାରିଙ୍ଗବାଡ଼ିରୁ ବ୍ରାହ୍ମଣୀଗାଁ ଦେଇ ଗଜପତି ଜିଲ୍ଲାର ଅଡ଼ବା ଓ ମୋହନା ହୋଇ ବ୍ରହ୍ମପୁର ଯିବା ରାସ୍ତା ଏବେ ବିକଳ୍ପ ମାର୍ଗ ଭାବେ ରହିଛି । ବାତ୍ୟାଜନିତ ପରିସ୍ଥିତିକୁ ଦେଖି ପ୍ରଶାସନ ପକ୍ଷରୁ ଘାଟି ଅଂଚଳରେ ନଜର ରଖାଯାଇଥିବା ବେଳେ ଯାତ୍ରୀମାନଙ୍କୁ ବିପଦପୂର୍ଣ୍ଣ ରାସ୍ତାରେ ଯାତାୟାତ ନକରିବାକୁ ପରାମର୍ଶ ଦିଆଯାଇଛି ।

ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ବାଲିଗୁଡ଼ାରେ ଲଗାଣ ବର୍ଷା ଜନଜୀବନ ଅସ୍ତବ୍ୟସ୍ତ : ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ

ବାଲିଗୁଡ଼ା, ୨୮/୧୦ (ଆ.ପ୍ର) : ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ଉପଖଣ୍ଡରେ ପାଗରେ ବ୍ୟାପକ ପରିବର୍ତ୍ତନ ଦେଖାଦେଇଛି । ଲଗାତାର ବର୍ଷା ସାଙ୍ଗକୁ କୋହଲା ପବନ ଯୋଗୁଁ ଶୀତର ପ୍ରକୋପ ବଢ଼ିଥିବା ବେଳେ ସାଧାରଣ ଜନଜୀବନ ଏକ ପ୍ରକାର ଅସ୍ତବ୍ୟସ୍ତ ହୋଇପଡ଼ିଛି । ବର୍ଷା ଓ ପବନ ଯୋଗୁଁ ବଜାରଘାଟ ଖାଁ ଖାଁ ଲାଗୁଥିବା ବେଳେ ଜରୁରୀ କାମ ନଥିଲେ ଲୋକେ ଘରୁ ବାହାରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି । ସୂଚନା ଅନୁଯାୟୀ, ବିଳମ୍ବିତ ରାତିରୁ ଅଂଚଳରେ ବର୍ଷା ସହ ପ୍ରବଳ ପବନ ଆରମ୍ଭ ହୋଇଥିଲା । ସକାଳେ କିଛି ସମୟ ପାଇଁ ବର୍ଷା ଓ ପବନର ତୀବ୍ରତା କମିଥିଲେ ମଧ୍ୟ ପୁଣି ସକାଳ ୧୦ଟାରୁ ପବନର ଝଟକା ସହ ବର୍ଷା ଆରମ୍ଭ ହୋଇଥିଲା । ଏହାର ପ୍ରଭାବରେ ଯାତାୟାତ ସହ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି । ବର୍ଷା ଓ ପାଗର ଗମ୍ଭୀରତାକୁ ଦୃଷ୍ଟିରେ ରଖି ୫୯ ନମ୍ବର ଜାତୀୟ ରାଜପଥର ଗାଜଲବାଡ଼ି ଘାଟି ରାସ୍ତାକୁ ଦ୍ୱିତୀୟ ଦିନ ପାଇଁ ବନ୍ଦ ରଖାଯାଇଛି । ଫଳରେ ରାୟପୁରରୁ ଗୋପାଳପୁର ମଧ୍ୟରେ ଏହି ରାସ୍ତା ଦେଇ ଯାନବାହନ ଚଳାଚଳ ଠପ୍ ହୋଇପଡ଼ିଛି । ଏଥିସହ ଦାରିଙ୍ଗବାଡ଼ିରୁ ସୋରଡ଼ା, ଭଞ୍ଜନଗର, ବ୍ରହ୍ମପୁର ଓ ଭୁବନେଶ୍ୱର ଅଭିମୁଖେ ଏହି ରାସ୍ତା ଦେଇ ଯାତାୟାତ ବନ୍ଦ ରହିଛି । ଘାଟି ରାସ୍ତା ବନ୍ଦ ଓ ଲଗାଣ ବର୍ଷା ଯୋଗୁଁ ବ୍ୟବସାୟିକ କାରବାର ମଧ୍ୟ ପ୍ରଭାବିତ ହୋଇଛି । ଅନ୍ୟ ପକ୍ଷରେ, ସମ୍ଭାବ୍ୟ ବାତ୍ୟା ପରିସ୍ଥିତିରେ ଲୋକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ବାଲିଗୁଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି । ସମସ୍ତ ପଂଚାୟତ କାର୍ଯ୍ୟାଳୟରେ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଏଡିଓମାନେ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିବା ସହ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିଛନ୍ତି । ଏହି ସମସ୍ତ ବ୍ୟବସ୍ଥାର ତଦାରଖ ବାଲିଗୁଡ଼ା ବିଡିଓ ଅକ୍ଷୟ କୁମାର ମଲ୍ଲିକ ଓ ତହସିଲଦାର ଦୀପ୍ତି ପ୍ରକାଶ ବେହେରା କରୁଛନ୍ତି । ଉଭୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ବ୍ଲକ ପ୍ରଶାସନ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ନିମନ୍ତେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି । ପାଗର ସ୍ଥିତି ଉପରେ ନଜର ରଖାଯାଇଥିବାବେଳେ ଲୋକଙ୍କୁ ସତର୍କ ରହିବା ସହ ଅଯଥାରେ ଘରୁ ବାହାରକୁ ନବାହାରିବାକୁ ପରାମର୍ଶ ଦିଆଯାଉଛି ।

ଲୁଟିବାରେ ବ୍ୟସ୍ତ ଘରୋଇ ଅର୍ଥ ଲଗାଣ ସଂସ୍ଥା

ଦଶପଲ୍ଲା, ୨୮/୧୦ (ଆ.ପ୍ର) : ଦଶପଲ୍ଲା ଏନଏସି ଓ ବ୍ଲକରେ ଧିରେ ଧିରେ ଘରୋଇ ଅର୍ଥ ଲଗାଣ ସଂସ୍ଥା ବଢ଼ିବାରେ ଲାଗିଛି । ଏହି ସଂସ୍ଥା ଗୁଡ଼ିକ ଋଣ ପ୍ରଦାନ କରି ଗ୍ରାହକଙ୍କୁ ଲୁଟିବାରେ ଲାଗିଛନ୍ତି ବୋଲି ଅଭିଯୋଗ ହୋଇଛି । ଫଳରେ ଅନେକ ମହିଳା ଆତ୍ମହତ୍ୟା କରିଥିବା ବେଳେ ଆଉ କେତେକ ଗାଁ ଛାଡ଼ି ପଳାଇ ଥିବା ଜଣାପଡିଛି । ମହିଳା ଗୋଷ୍ଠି ଅସମୟରେ ଘରୋଇ ସଂସ୍ଥା ଠାରୁ ଋଣ ଆକାରରେ ଅର୍ଥ ନେଉଛନ୍ତି ହେଲେ ଅଧିକ ସୁଧ ହୋଇଥିବା ବେଳେ ଠିକ୍ ସମୟରେ ଋଣ ସୁଝି ପାରୁନଥିବାରୁ ଘରୋଇ ସଂସ୍ଥାର କର୍ମଚାରୀମାନେ ଋଣକାରୀଙ୍କ ଘର ସମ୍ମୁଖରେ ବସି କଟୁ କଥା କହିବା ସହିତ ରାତିଅଧ ପର୍ଯ୍ୟନ୍ତ ରହି ଅନେକ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହେଉଛି । ଅନେକ ମହିଳା ଏହି ନିର୍ଯାତନା ସହ୍ୟ କରି ନପାରି ଆତ୍ମହତ୍ୟା ଭଳି ଘଟଣା ଘଟୁଥିବା ଜଣାପଡିଛି । ପ୍ରଶାସନ ନିକଟରେ କୌଣସି ଅଭିଯୋଗ ହେଉନଥିବାରୁ ଘରୋଇ ଲଗାଣ ସଂସ୍ଥା ଗୁଡ଼ିକ ନିଜର ଆଧିପତ୍ୟ ବିସ୍ତାର କରିବାରେ ଲାଗିପଡିଛନ୍ତି । ଏଥିଯୋଗୁଁ ଗାଁ ଗୁଡିକରେ ଅଶାନ୍ତ ବାତାବରଣ ଦେଖାଦେଉଛି । ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଗଲେ ଆଗାମୀ ଦିନରେ ଏଭଳି ଘଟଣା ଘଟିବ ନାହିଁ ବୋଲି ଜନସାଧାରଣରେ ଆଲୋଚନା ହେଉଅଛି ।

ପୁଣି ଯାଜପୁର ଟାଉନ୍ ଥାନା ପକ୍ଷରୁ ରାତି ଅଧରେ ବାଲି ଘାଟ ଉପରେ ଚଢ଼ାଉ



ଯାଜପୁର, ୨୮/୧୦ (ଆ.ପ୍ର) : ପୁଣି ରାତିରେ ବାଲି ଘାଟ ଉପରେ ଚଢ଼ାଉ କରିଛନ୍ତି ଯାଜପୁର ଟାଉନ୍ ଥାନା ଅଧିକାରୀ ଶିବ ଚରଣ ବେହେରା । ଚୋରା ଚାଲାଣ କରୁଥିବା ବାଲି ମାଫିଆମାନଙ୍କ ମଧ୍ୟରେ କୋଳୁଆ ଭୟ ସୃଷ୍ଟି ହୋଇଛି । ରାତି ଅଧରେ ମାର୍କଣ୍ଡପୁର ପଂଚାୟତର କମଳପୁର ଘାଟ ଠାରେ ଚୋରା ବାଲି ଚାଲାଣ ହେଉଥିବା ବେଳେ ଥାନା ଅଧିକାରୀ ଶିବ ଚରଣ ବେହେରା ହଠାତ୍ ପହଂଚି ଯାଇଥିଲେ । ଥାନା ଅଧିକାରୀଙ୍କୁ ଦେଖି ବାଲି ମାଫିଆ ମାନେ ଛତ୍ରଭଙ୍ଗ ହେଇଥିଲେ । ଏକ ଚୋରା ବାଲି ବୋଝେଇ ହାଓ୍ୱା ଟ୍ରକ୍‌କୁ ଜବତ କରାଯାଇ ଥାନାକୁ ଅଣାଯାଇଛି । ଜବତ୍ କରାଯାଇଥିବା ହାଓ୍ୱା ଟ୍ରକ୍‌ଟି ଭଦ୍ରକ ଜିଲ୍ଲାର । ଏଠାରୁ ଚୋରା ଚାଲାଣ ହେଉଥିବା ବାଲି ବୋଝେଇ ଟ୍ରକ ଗୁଡ଼ିକ ଆନ୍ତଃରାଜ୍ୟ ରେ ବହୁ ଅଧିକ ଦାମ୍ ରେ ବାଲି ବିକ୍ରି ହେଉଛି । ଯାହା ଫଳରେ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛି ରାଜ୍ୟ ସରକାର । ଯାଜପୁର ରୁ ବାହାର ଜିଲ୍ଲା କୁ ହାଓ୍ୱା ଟ୍ରକ୍ ମାଧ୍ୟମରେ ପ୍ରବଳ ମାତ୍ରାରେ ଚୋରା ଚାଲାଣ ହେଉଛି ଚୋରା ବାଲି । ଆଗକୁ ଆହୁରି ଚଢ଼ାଉ ଜୋରଦାର କରାଯିବ ବୋଲି ଥାନା ଅଧିକାରୀ ଶିବ ଚରଣ ବେହେରା କହିଛନ୍ତି ।

ହାଇଦ୍ରାବାଦରେ ଓଡ଼ିଆ ଦାଦନ ଶ୍ରମିକ ମୃତ

ପାତ୍ରପୁର, ୨୮/୧୦ (ଆ.ପ୍ର) : ଜରଡା ଥାନା ଖାରିଆଗୁଡା ଫାଣ୍ଡି ଅନ୍ତର୍ଗତ ପୁରୁଣ୍ଡି ଗ୍ରାମର ସ୍ୱର୍ଗତ ଦୀନବନ୍ଧୁ ସେଠୀ ଙ୍କ ପୁତ୍ର କାଳିଆ ସେଠୀ (୨୫) ହାଇଦ୍ରାବାଦ ଠାରେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ଗତ ରବିବାର କାଳିଆ ନିଜ ସାଙ୍ଗଙ୍କ ସହିତ ଏକ ଘରୋଇ କମ୍ପାନୀକୁ କାମ କରିବା ପାଇଁ ଯାଉଥିବା ବେଳେ ସାମ୍ନାପଟୁ ଏକ ଟ୍ରକ୍ ଆସି ଧକ୍କା ଦେଇଥିଲା । ଚିକିତ୍ସା ପାଇଁ ସ୍ଥାନୀୟ ମେଡିକାଲ୍‌କୁ ନିଆଯାଇଥିବା ବେଳେ ଡାକ୍ତର କାଳିଆକୁ ମୃତ ଘୋଷଣା କରିଥିଲେ । କମ୍ପାନୀ ଶବକୁ ଗ୍ରାମକୁ ପଠାଇଥିବା ବେଳେ ଶୋକାକୁଳ ପରିବେଶରେ ଶବ ସଂସ୍କାର କରାଯାଇଛି । କାଳିଆଙ୍କ ପରିବାର ବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ସହାୟତା ଯୋଗାଇଦେବା ପାଇଁ ଅଂଚଳ ବାସୀ ସରକାରଙ୍କ ଠାରେ ଗୁହାରୀ କରିଛନ୍ତି ।

ବିଧାୟକଙ୍କ ମାରାଥନ୍ ଗସ୍ତ: ବିଭିନ୍ନ ସାମାଜିକ, ଧାର୍ମିକ ଓ କ୍ରୀଡ଼ା କାର୍ଯ୍ୟକ୍ରମରେ ଯୋଗଦାନ

ଝରୀଗାଁ, ୨୮/୧୦ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲାର ଝରୀଗାଁ ଓ ଉମରକୋଟ ବ୍ଲକର ବିଭିନ୍ନ ଅଂଚଳରେ ଝରୀଗାଁ ବିଧାୟକ ନରସିଂହ ଭତରା ଏକ ମାରାଥନ୍ ଗସ୍ତ କରି ବିଭିନ୍ନ ସାମାଜିକ, ଧାର୍ମିକ ଓ କ୍ରୀଡ଼ା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଗସ୍ତ ଅବସରରେ ସେ ଅଂଚଳବାସୀଙ୍କ ସହ ମିଶିବା ସହ ବିଭିନ୍ନ ଉତ୍ସବ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଝରୀଗାଁ ବ୍ଲକ ଅନ୍ତର୍ଗତ ଧୋଡ୍ରା ପଂଚାୟତର ଗୁଳିବଡନା ଗ୍ରାମରେ ଆୟୋଜିତ ଫୁଟବଲ୍ ଟୁର୍ଣ୍ଣାମେଂଟର ଫାଇନାଲ୍ ମ୍ୟାଚ୍‌ରେ ବିଧାୟକ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଖେଳାଳିମାନଙ୍କ ଉତ୍ସାହ ଓ ଦର୍ଶକଙ୍କ ଭରପୂର ଉପସ୍ଥିତି କ୍ରୀଡ଼ା ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲା । ସେହିପରି, କାନକୋଟ ପଂଚାୟତର ପୂର୍ଲା ଗ୍ରାମରେ ଆୟୋଜିତ ରାବଣ ପୋଡ଼ି କାର୍ଯ୍ୟକ୍ରମରେ ଯୋଗଦେଇ ଅଧର୍ମ ଉପରେ ଧର୍ମର ବିଜୟର ପବିତ୍ର ବାର୍ତ୍ତାକୁ ସ୍ମରଣ କରିଥିଲେ । ଉମରକୋଟ ବ୍ଲକ ଅନ୍ତର୍ଗତ ସିଙ୍ଗସାରି ପଂଚାୟତର କୁମ୍ଭାରଗୁଡ଼ା ଗ୍ରାମରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ଅନ୍ତର୍ଗତ ମାତା ମଣ୍ଡପର ଶୁଭ ଶିଳାନ୍ୟାସ କରିଥିଲେ । ଏହି ପଦକ୍ଷେପ ଗ୍ରାମାଂଚଳରେ ଧାର୍ମିକ ଓ ସାମାଜିକ ଭିତିଭୂମିର ବିକାଶ ଦିଗରେ ଏକ ଉଲ୍ଲେଖନୀୟ ପ୍ରୟାସ ହେବ ବୋଲି କହିଥିଲେ ଏହାପରେ ସିଙ୍ଗସାରି ପଂଚାୟତର ମାଲବେଡ଼ା ଗ୍ରାମରେ ଆୟୋଜିତ ଦଶହରା ବଜାରରେ ଏସ୍‌ଡିପି ଚେୟାରମ୍ୟାନ୍ ବାସନ୍ତୀ ମାଝୀଙ୍କ ସହ ଯୋଗଦେଇ ମା' ଠାକୁରାଣୀଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରିଥିଲେ । ସେହିପରି ଝରୀଗାଁ ବ୍ଲକର ଡେନ୍ଦୁଲିଗାଁ ପୂଜା ମଣ୍ଡପ ଏବଂ ଉମରକୋଟ ବ୍ଲକର ସାହେବଗୁଡ଼ା ଗ୍ରାମରେ ଆୟୋଜିତ ପବିତ୍ର ମା' ଗଜଲକ୍ଷ୍ମୀ ପୂଜାରେ ଯୋଗଦେଇ ମା'ଙ୍କ ଦିବ୍ୟ ଦର୍ଶନ କରିଥିଲେ । ଏହି ଅବସରରେ ମା' ଗଜଲକ୍ଷ୍ମୀ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ ପ୍ରଦାନ କରନ୍ତୁ ବୋଲି ସେ କାମନା କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସଭାପତି ଜଗଦୀଶ କଲାର, ଧଡ୍ରା ସରପଂଚ ମହେଶ୍ୱର ଭତରା, ପଂଚାନନ ବାବାଲି, ବଡ଼ଭରଣ୍ଡି ମଣ୍ଡଳ ସଭାପତି ଈଶ୍ୱର ଭତରା, ସୁଜନ ଭକ୍ତଙ୍କ ସମେତ ବହୁ ଦଳୀୟ କର୍ମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । ବିଧାୟକଙ୍କ ଏହି ମାରାଥନ୍ ଗସ୍ତ ମାଧ୍ୟମରେ ଅଂଚଳର ସାମାଜିକ, ଧାର୍ମିକ ଓ କ୍ରୀଡ଼ା କାର୍ଯ୍ୟକଳାପ ସହ ତାଙ୍କର ସମ୍ପୃକ୍ତି ପ୍ରତିଫଳିତ ହୋଇଥିଲା ।

ବାତ୍ୟା ସମୟରେ ମାଆ ଓ ଗର୍ଭସ୍ଥ ଶିଶୁଙ୍କ ସୁରକ୍ଷାକୁ ଗୁରୁତ୍ୱ

ପାରଳାଖେମୁଣ୍ଡି, ୨୮/୧୦ (ଆ.ପ୍ର) : ସମ୍ଭାବ୍ୟ ବାତ୍ୟାକୁ ନେଇ ଚାରିଆଡ଼େ ଆଶଙ୍କା ଓ ଆତଙ୍କର ପରିବେଶ ଦେଖାଦେଇଥିବା ବେଳେ, ଏଭଳି ସଙ୍କଟପୂର୍ଣ୍ଣ ସମୟରେ ଗର୍ଭବତୀ ମହିଳାଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟସେବା କିପରି ସୁନିଶ୍ଚିତ କରାଯାଉଛି, ସେନେଇ ଆଜି ସକାଳେ ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ଖାଣ୍ଡବା ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି ବିଧାୟକ । ବାତ୍ୟା ଓ ପ୍ରବଳ ବର୍ଷା ସମୟରେ ସାଧାରଣ ଜନଜୀବନ ବ୍ୟାହତ ହେବା ସହ ଯୋଗାଯୋଗ ବ୍ୟବସ୍ଥା ଏବଂ ଯାତାୟାତରେ ବାଧା ସୃଷ୍ଟି ହେବାର ଆଶଙ୍କା ରହିଥାଏ । ବିଶେଷକରି ଗର୍ଭବତୀ ମହିଳାଙ୍କ ପାଇଁ ଏହି ସମୟ ଅତ୍ୟନ୍ତ ସମ୍ବେଦନଶୀଳ । ଏଭଳି ପରିସ୍ଥିତିରେ ସମୟୋଚିତ ଚିକିତ୍ସା, ଆବଶ୍ୟକ ଔଷଧ, ନିରାପଦ ପ୍ରସବ ଓ ଜରୁରୀକାଳୀନ ସ୍ୱାସ୍ଥ୍ୟସେବାର ଉପଲବ୍ଧତା ମାଆ ଓ ଶିଶୁଙ୍କ ଜୀବନ ରକ୍ଷାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରେ । ଏହି ପରିପ୍ରେକ୍ଷୀରେ ବିଧାୟକ ଖାଣ୍ଡବା ସ୍ୱାସ୍ଥ୍ୟ କେନ୍ଦ୍ରରେ ବାତ୍ୟା ସମୟରେ ଗର୍ଭବତୀ ମହିଳାଙ୍କ ପାଇଁ କିଭଳି ଯତ୍ନ ଓ ଚିକିତ୍ସା ବ୍ୟବସ୍ଥା ରହିଛି, ସେନେଇ ଅନୁଧ୍ୟାନ କରିଥିଲେ । ସଙ୍କଟର ଏହି ଘଡ଼ିରେ ଗର୍ଭବତୀ ମହିଳାଙ୍କୁ ଅବହେଳା ନକରି ସେମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ଆବଶ୍ୟକତା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ । ମାଆ ସୁରକ୍ଷିତ ରହିଲେ ଶିଶୁ ସୁରକ୍ଷିତ ରହିବ । ଏହି ମାନବିକ ଦୃଷ୍ଟିକୋଣରୁ ବାତ୍ୟା ମୁକାବିଲା ପ୍ରସ୍ତୁତିରେ ମାତୃତ୍ୱ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେବା ଆବଶ୍ୟକ । ପ୍ରକୃତିର ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଜଣେ ମାଆଙ୍କ ମନରେ ନିଜ ଗର୍ଭସ୍ଥ ଶିଶୁକୁ ନେଇ ଥିବା ଚିନ୍ତା ଓ ଆଶଙ୍କାକୁ ଦୂର କରିବା ସହ ତାଙ୍କୁ ନିରାପଦ ଚିକିତ୍ସା ଯୋଗାଇଦେବା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଗୁରୁଦାୟିତ୍ୱ । ବାତ୍ୟା ଭଳି ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କ ସୁରକ୍ଷା ସହ ଗର୍ଭବତୀ ମହିଳା, ନବଜାତ ଶିଶୁ ଓ ଅନ୍ୟ ଅସହାୟ ରୋଗୀଙ୍କ ପାଇଁ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ନିଶ୍ଚିତ କରିବା ଅତ୍ୟନ୍ତ ଆବଶ୍ୟକ । ଏଭଳି ସମୟରେ ଚିକିତ୍ସା ବ୍ୟବସ୍ଥା ପ୍ରତି ସଚେତନ ରହିବା ଏବଂ ଆବଶ୍ୟକ ପଦକ୍ଷେପ ନେବା ଦ୍ୱାରା ଅନେକ ମୂଲ୍ୟବାନ ଜୀବନ ସୁରକ୍ଷିତ ରହିପାରିବ । ବିପଦର ଏହି ସମୟରେ ଜନସାଧାରଣଙ୍କ ମନରେ ଭରସା ସୃଷ୍ଟି କରିବା ସହ ମାଆ ଓ ଶିଶୁଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବା ହିଁ ଏଭଳି ପରିଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ ।

ବର୍ଷାରେ ବେହାଲ ପାହାଡ଼ିଆ ଜିଲ୍ଲା, ବିପଦ ଟଳିବାକୁ ପ୍ରଶାସନର ଆଗୁଆ ପଦକ୍ଷେପ

କୋରାପୁଟ, ୨୮/୧୦ (ଆ.ପ୍ର) : ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ କୋରାପୁଟ ଜିଲ୍ଲାର ବିଭିନ୍ନ ଅଂଚଳରେ ପ୍ରବଳ ବର୍ଷା ଲାଗିରହିଛି । ଗତ ୨୪ ଘଂଟା ମଧ୍ୟରେ ଜିଲ୍ଲାର ୧୪ଟି ବ୍ଲକରେ ମୋଟ ୮୫୪.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ହାରାହାରି ବର୍ଷାର ପରିମାଣ ୬୧.୦୨ ମିଲିମିଟର ରହିଛି । ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ରର ସୂଚନା ଅନୁଯାୟୀ, ପଟ୍ଟାଙ୍ଗୀ ବ୍ଲକରେ ସର୍ବାଧିକ ୧୮୮ ମିଲିମିଟର ବର୍ଷା ହୋଇଛି । ସେହିପରି ସେମିଳିଗୁଡ଼ାରେ ୧୪୩.୧ ମିମି, ନାରାୟଣପାଟଣାରେ ୯୭.୪ ମିମି, ଲକ୍ଷ୍ମୀପୁରରେ ୮୩.୯ ମିମି, ବନ୍ଧୁଗାଁରେ ୭୭ ମିମି ଏବଂ ନନ୍ଦପୁରରେ ୫୭.୨ ମିମି ବର୍ଷା ରେକର୍ଡ ହୋଇଛି । ଅନ୍ୟପକ୍ଷରେ ବୈପାରୀଗୁଡ଼ା ବ୍ଲକରେ ସର୍ବନିମ୍ନ ୧୫ ମିଲିମିଟର ବର୍ଷା ହୋଇଛି । ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଆଜି ରାତିରେ ମଧ୍ୟ ଜିଲ୍ଲାର କେତେକ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ତେବେ ଆସନ୍ତାକାଲିଠାରୁ ପାଗରେ ଧୀରେ ଧୀରେ ସୁଧାର ଆସିବ ବୋଲି ଆଶା କରାଯାଉଛି । ବାତ୍ୟା ଓ ବର୍ଷାଜନିତ ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ବିଶେଷକରି କଚ୍ଚାଘର ଓ ତଳିଆ ଅଂଚଳରେ ବସବାସ କରୁଥିବା ପ୍ରାୟ ୧୩୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଏଥିସହ ୫୧୦ ଜଣ ଆସନ୍ନପ୍ରସବା ମହିଳାଙ୍କୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ବିଭିନ୍ନ ଆଶ୍ରୟସ୍ଥଳୀ, ମା'ଗୃହ ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଛି । ପ୍ରଶାସନର ସୂଚନା ଅନୁଯାୟୀ, ସ୍ଥାନାନ୍ତରିତ ମହିଳାଙ୍କ ମଧ୍ୟରୁ ୨୧୦ ଜଣ ସୁରକ୍ଷିତ ଭାବେ ସନ୍ତାନ ପ୍ରସବ କରିଛନ୍ତି । ସମସ୍ତ ମା' ଓ ନବଜାତ ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି । ଆଶ୍ରୟସ୍ଥଳୀଗୁଡ଼ିକରେ ଶୁଦ୍ଧ ପାନୀୟଜଳ, ପୁଷ୍ଟିକର ଖାଦ୍ୟ, ଗରମ ପୋଷାକ ଓ ଆବଶ୍ୟକୀୟ ଔଷଧର ବ୍ୟବସ୍ଥା କରାଯାଇଛି । ଅନ୍ୟ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ସ୍ୱାସ୍ଥ୍ୟ ବିଭାଗ ନିରନ୍ତର ନଜର ରଖିଥିବା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସୂଚନା ଦେଇଛନ୍ତି । ଅନ୍ୟପଟେ ପ୍ରବଳ ବର୍ଷା ଯୋଗୁଁ ଗାଲିଗବଦର ଜଳପ୍ରପାତ ନିକଟସ୍ଥ ରାସ୍ତା ଉପରେ ପ୍ରବଳ ବେଗରେ ବର୍ଷାଜଳ ପ୍ରବାହିତ ହେଉଥିବାରୁ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଉକ୍ତ ରାସ୍ତାରେ ଯାତାୟାତ ବନ୍ଦ କରାଯାଇଛି । ସମ୍ଭାବ୍ୟ ଭୂସ୍ଖଳନ ଓ ଗଛ ଉପୁଡ଼ି ରାସ୍ତା ଅବରୋଧ ହେବା ଭଳି ପରିସ୍ଥିତିର ମୁକାବିଲା ପାଇଁ ଜେସିବି, ଚେନ୍ କଟର୍ ସମେତ ଆବଶ୍ୟକ ଯନ୍ତ୍ରପାତି ପ୍ରସ୍ତୁତ ରଖାଯାଇଛି । ସେହିପରି ଆକସ୍ମିକ ବନ୍ୟା ପରିସ୍ଥିତିକୁ ଏଡ଼ାଇବା ପାଇଁ ଜିଲ୍ଲାର ପ୍ରମୁଖ ଜଳଭଣ୍ଡାରଗୁଡ଼ିକର ଜଳସ୍ତର ଉପରେ ସତର୍କ ନଜର ରଖାଯାଇଛି । ଜଳଭଣ୍ଡାରଗୁଡ଼ିକରେ ଜଳଧାରଣ ପରିମାଣ ୮୦ ପ୍ରତିଶତରୁ କମ୍ ରଖିବାକୁ ପଦକ୍ଷେପ ନିଆଯାଇଛି । ତେଲେଙ୍ଗିରି ଓ ଇନ୍ଦ୍ରାବତୀ ଜଳଭଣ୍ଡାରର ଗେଟ୍ ଖୋଲାଯାଇ ଜଳସ୍ତରକୁ ୭୮ରୁ ୭୯ ପ୍ରତିଶତ ମଧ୍ୟରେ ରଖାଯାଇଛି । କୋଲାବ ଜଳଭଣ୍ଡାରର ଜଳସ୍ତର ୭୮ ପ୍ରତିଶତ ରହିଥିବା ବେଳେ ଜଲାପୁଟ ଜଳଭଣ୍ଡାରର ଦୁଇଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି । ଛତିଶଗଡ଼ ପାର୍ଶ୍ୱରେ ପ୍ରବଳ ବର୍ଷା ହେଲେ ଇନ୍ଦ୍ରାବତୀ ନଦୀର ଜଳସ୍ତର ବୃଦ୍ଧି ପାଇ ବୋରିଗୁମ୍ମା ଓ କୋଟପାଡ଼ ଅଂଚଳର ତଳିଆ ଗ୍ରାମଗୁଡ଼ିକ ଜଳମଗ୍ନ ହେବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି ଛତିଶଗଡ଼ର ବସ୍ତର ଓ ଜଗଦଲପୁର ଅଂଚଳର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ କୋରାପୁଟ ଜିଲ୍ଲା ପ୍ରଶାସନ ନିରନ୍ତର ଯୋଗାଯୋଗ ରକ୍ଷା କରୁଛି । ଏପଟେ କୋରାପୁଟ ସହରର ଦୁଇଟି ଆଶ୍ରୟସ୍ଥଳୀରେ ୧୪୫ ଜଣଙ୍କୁ ରଖାଯାଇ ରନ୍ଧାଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଉଛି । ଆଜି ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଶ୍ରୟସ୍ଥଳୀ ପରିଦର୍ଶନ କରି ବିପନ୍ନ ଲୋକଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ସୁବିଧା ଅସୁବିଧା ବୁଝିଥିଲେ । ଏହି ଅବସରରେ କୋରାପୁଟ ବିଧାୟକ ରଘୁରାମ ମାଛ, ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶିକା ପୋମା ଟୁଡୁ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ସୀମାନ୍ତ କୋଟିଆ ଅଂଚଳରେ ବାତ୍ୟା ମୁକାବିଲା ପ୍ରସ୍ତୁତିକୁ ତ୍ୱରାନ୍ୱିତ କରାଯାଇଛି । କୋରାପୁଟ ଉପଜିଲ୍ଲାପାଳ ଫାଡି ରସିଦଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ କୋଟିଆ ଗ୍ରାମପଂଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ କରି ରିଲିଫ୍ ସାମଗ୍ରୀ ବଂଟନ କରିଛି । ଏଥିସହ ସମ୍ଭାବ୍ୟ କ୍ଷୟକ୍ଷତି ହ୍ରାସ ଓ ଜରୁରୀକାଳୀନ ସହାୟତା ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଉଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ପ୍ରଭାବରେ କେତେକ କଚ୍ଚାଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଥିଲା । ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ଗଛ କାଟି ରାସ୍ତା ସଫା କରିଛନ୍ତି । ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କହିଛନ୍ତି ଯେ, ବାତ୍ୟା ଓ ବର୍ଷାଜନିତ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି । ଜନସାଧାରଣଙ୍କ ସହାୟତା ପାଇଁ ଜିଲ୍ଲା ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର ୧୦୭୭ କାର୍ଯ୍ୟକ୍ଷମ ରହିଛି । କୌଣସି ବିପଦ କିମ୍ବା ଅସୁବିଧା ସମୟରେ ଏହି ନମ୍ବରରେ ଯୋଗାଯୋଗ କରିବାକୁ ଜିଲ୍ଲାପାଳ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

ଭାରତୀୟ ପଶୁଚିକିତ୍ସା ପରିଷଦ

(ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ମନ୍ତ୍ରଣାଳୟର ସାମ୍ବିଧାନିକ ସଂସ୍ଥା, ଭାରତ ସରକାରଙ୍କ)
'ଏ' ୱିଙ୍ଗ, ଦ୍ୱିତୀୟ ମହଲା, ଅଗଷ୍ଟ କ୍ରାନ୍ତି ଭବନ, ଭିକାଜୀ କାମା ପ୍ଲେସ୍, ନୂଆଦିଲ୍ଲୀ ୧୧୦୦୬୬
ଫୋନ୍: ୦୧୧-୨୬୧୮୪୧୪୯, ଇମେଲ୍: -vciinfo@nic.in

ସାର୍ବଜନୀନ ସୂଚନା

ଭାରତୀୟ ପଶୁଚିକିତ୍ସା ପରିଷଦ, ନୂଆଦିଲ୍ଲୀ ହେଉଛି ଭାରତ ସରକାରଙ୍କ ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ମନ୍ତ୍ରଣାଳୟର ପଶୁଚିକିତ୍ସା ଏବଂ ଦୁଗ୍ଧ ବିଭାଗର ଏକ ସାମ୍ବିଧାନିକ ସଂସ୍ଥା ଏବଂ ବି.ଭି.ଏସ୍.ସି. ଏବଂ ଏ.ଏଚ. ଡିଗ୍ରୀ ପାଠ୍ୟକ୍ରମର ପଶୁଚିକିତ୍ସା ଶିକ୍ଷା ନିୟନ୍ତ୍ରଣ ପାଇଁ ଭାରତୀୟ ପଶୁଚିକିତ୍ସା ପରିଷଦ ଆଇନ, ୧୯୮୪ ର ବ୍ୟବସ୍ଥା ଅନୁଯାୟୀ ପ୍ରତିଷ୍ଠିତ ।

ତେଣୁ, ସମସ୍ତ ଛାତ୍ର, ଅଭିଭାବକ, ଅଂଶୀଦାର ଏବଂ ସାଧାରଣ ଜନତାଙ୍କୁ ଏଠାରେ ପରାମର୍ଶ ଦିଆଯାଉଛି ଯେ ସେମାନେ B.V.Sc. ଏବଂ A.H. ଡିଗ୍ରୀ ପାଠ୍ୟକ୍ରମରେ ପ୍ରବେଶ କରିବା ପୂର୍ବରୁ ଭାରତୀୟ ପଶୁଚିକିତ୍ସା ପରିଷଦ ଆଇନ, ୧୯୮୪ ଏବଂ ସେଥିରେ ଗଠିତ ନିୟମ ଏବଂ ନିୟମାବଳୀ ଅନୁଯାୟୀ ପଶୁଚିକିତ୍ସା କଲେଜ/ପ୍ରତିଷ୍ଠାନର ପ୍ରାମାଣିକତା, ଅସ୍ଥାୟୀ ସ୍ୱୀକୃତି/ସ୍ୱୀକୃତି ଯାଂଚ କରନ୍ତୁ ।

ଯେକୌଣସି ପ୍ରବେଶ ଶୁଳ୍କ ଜମା କରିବା କିମ୍ବା ମୂଳ ଡକ୍ୟୁମେଂଟ ଦାଖଲ କରିବା ପୂର୍ବରୁ ଆବେଦନକାରୀ ନିଶ୍ଚିତ କରିବା ଉଚିତ ଯେ: -

(୧) କଲେଜଟି ଆଇନଗତ ଭାବରେ ପ୍ରତିଷ୍ଠିତ ଏବଂ B.V.Sc. ଏବଂ A.H.ଡିଗ୍ରୀ ପାଠ୍ୟକ୍ରମ ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଅସ୍ଥାୟୀ ଭାବରେ ସ୍ୱୀକୃତିପ୍ରାପ୍ତ / ସ୍ୱୀକୃତିପ୍ରାପ୍ତ ।
(୨) କଲେଜର ପ୍ରାସଙ୍ଗିକ ଶିକ୍ଷାବର୍ଷ ପାଇଁ ପାଠ୍ୟକ୍ରମ ପରିଚାଳନା ପାଇଁ ବୈଧ ଅନୁମୋଦନ ଏବଂ ପ୍ରାଧିକରଣ ଅଛି ।
(୩) କଲେଜ/ପ୍ରତିଷ୍ଠା ଦ୍ୱାରା ପ୍ରଦାନ କରାଯାଇଥିବା ବିବରଣୀ, ଏହାର ଠିକଣା, ୱେବସାଇଟ୍, B.V.Sc. ଏବଂ A.H. ପାଠ୍ୟକ୍ରମରେ ପ୍ରବେଶ ପାଇଁ ମାନଦଣ୍ଡ, ପ୍ରବେଶ ପ୍ରକ୍ରିୟା, ପ୍ରକୃତ ଏବଂ ଯାଂଚଯୋଗ୍ୟ ।

ଛାତ୍ର, ଅଭିଭାବକ, ଅଂଶୀଦାର ଏବଂ ସାଧାରଣ ଜନତାଙ୍କୁ ଏଠାରେ VCIର ସରକାରୀ ୱେବସାଇଟ୍ www.vci.dahd.gov.in ଏବଂ www.vci.admissions.nic.in ରୁ ପ୍ରାସଙ୍ଗିକ ସୂଚନା ଯାଂଚ କରିବାକୁ ପରାମର୍ଶ ଦିଆଯାଉଛି ।

(ଡକ୍ଟର ରାଜେନ୍ଦ୍ର ବାମ୍ବଲ)
ସଚିବ, ଓଉଓ (ଅତିରିକ୍ତ ଚାର୍ଜ)

CBC 01101/11/0009/2627

ନୀଳଗିରିରେ ପୁରୁଣା ତେଲ ଟାଙ୍କି କାଟିବା ବେଳେ ବିସ୍ଫୋରଣ ଘଟି ଶ୍ରମିକ ମୃତ

କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତାରୋକ, ପରିବାରର ଏକ କୋଟି ଟଙ୍କା ଦାବି

ନୀଳଗିରି, ୨୮/୧୦ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ନୀଳଗିରି ସହରର ୭ ନମ୍ବର ୱାର୍ଡ ଅନ୍ତର୍ଗତ ବାଲିଗୋଡ଼ିରୀସ୍ଥିତ ସତ୍ୟସାଇ ଫିଲିଂ ଷ୍ଟେସନରେ ବୁଧବାର ଏକ ଦୁଃଖଦ ଅଘଟଣ ଘଟିଛି । ପେଟ୍ରୋଲ ପମ୍ପ ପରିସରରେ ଥିବା ଏକ ପୁରୁଣା ତେଲ ଟାଙ୍କିକୁ ଗ୍ୟାସ୍ କଟର ସାହାଯ୍ୟରେ କାଟୁଥିବା ସମୟରେ ହଠାତ୍ ବିସ୍ଫୋରଣ ଘଟିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ଟାଙ୍କିର ଢାଙ୍କୁଣୀ ଛିଟିକି ଯାଇ ଶ୍ରମିକଙ୍କ ଉପରେ ପଡ଼ିବାରୁ ଏହି ମର୍ମନ୍ତୁଦ ଘଟଣା ଘଟିଥିବା ଜଣାପଡ଼ିଛି । ମୃତକ ହେଉଛନ୍ତି ରେମୁଣା ବ୍ଲକ୍ ଅନ୍ତର୍ଗତ ବିମ୍ବୁରିଆ ଗ୍ରାମର ହୁଆ ଓରଫ ବୀରେନ୍ଦ୍ର ସିଂହ । ଘଟଣା ପରେ ପେଟ୍ରୋଲ ପମ୍ପ ପରିସରରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ୟକ୍ତ ଲୋକେ ନ୍ୟାୟ ଦାବିରେ ଉଗ୍ରାରୂପ କରିଥିଲେ । ଅନ୍ୟପଟେ ମୃତକଙ୍କ ପରିବାର ପକ୍ଷରୁ କ୍ଷତିପୂରଣ ଦାବିରେ ନୀଳଗିରି-ସେରଗଡ଼ ରାସ୍ତାରେ ଶବ ରଖି ରାସ୍ତାରୋକ କରାଯାଇଥିଲା । ଖବର ପାଇ ନୀଳଗିରି ଥାନା ଆଇଆଇସି ଗୋବର୍ଦ୍ଧନ ନାୟକ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଂଚିଥିଲେ । ପୋଲିସ ପେଟ୍ରୋଲ ପମ୍ପ ମାଲିକ ଦୀପ୍ତିକାନ୍ତ ମହାପାତ୍ର, ମ୍ୟାନେଜର କମଳଲୋଚନ ନାୟକ ଏବଂ ଗ୍ୟାସ୍ କଟର କାମରେ ନିୟୋଜିତ ଦୁଇଜଣ କର୍ମଚାରୀଙ୍କୁ ଥାନାକୁ ନେଇଥିବା ଜଣାପଡ଼ିଛି । ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ପୋଲିସ ଉଦ୍ୟମ କରୁଛି । ମୃତ ବୀରେନ୍ଦ୍ରଙ୍କ ଭାଇ ଯୋଗେନ୍ଦ୍ର ସିଂହ ପେଟ୍ରୋଲ ପମ୍ପ କର୍ତ୍ତୃପକ୍ଷଙ୍କ

ଅବହେଳାକୁ ଏହି ଦୁର୍ଘଟଣା ପାଇଁ ଦାୟୀ କରିଛନ୍ତି । ତାଙ୍କ ଅଭିଯୋଗ ଅନୁଯାୟୀ, ପୁରୁଣା ତେଲ ଟାଙ୍କିକୁ ଗ୍ୟାସ୍ କଟରରେ କାଟିବା ପୂର୍ବରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଓ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ଥିଲା । ଟାଙ୍କି ଖାଲି ଥିଲେ ମଧ୍ୟ ଏହା ଭିତରେ ଗ୍ୟାସ୍ କିମ୍ବା ଅନ୍ୟ ଦହନଶୀଳ ପଦାର୍ଥର ଅବଶେଷ ରହିଥାଇପାରେ । ତେଣୁ ଟାଙ୍କି କାଟିବା ସମୟରେ ବିସ୍ଫୋରଣର ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ସେ କହିଛନ୍ତି । ଯୋଗେନ୍ଦ୍ରଙ୍କ ଅଭିଯୋଗ ଅନୁସାରେ, ଏଭଳି ବିପଦପୂର୍ଣ୍ଣ କାର୍ଯ୍ୟ ପୂର୍ବରୁ ଅଗ୍ନିଶମ ବିଭାଗର ସହାୟତା ନେବା ସହ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯିବା ଦରକାର ଥିଲା । କିନ୍ତୁ ଏଥିପ୍ରତି ଅବହେଳା କରାଯାଇଥିବାରୁ ତାଙ୍କ ଭାଇଙ୍କ ଜୀବନ ଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କା କ୍ଷତିପୂରଣ ଦେବା ସହ ପେଟ୍ରୋଲ ପମ୍ପ ମାଲିକ ଘଟଣାସ୍ଥଳକୁ ଆସି ଆଲୋଚନା କରିବାକୁ ଯୋଗେନ୍ଦ୍ର ଦାବି କରିଛନ୍ତି । ଦାବି ପୂରଣ ନହେବା ପର୍ଯ୍ୟନ୍ତ ରାସ୍ତାରୋକ ପ୍ରତ୍ୟାହାର କରାଯିବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି । ଦାବି ସମ୍ପର୍କରେ ଲିଖିତ ନିଷ୍ପତ୍ତି ହେବା ପରେ ହିଁ ଆନ୍ଦୋଳନରୁ ହଟିବେ ବୋଲି ସେ କହିଛନ୍ତି । ଅନ୍ୟପଟେ ପେଟ୍ରୋଲ ପମ୍ପ ମ୍ୟାନେଜର ପ୍ରଶାନ୍ତ କୁମାର ପାଣିଆ ଘଟଣା ସମୟର ଅନୁଭୂତି ବର୍ଣ୍ଣନା କରି କହିଛନ୍ତି ଯେ, ସେଦିନ ସକାଳ ପ୍ରାୟ ୬ଟାରୁ ସେ ଅଫିସରେ ବସି କାମ କରୁଥିଲେ । ଏହି ସମୟରେ କମ୍ପାନୀର କର୍ମଚାରୀମାନେ ମଧ୍ୟ କାର୍ଯ୍ୟରତ ଥିଲେ । ହଠାତ୍ ଅଫିସ ଆଡ଼କୁ କାଚ ଖଣ୍ଡ ଛିଟିକି ଆସିବାରୁ ସେ କ'ଣ ଘଟିଲା ତାହା ପ୍ରଥମେ ବୁଝିପାରି ନଥିଲେ । ପରେ ଘଟଣାସ୍ଥଳକୁ ଯାଇ ଦେଖିବା ବେଳକୁ ଜଣେ ବ୍ୟକ୍ତି ଜଳିଯାଇ ମୃତ୍ୟୁବରଣ କରିଥିବା ସେ ଜାଣିବାକୁ ପାଇଥିଲେ । ଅଫିସର କାଚ ଝରକା ଭାଙ୍ଗି କାଚ ଖଣ୍ଡ ତାଙ୍କ ଆଡ଼କୁ ଛିଟିକି ଆସିଥିଲା । ଭାଗ୍ୟବଶତଃ ସେ ଏହି ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିବା କହିଛନ୍ତି । ତେବେ ଏହି ବିସ୍ଫୋରଣର ପ୍ରକୃତ କାରଣ କ'ଣ, ଟାଙ୍କି କାଟିବା ପୂର୍ବରୁ କେଉଁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ଏବଂ ଏଥିରେ କାହାର ଅବହେଳା ରହିଛି, ତାହା ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ । ଘଟଣାକୁ କେନ୍ଦ୍ର କରି ଅଂଚଳରେ ଉତ୍ତେଜନା ଜାରି ରହିଥିବା ବେଳେ ମୃତକଙ୍କ ପରିବାରକୁ ନ୍ୟାୟ ଓ କ୍ଷତିପୂରଣ ପ୍ରଦାନ ଦାବି ଜୋର ଧରିଛି ।

ଭୋଗରାଇ ଆଦିବାସୀଙ୍କ ୫ ଦଫା ଦାବି ନେଇ ତହସିଲ ସମ୍ମୁଖରେ ବିକ୍ଷୋଭ

ଭୋଗରାଇ, ୨୮/୧୦ (ଆ.ପ୍ର) : ବୀର ସିଦୋ - କାହ୍ନୁ ଜୁଆନ୍ ସେମଲେଦ ସଂଗଠନ ବାଲେଶ୍ୱର ଶାଖା ପକ୍ଷରୁ ଭୋଗରାଇ ଆଦିବାସୀଙ୍କ ୫ ଦଫା ଦାବି ନେଇ ଭୋଗରାଇ ତହସିଲ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଶତାଧିକ ମହିଳା ଓ ପୁରୁଷ ଆଦିବାସୀମାନେ ଥାନାଛକ ହେଲିପେଡ ପଡିଆରୁ ଏକ ଶୋଭାଯାତ୍ରାରେ ବାହାରି ସରକାର ବିରୋଧୀ ସ୍ଲୋଗାନ ଦେଇ ତହସିଲ ସମ୍ମୁଖରେ ପହଂଚିଥିଲେ । ସେଠାରେ ଦୀର୍ଘ ସମୟ ମୁଖ୍ୟ ଫାଟକରେ ବିକ୍ଷୋଭ କାରୀମାନେ ଗରିବ ଆଦିବାସୀ ପରିବାରଙ୍କୁ ୪ ଡିସିମିଲ ଜମିପଟ୍ଟା ସହିତ ସ୍ଥାୟୀ ପକ୍କା ଘର, ଆଦିବାସୀ ସାହିକୁ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ ସାଙ୍ଗକୁ ବିଦ୍ୟୁତ ଓ ଜଳ ଯୋଗାଇ ଦେବା, ୩୦-୩୫ ଆଦିବାସୀ ପରିବାର ବସବାସ କରୁଥିବା ସ୍ଥାନରେ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ, ଆଦିବାସୀ ପରିବାରର ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଏଏନଏମ ସେଂଟର ଖୋଲିବା ସହିତ ଆଦିବାସୀ ସଂପ୍ରଦାୟର ପରମ ଆରାଧ୍ୟା ଠାକୁରାଣୀଙ୍କ ପୂଜାର୍ଚ୍ଚନା ପାଇଁ ସ୍ଥାନ ନିରୂପଣ, ଆଦିବାସୀ ପରିବାର ବର୍ଗଙ୍କ ଶବ ସଂସ୍କାର ପାଇଁ ସ୍ୱତନ୍ତ୍ର ସଂରକ୍ଷିତ ଶ୍ମଶାନ ଯୋଗାଇ ଦେବାପାଇଁ ଦାବି କରିଥିଲେ । ତାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ତହସିଲଦାର ପ୍ରଜ୍ଞା ପରମିତାଙ୍କୁ ପ୍ରଦାନ କରିଥିଲେ । ଯଦି ସରକାର ଅବିଳମ୍ବେ ଦାବି ପୂରଣ ନ କରନ୍ତି ତାହେଲେ ବୃହତର ଆନ୍ଦୋଳନ ହେବ ବୋଲି ଆଦିବାସୀମାନେ ଚେତାବନୀ ଦେଇଛନ୍ତି । ଆଦିବାସୀ ସଂଗଠନର ଜିଲ୍ଲା ସଭାପତି ବୈଦ୍ୟନାଥ ମୁର୍ମୁ, ସମ୍ପାଦକ ଗଣେଶ ହେମ୍ବ୍ରମ, ସାମାଜିକ କର୍ମୀ ହରେକୃଷ୍ଣ ଦାସ, ସର୍ମ୍ମିତା ମହାନ୍ତି, ସଦସ୍ୟ ଗଣେଶ ହେମ୍ବ୍ରମ, କିଷାନ ସୋରେନ, ସରସ୍ୱତୀ ବାସ୍କେ, ଭାନୁ ସୋରେନ, ସୁଭଦ୍ରା ସୋରେନ, ସୀତା ସୋରେନ, ଭୀମ ବାସ୍କେ, ରଥ ମାରାଣ୍ଡି, ବୁଧିରାମ ହେମ୍ବ୍ରମ, ବାପି ମୁର୍ମୁ, ପୂଜା ସୋରେନ ପ୍ରମୁଖଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

ଭାଲୁ ଆକ୍ରମଣରେ ଦୁଇ ଜଣ ଗୁରୁତର

ନୀଳଗିରି, ୨୮/୧୦ (ଆ.ପ୍ର) : ଭାଲୁ ଆକ୍ରମଣରେ ଦୁଇ ଜଣ ଗୁରୁତର ଅବସ୍ଥାରେ ନୀଳଗିରି ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ସୂଚନାରୁ ଜଣା ଯାଇଛି, ମିରିଗିଣି ଜାଡିଭି ଗ୍ରାମର ଲମ୍ବୋଦର ସିଂ (୪୫) ସକାଳେ ଶୌଚ ପାଇଁ ଯାଇଥିବା ବେଳେ ହଠାତ୍ ଏକ ଭାଲୁ ଅତର୍କିତ ଆକ୍ରମଣ କରିବା ଫଳରେ ପିଠିରେ ଗଭୀର ଆଘାତ ଲାଗିଥିବାର ଦେଖିବାକୁ ମିଳିଛି । ପରିବାର ଲୋକେ ତୁରନ୍ତ ନୀଳଗିରି ମେଡ଼ିକାଲକୁ ଆଣିଥିଲେ । ସେହିପରି ଇଚ୍ଛିଡା ପଂଚାୟତର ଜଗନ୍ନାଥପୁର କୁଙ୍କନଣ୍ଡା ଗ୍ରାମର ସୁଶାନ୍ତ ପୃଷ୍ଟି (୫୦) ଫୁଲ ତୋଳିବାକୁ ଆସିଥିବା ବେଳେ ହଠାତ୍ ଏକ ଭାଲୁକୁ ଦେଖି ଏକ ଗଛ ଉପରକୁ ଚଢ଼ି ଯାଇଥିଲା । ମାତ୍ର ଗଛର ଡାଳ ଭାଙ୍ଗି ଯିବାରୁ ତଳେ ପଡ଼ି ଯିବାରୁ ତାର କମରରେ ଗଭୀର ଆଘାତ ଲାଗିଛି । ପରିବାର ଲୋକେ ତୁରନ୍ତ ନୀଳଗିରୀ ମେଡ଼ିକାଲକୁ ଆଣିଥିଲେ । ଦୁଇ ଜଣ ଚିକିତ୍ସିତ ହେଉଥିବାର ଦେଖିବାକୁ ମିଳିଛି । ବନ ବିଭାଗ ପକ୍ଷରୁ ସହାୟତା ପ୍ରଦାନ କରିବା ପାଇଁ ପରିବାର ତଥା ଅଂଚଳ ବାସୀ ଦାବୀ କରିଛନ୍ତି ।

ସତ୍ୟସାଇ ଫିଲିଙ୍ଗ ଷ୍ଟେସନ ରେ ପୁରୁଣା ଟାଙ୍କି ବିସ୍ଫୋରଣରେ ଜଣେ ମୃତ ରାସ୍ତା ରୋକ

ନୀଳଗିରି, ୨୮/୧୦ (ଆ.ପ୍ର) : ଆଜି ସକାଳ ପ୍ରାୟ ୮.୧୫ ମିନିଟ ସମୟରେ, ନୀଳଗିରି ବଳିଗୋଡ଼ିରି ସ୍ଥିତ ସତ୍ୟସାଇ ଫିଲିଙ୍ଗ ଷ୍ଟେସନରେ ପୁରୁଣା ଟାଙ୍କି ବିସ୍ଫୋରଣରେ ଜଣଙ୍କର ମୃତ୍ୟୁ ହେବା ସହିତ ରାସ୍ତା ଉପରେ ମୃତ ଦେହ ରଖି କ୍ଷତି ପୂରଣ ଦାବୀରେ ରାସ୍ତା ରୋକ କରା ଯାଇଛି । ସୂଚନାରୁ ଜଣାଯାଇଛି, ସତ୍ୟସାଇ ପେଟ୍ରୋଲ ପମ୍ପ ରେ କିଛି ଦିନ ପୂର୍ବରୁ ପୁରୁଣା ଟାଙ୍କି ବଦଳାଇ ନୂଆ ଟାଙ୍କି ବସା ଯାଇଥିଲା । ଦୁଇଟି ପୁରୁଣା ଟାଙ୍କି ବାହାରେ ଥିଲା । ଆଜି ସକାଳେ ଟାଙ୍କି ଦକ୍ଷିଣ ପାର୍ଶ୍ୱ ରେ ଥିବା ଗୋଟିଏ ଟାଙ୍କିକୁ ଗ୍ୟାସ କଟରରେ କଟା ଯାଇଥିବା ସମୟରେ ହଠାତ୍ ବିସ୍ଫୋରଣ ହୋଇ ଥିଲା । ଏହି ଭୟଙ୍କର ବିସ୍ଫୋରଣରେ, ଉକ୍ତ ଟାଙ୍କିରେ କାର୍ଯ୍ୟରତ, ରେମୁଣା ବ୍ଲକ, ମୁଖୁରା ପଂଚାୟତ, ବିମ୍ବୁରିଆ ଗ୍ରାମର ଗଣନାଥ ସିଂହଙ୍କ ପୁତ୍ର ବିରେନ୍ଦ୍ର ସିଂହ (୬୭) ବର୍ଷଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇ ଥିବା ଦେଖା ଯାଇଛି । ପ୍ରାଥମିକ ଅବସ୍ଥାରେ ଗୁରୁତର ଆହତ ବିରେନ୍ଦ୍ରଙ୍କୁ ନୀଳଗିରି ଡାକ୍ତରଖାନା ନିଆ ଯାଇଥିଲେ ହେଁ,ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ପରେ ପରିବାର ତଥା ସ୍ଥାନୀୟ ଅଂଚଳ ବାସୀ ପେଟ୍ରୋଲ ପମ୍ପ ସାମ୍ନା ରାସ୍ତା ଉପରେ ଶବ ରଖି କ୍ଷତି କୋଟିଏ ଟଙ୍କା କ୍ଷତି ପୂରଣ ଦାବୀ ନେଇ ରାସ୍ତା ରୋକ ଜାରୀ ରଖିଥିବା ଦେଖା ଯାଇଛି । ଅନ୍ୟ ପକ୍ଷରେ, ନୀଳଗିରି ଥାନା ଆଇ ଆଇ ସି ଗୋବର୍ଦ୍ଧନ ନାୟକ, ପୋଲିସ ବଳଙ୍କ ସହ ଘଟଣାସ୍ଥଳରେ ଉପସ୍ଥିତ ରହି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଥିବା ଦେଖାଯାଇଛି ।

ବିଶ୍ୱର ଶ୍ରେଷ୍ଠ ୨% ବୈଜ୍ଞାନିକ ତାଲିକାରେ ରହିଥିବା ଡ. ସିଦ୍ଧାର୍ଥ ପତିଙ୍କୁ ବାଲେଶ୍ୱରରେ ଦିଆଗଲା ନାଗରିକ ସମ୍ବର୍ଦ୍ଧନା

ବାଲେଶ୍ୱର, ୨୮/୧୦ (ଆ.ପ୍ର) : ବିଜ୍ଞାନ ଗବେଷଣା, ସାମୁଦ୍ରିକ ଜୈବପ୍ରଯୁକ୍ତି, ଜୈବବିବିଧତା ସଂରକ୍ଷଣ ଓ ନବସୃଜନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯୁବ ଓଡ଼ିଆ ବୈଜ୍ଞାନିକ ଡ. ସିଦ୍ଧାର୍ଥ ପତିଙ୍କୁ ବାଲେଶ୍ୱର ଷ୍ଟେସନ କ୍ଲବ ପରିସରରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନ ପକ୍ଷରୁ 'ନାଗରିକ ସମ୍ବର୍ଦ୍ଧନା-୨୦୨୬' ପ୍ରଦାନ କରାଯାଇଛି । ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ଜୈବପ୍ରଯୁକ୍ତିରେ ଉଚ୍ଚଶିକ୍ଷା ଓ ପିଏଚ୍‌ଡି ହାସଲ କରିଥିବା ଡ. ପତି ମାଲେସିଆ, ହଂକଂ ଓ ସିଙ୍ଗାପୁରରେ ଗବେଷଣା କରି ଆନ୍ତର୍ଜାତିକ ଅଭିଜ୍ଞତା ହାସଲ କରିଛନ୍ତି । ୨୦୨୬ରେ ସେ ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ସ୍ଥାନ ପାଇଥିବା ବେଳେ ୨୦୨୪ରେ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ଏବଂ ୨୦୧୮ରେ 'ଫ୍ୟୁଚର କନ୍‌ଜରଭେସନିଷ୍ଟ ଆୱାର୍ଡ' ହାସଲ କରିଛନ୍ତି । ତାଙ୍କର ୮୦ରୁ ଅଧିକ ଗବେଷଣା ପତ୍ର ପ୍ରକାଶିତ ହୋଇଥିବା ସହ ବୈଜ୍ଞାନିକ ପୁସ୍ତକ ସମ୍ପାଦନା ଓ ପେଟେଂଟଭିତ୍ତିକ ନବସୃଜନ କ୍ଷେତ୍ରରେ ମଧ୍ୟ ସେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି । ସମୁଦ୍ରଜାତ ବର୍ଜ୍ୟରୁ ଚିଟିନ୍ ଓ ଚିଟୋସାନ୍ ଭଳି ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ସମ୍ପର୍କିତ ତାଙ୍କର ଗବେଷଣା ବିଶେଷ ଗୁରୁତ୍ୱ ବହନ କରେ । ସେହିପରି ନାଲକଙ୍କଡ଼ା କଙ୍କଡ଼ା ସଂରକ୍ଷଣ ପାଇଁ ୨୦୧୨ ମସିହାରୁ ସେ ଗବେଷଣା ଓ ଜନସଚେତନତା କାର୍ଯ୍ୟରେ ନିରନ୍ତର ନିୟୋଜିତ ଅଛନ୍ତି । ଏବିସିଆର୍ ମାଧ୍ୟମରେ ଜୈବବିବିଧତା ସୁରକ୍ଷାରେ ଅବଦାନ ରଖିବା ସହ ନିଜ ଜୈବପ୍ରଯୁକ୍ତି ଉଦ୍ୟୋଗ ଜରିଆରେ ରୋଜଗାର ସୃଷ୍ଟି ଓ ସ୍ଥାୟୀ କୃଷିକୁ ପ୍ରୋତ୍ସାହନ ଦେବା ଦିଗରେ ସେ କାର୍ଯ୍ୟ କରୁଛନ୍ତି । ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୈଜ୍ଞାନିକ ତଥା ଆଇଟିଆଇର ଉପନିର୍ଦ୍ଦେଶକ ନୀଳାଦ୍ରି ରାଉ କହିଥିଲେ ଯେ, ଡ. ପତିଙ୍କ ସଫଳତା ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ । ଅଳ୍ପ ବୟସରେ ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ସଫଳତା ଓଡ଼ିଶା ପାଇଁ ଗୌରବ ଆଣିଛି । ଭାଷା ଓ ସାହିତ୍ୟର ବିକାଶ ପାଇଁ ସଂଗ୍ରାମ କରୁଥିବା ଏହି ମାଟିର ଜଣେ ଯୁବ ବୈଜ୍ଞାନିକଙ୍କ ଆନ୍ତର୍ଜାତିକ ସଫଳତା ସମସ୍ତଙ୍କ ପାଇଁ ଆନନ୍ଦ ଓ ଗର୍ବର ବିଷୟ ବୋଲି ସେ ମତପ୍ରକାଶ କରିଥିଲେ । ଶିଳ୍ପୀ କେଶୁ ଦାସ ସଭାରେ ଅଧ୍ୟକ୍ଷତା କରିଥିଲେ । ବରିଷ୍ଠ ସାମ୍ବାଦିକ ବିପ୍ଳବ ମହାନ୍ତି, କବି ପ୍ରଶାନ୍ତ ଦାସ, ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ, ସମ୍ପାଦକ ଡ. ଗୋବିନ୍ଦ ବିଶ୍ୱାଳ, ବ୍ରଜେନ୍ଦ୍ର କୁମାର ପରିଡ଼ା, ଫାଉଣ୍ଡେସନର ସଭାପତି ବାସନ୍ତୀମଣି ଦାସ ଏବଂ 'ଅରଣ୍ୟକ'ର ମୁଖ୍ୟ ତଥା କବି ସୁଧାକର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହ ବଣ୍ଡୁଜିର ଫୁଲର ସଭାପତି ବିଜୟ ଆଚାର୍ଯ୍ୟ, ମୁନ୍ କମ୍ୟୁନିକେସନର ଅବନୀ ଜେନା, 'ସୃଷ୍ଟି'ର ମୁଖ୍ୟ ସନତ କୁମାର ପରିଡ଼ା, 'ଦେବାଶିଷ ସେଠୀ ସ୍ମୃତି ପରିଷଦ'ର ମିନତି ସେଠୀ, 'ନ୍ୟୁ ହୋପ୍'ର ମୁଖ୍ୟ ସଂଗ୍ରାମ ଦାସ, 'ଡିକେପି ଫାଉଣ୍ଡେସନ'ର ସୁକାନ୍ତି ପରିଡ଼ା ଓ ବନଲତା ଦାସଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗଦେଇ ଡ. ପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବ୍ୟଙ୍ଗକବି ପ୍ରଭାକର ସାହୁ କବିତା ମାଧ୍ୟମରେ ବୈଜ୍ଞାନିକଙ୍କୁ ସମ୍ମାନ ଜଣାଇଥିଲେ । ଉଷାରାଣୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅବନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

ସାହିତ୍ୟ, ସଂସ୍କୃତି ଓ ସାମାଜିକ ସେବାର ସମନ୍ୱୟ 'ସମୟର ଚକ୍ର'ର ଶାରଦୀୟ ସାରସ୍ୱତ ଉତ୍ସବ ଅନୁଷ୍ଠିତ

ବାଲେଶ୍ୱର, ୨୮/୧୦ (ଆ.ପ୍ର) : ସାହିତ୍ୟ, ସଂସ୍କୃତି, କଳା ଓ ସାମାଜିକ ସେବାର ସମନ୍ୱୟ ମାଧ୍ୟମରେ ନୂତନ ପ୍ରତିଭା ସୃଷ୍ଟି ଏବଂ ସେମାନଙ୍କୁ ପ୍ରତିଷ୍ଠା ଦେବାର ଲକ୍ଷ୍ୟ ନେଇ 'ସମୟର ଚକ୍ର' ପକ୍ଷରୁ ଶାରଦୀୟ ସାରସ୍ୱତ ସାଂସ୍କୃତିକ ଉତ୍ସବ ଆୟୋଜିତ ହୋଇଯାଇଛି । ଦୀର୍ଘ ୧୫ ବର୍ଷ ଧରି ଏହି ଅନୁଷ୍ଠାନ ବାଲେଶ୍ୱର ତଥା ଉତ୍ତର ଓଡ଼ିଶାରେ ପ୍ରକୃତି ସୁରକ୍ଷା, କଳା, ସାହିତ୍ୟ, ସଂସ୍କୃତି ଓ ସାମାଜିକ କାର୍ଯ୍ୟକୁ ଆଗେଇ ନେବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଆସୁଛି । ସମ୍ପାଦକ ସର୍ବେଶ୍ୱର ଜେନା ଓ ସହଯୋଗୀ ସମ୍ପାଦିକା ସତ୍ୟଭାମା ଜେନାଙ୍କ ପରିଚାଳନାରେ ଦିବସବ୍ୟାପୀ ଆୟୋଜିତ ଉତ୍ସବର ପ୍ରଥମ ଅଧିବେଶନରେ କବି ଅଭୟ ଦାସ ସଭାପତିତ୍ୱ କରିଥିଲେ । ବିଶିଷ୍ଟ ଶିକ୍ଷାବିତ୍ ଡ. ପଙ୍କଜ କୁମାର ଜେନା ମୁଖ୍ୟ ଅତିଥି, ଯୁବନେତା ତଥା ସମାଜସେବୀ ବିକ୍ରମ ପଣ୍ଡା ମୁଖ୍ୟବକ୍ତା ଏବଂ ଡ. ଘନଶ୍ୟାମ ବିଶ୍ୱାଳ, କବି ବ୍ରଜେନ୍ଦ୍ରନାଥ ଗିରି, ଯୁବନେତା ବିକାଶ ପାତ୍ରୀ, ଅଧ୍ୟାପକ ଗୋରାଙ୍ଗ ପଣ୍ଡା, ସମାଜସେବୀ ପ୍ରତିମା ପଣ୍ଡା ଓ ସତ୍ୟେନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସେମାନେ ସମ୍ପାଦକ ସର୍ବେଶ୍ୱର ଜେନା ଓ ସହଯୋଗୀ ସମ୍ପାଦିକା ସତ୍ୟଭାମା ଜେନାଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅଧିବେଶନରେ ଯୁବ ସମାଜସେବୀ ସିମନ ଦାସ ମହାପାତ୍ର, ସୁବାଷ ଦାସ, କବି ନିରୋଦ ସୁନ୍ଦର ଜେନା, ଆଶ୍ରିତା ତରାଇ, ଫକୀରମୋହନ ସାହିତ୍ୟ ପରିଷଦର ଯୁଗ୍ମ ସମ୍ପାଦିକା ତଥା କବି କଲ୍ୟାଣୀ ନନ୍ଦ, ପେଡ୍‌ମ୍ୟାନ୍ ସତ୍ୟନାରାୟଣ ନାୟକ, କଣ୍ଠଶିଳ୍ପୀ ଦେବାଶିଷ ମହାନ୍ତି, ନୃତ୍ୟଶିଳ୍ପୀ କୁମାରିକା ନାୟକ, ମନୋଜ ମୁଖୀ, ସଙ୍ଗୀତ ଗୁରୁ ଅମରେଶ ପାତ୍ର, ରାଧାଗୋବିନ୍ଦ ଲେଙ୍କା ଓ ବରିଷ୍ଠ ସଦସ୍ୟ ପଦ୍ମଲୋଚନ ଦତ୍ତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଦ୍ୱିତୀୟ ଅଧିବେଶନରେ କବିତା ପାଠ ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ଶାନ୍ତନୁ ପଟ୍ଟନାୟକ ଏହାକୁ ପରିଚାଳନା କରିଥିବାବେଳେ ବରିଷ୍ଠ ସାହିତ୍ୟିକ ତଥା କବି ବ୍ରଜେନ୍ଦ୍ରନାଥ ଗିରି ସଭାପତିତ୍ୱ କରିଥିଲେ । ଫକୀରମୋହନ ସାହିତ୍ୟ ପରିଷଦର ସମ୍ପାଦକ ଡ. ରତ୍ନାକର ସିଂହ ମୁଖ୍ୟ ଅତିଥି ଏବଂ କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସମାଜସେବୀ ଶ୍ରୀକାନ୍ତ ମହାପାତ୍ର, କବି ଭରତଚନ୍ଦ୍ର ଦାସ, ମଧୁସୂଦନ ଦାସ, ଗଗନ ସେଠୀ, 'ଗଛ ମଣିଷ' ରବୀନ୍ଦ୍ର ବେହେରା, ମନୋଜ କୁମାର ନାୟକ, ପ୍ରବୀର କାମିଲା, ସୁବ୍ରତା ମହାନ୍ତି ଓ ରତିକାନ୍ତ ଦାସ ପ୍ରମୁଖ ଯୋଗଦେଇ ପତ୍ରିକାର ଅଧିକ ପ୍ରସାର ଓ ସାହିତ୍ୟିକ କାର୍ଯ୍ୟକ୍ରମର ବ୍ୟାପକତା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅଧିବେଶନରେ ୨୪ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ । ଉତ୍ସବରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ ପ୍ରାୟ ୧୦୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ୨୪ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୨ ଜଣ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୁନି କଣ୍ଠଶିଳ୍ପୀ ଓ ନୃତ୍ୟଶିଳ୍ପୀ ସୁହାନୀ ସାଇ ଜେନାଙ୍କ ନୃତ୍ୟ ଓ ସଙ୍ଗୀତ ପ୍ରଦର୍ଶନ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା । ଏହି କାର୍ଯ୍ୟକ୍ରମରେ ଅଭୟ ସାହୁ, ସୁସଙ୍ଗମ ଜେନା, ସନ୍ତୋଷ ପଟ୍ଟନାୟକ, ଦୀପକ ସେନ ଓ ଲକ୍ଷ୍ମୀଧର ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସମ୍ପାଦକ ସର୍ବେଶ୍ୱର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

ଅନୁଷ୍ଠିତ ହେଲା ବାଲେଶ୍ୱର ମହାବୀର ଆଖଡ଼ା ସଂଘର ବାର୍ଷିକ ଆଖଡ଼ା ପ୍ରତିଯୋଗିତା

ବାଲେଶ୍ୱର, ୨୮/୧୦ (ଆ.ପ୍ର) : ବାଲେଶ୍ୱର ମହାବୀର ଆଖଡ଼ା ସଂଘ ପକ୍ଷରୁ ବାର୍ଷିକ ଆଖଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ-୨୦୨୬ ମାଳଲପୁରସ୍ଥିତ ମହାବୀର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଗଜଲକ୍ଷ୍ମୀ ପୂଜା ପରଦିନ ପୂର୍ଣ୍ଣିମା ତିଥିରେ ଆୟୋଜିତ ଏହି ଉତ୍ସବରେ ବାଲେଶ୍ୱରର ବିଭିନ୍ନ ଆଖଡ଼ା ଦଳ ଅଂଶଗ୍ରହଣ କରି ନିଜର ପାରମ୍ପରିକ ବାଡ଼ିଖେଳ ଓ କ୍ରୀଡ଼ାକୌଶଳ ପ୍ରଦର୍ଶନ କରିଥିଲେ । ସଂଘର ସଭାପତି ଗୋପୀନାଥ ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବାସିନୀ ଜେନା, ପୌରାଧ୍ୟକ୍ଷା ସବିତା ସାହୁ ଏବଂ ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ବିଜୟ କୁମାର ଦାସ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନେ ଆଖଡ଼ା ଖେଳର ଐତିହାସିକ ଗୁରୁତ୍ୱ ଉଲ୍ଲେଖ କରିବା ସହ ଏହି ପାରମ୍ପରିକ କ୍ରୀଡ଼ାର ସୁରକ୍ଷା, ପ୍ରସାର ଓ ଉନ୍ନତି ପାଇଁ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ । ୧୯୨୫ ମସିହାରେ ତତ୍କାଳୀନ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ବାଲେଶ୍ୱର ସଦରର ପ୍ରଥମ ବିଧାୟକ ତଥା ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ର ନାଥ ଦାସଙ୍କ ସମେତ ଅନେକ ସଂଗ୍ରାମୀଙ୍କ ଉଦ୍ୟମରେ ଆଖଡ଼ା ସଂଗଠନ ଗଢ଼ି ଉଠିଥିଲା । ଅବିଭକ୍ତ ବାଲେଶ୍ୱରର ବିଭିନ୍ନ ଗ୍ରାମାଂଚଳରେ ସଂଗଠନ ଗଢ଼ି ବ୍ରିଟିଶ ଶାସନ ବିରୋଧରେ ଲଢ଼ିବା ପାଇଁ ଏହା ଏକ ମାଧ୍ୟମ ହୋଇଥିଲା । ଏହି ଐତିହ୍ୟ ଓ ସଂସ୍କୃତିକୁ ଅକ୍ଷୁଣ୍ଣ ରଖିବା ସହ ଭାଇଚାରାର ବାର୍ତ୍ତା ପ୍ରସାର କରିବା ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ପ୍ରତିବର୍ଷ ପାରମ୍ପରିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ସଂଘର ସାଧାରଣ ସମ୍ପାଦକ ମନୋଜ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବରିଷ୍ଠ ଉପସଭାପତି ପଦ୍ମଲୋଚନ ଲେଙ୍କା ବାଲେଶ୍ୱରର ବାଡ଼ିଖେଳର ଐତିହ୍ୟ ଓ ସାଂସ୍କୃତିକ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରତିଯୋଗିତାରେ ବିରାଷ୍ଟମୀ ଓ ବିଜୟା ଦଶମୀ ଅବସରରେ ଶାନ୍ତିଶୃଙ୍ଖଳା ବଜାୟ ରଖି ସୁନ୍ଦର ଓ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିବା ଆଖଡ଼ା ଦଳଗୁଡ଼ିକୁ ପୁରସ୍କୃତ କରାଯାଇଥିଲା । ପୁରୁଣା ବାଲେଶ୍ୱର ଦଳ ପ୍ରଥମ, ମାନସିଂ ବଜାର ଦଳ ଦ୍ୱିତୀୟ ଏବଂ ଭୀମପୁରା ଦଳ ତୃତୀୟ ପୁରସ୍କାର ପାଇଥିବାବେଳେ ଓଡପାଳ ଆଖଡ଼ା ଦଳକୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ପାରମ୍ପରିକ ଶୈଳୀରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ ପାଇଁ ମଠସାହି ମହାବୀର ଆଖଡ଼ା ଦଳ ପ୍ରଥମ, ହର୍ଷପୁରା ଦଳ ଦ୍ୱିତୀୟ ଏବଂ ଭଣାଣି ମହାବୀର ଆଖଡ଼ା ଦଳ ତୃତୀୟ ପୁରସ୍କାର ଲାଭ କରିଥିଲେ । ଦଳଗତ ପ୍ରତିଯୋଗିତାରେ ମଠସାହି ପ୍ରଥମ, ମାନସିଂ ବଜାର ଦ୍ୱିତୀୟ ଏବଂ ଆଜିମାବାଦ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଉତ୍ସବରେ ସଂଘର ଉପସଭାପତି ମନୋଜ କୁମାର ରାଉତ, ସହସାଧାରଣ ସମ୍ପାଦକ ତ୍ରିଲୋଚନ ଦାଶ, ଯୁଗ୍ମ ସମ୍ପାଦକ ରାମେଶ୍ୱର ବେହେରା, କୋଷାଧ୍ୟକ୍ଷ ରାଜେନ୍ଦ୍ର ଚାଟାର୍ଜି, ସହସମ୍ପାଦକ ବିଜୟ ପଲ୍ଲାଇ, ଦେବେନ୍ଦ୍ର ଦାସ, ସୌମ୍ୟରଞ୍ଜନ ଦାସ ଯାଦବ, ଡ. ପଙ୍କଜ କୁମାର ଦାସ, ସିମନ ଦାସ ମହାପାତ୍ର, ରାଜେନ୍ଦ୍ର ଦାସ, ସତ୍ୟେନ୍ଦ୍ର ଦାସ, ମନୋଜ ଧଳ, ଭାରତ ଭୂଷଣ ଦାସ, ପ୍ରତିମା ପଣ୍ଡା, ଆଶ୍ରିତା ତରେଇ, ଶର୍ମିଳା ବାରିକ, ଯଶୋଦାନନ୍ଦନ ଆଶ ଓ ମାନସ ରଥଙ୍କ ସମେତ ବହୁ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସଭା ଶେଷରେ ଉପସଭାପତି ମନୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଭାବପ୍ରବଣତା

ଭାବପ୍ରବଣ ସମସ୍ତଙ୍କ ଠାରେ ଅଛି । ଆମ ହୃଦୟକୁ କଷ୍ଟ ହେଲାପରି କଥା ପଦେ ଅନ୍ୟକେହି କହିଲେ ଆମ ମନରେ କଷ୍ଟ ହୁଏ । ଆଖିରୁ ଲୁହ ଗଡ଼ିଆସେ । ମୁହଁ ଶୁଖିଯାଏ । ମାନସିକ ଅଶାନ୍ତିରେ ମନ ଭାଙ୍ଗିପଡ଼େ । କାମ କରିବାକୁ ଇଚ୍ଛା ହୁଏନି । ମନରେ ସମସ୍ତ ପ୍ରକାରର ନକରାମକ ଭାବନା ସୃଷ୍ଟି ହୁଏ । ଆମେ ସମସ୍ତେ ଏହିପରି ଅନେକ ଘଟଣାର ସମ୍ମୁଖୀନ ହୋଇଛେ । ଏହି ଅନୁଭୂତି ଆହୁରି ଗୁରୁତର ହୋଇ ଉଠେ ଯେତେବେଳେ ଆମର ଅତି ଆପଣାର କେହି ଜଣେ ଆମ ମନରେ କଷ୍ଟହେଲା ପରି କଥା କୁହନ୍ତି ଅବା କାମ କରନ୍ତି । ବିଶ୍ୱାସରେ ଧୋକା ଅବା ପରୋକ୍ଷରେ କ୍ଷତି କଲାପରି ମନ୍ଦ ଉଦ୍ଦେଶ୍ୟର କାମ କରିଥାନ୍ତି । ଆପଣାର ଲୋକମାନଙ୍କ ପାଖରୁ ଆମେ ସବୁବେଳେ ସ୍ନେହ, ଶ୍ରଦ୍ଧା ତଥା ମନକୁ ସୁହାଇଲା ପରି କଥା ଅବା କାମ ଆଶା କରିଥାଉ । କିନ୍ତୁ ତା'ର ଠିକ୍ ବିପରୀତ କାମଟିଏ କିଏ ଯଦି କରେ ତେବେ ଆମର ସବୁ ସୁଖ ଦୁଃଖରେ ପରିଣତ ହୋଇଯାଏ । ହସଟିଏ ଲୁହ ଆକାରରେ ବୋହିଯାଏ । ସବୁ ଆଲୁଅଗୁଡ଼ିକ ଅନ୍ଧାର ପାଲଟିଯାଏ ଜୀବନଟା ବିଷମୟ ଲାଗେ । ଆମ ମନର ଏହି ଘଡ଼ିସନ୍ଧି ସମୟରେ ଆମେ ସାଥିଟିଏ ଚାହୁଁ ଯାହା ପାଖରେ ଆମେ ମନର ଦୁଃଖକୁ ଖୋଲିକରି କହିପାରିବା । ନିଜ ମନର ଭାବନାକୁ, ଅନୁଭବକୁ, ବେଦନାକୁ, କାହାକୁ ସେହି ବ୍ୟକ୍ତି ପାଖରେ ଆଶା ଓ ବିଶ୍ୱାସର ସହିତ ବାଣ୍ଟି ପାରିବା ଯିଏକି ଶ୍ରଦ୍ଧା, ସ୍ନେହ ଓ ଧୈର୍ଯ୍ୟର ସହିତ ଆମକଥା ଶୁଣିବ । ମନଧ୍ୟାନ ଦେଇ ଆଗ୍ରହର ସହିତ ଆପଣାର ପରି ଆମ କଥାକୁ ବୁଝିବ ଓ ଅନୁଭବ କରିବ । ଆମ ଆଖିର ଲୁହକୁ ତଥା ହୃଦୟର ବ୍ୟଥାକୁ ଠିକ୍ ରୂପେ ହୃଦୟଙ୍ଗମ କରିପାରିବ । ଆମ ଲୁହକୁ ଆମ ବେଦନାକୁ ବୁଝିପାରି ତା ଆଖିରେ ବି ଲୁହ ଆସିଯିବ । ସବୁକିଛିରେ ସହଭାଗୀ ହୋଇ ସେ ବି ସମବେଦନା ଜଣାଇବ । ଆପଣାର କରିନେବ ଆମର ଦୁଃଖକୁ, ଭାବନାକୁ, ଲୁହକୁ ଓ ଆବେଗକୁ ଏହାହିଁ ସମ୍ବେଦନଶୀଳ ମନୋଭାବ । ଆମେ ଯେପରି ଚାହୁଁଛୁ ଯେ ଅନ୍ୟଜଣେ କେହି ଆମ ମନକୁ ବୁଝୁ, ଆମ ଦୁଃଖକୁ ଅନୁଭବ କରୁ ଠିକ୍ ସେହିପରି ଅନ୍ୟମାନେ ବି ଆମଠାରୁ ସେହି ବ୍ୟବହାର ଚାହାଁଥା'ନ୍ତି । ଏହାହିଁ ମଣିଷ ଜୀବନର ବାସ୍ତବ ସତ୍ୟ । ଆଶ୍ଚର୍ଯ୍ୟର କଥା କହିଲେ ଚଳିବ ଯେ ଅଧିକାଂଶ ଲୋକଙ୍କ ପାଖରେ ଧୈର୍ଯ୍ୟ ନଥାଏ ଅବା ଆଗ୍ରହ ନଥାଏ ଅନ୍ୟ କାହାର ଦୁଃଖ ଅବା କଷ୍ଟକୁ ଶୁଣି ସହଭାଗୀ ହେବାପାଇଁ । ସମବେଦନା ଜଣାଇବା ପାଇଁ କିନ୍ତୁ ନିଜର ଦୁଃଖ ସମୟରେ ସେହି ବ୍ୟକ୍ତି ଅନ୍ୟମାନଙ୍କଠାରୁ ସମବେଦନା ହିଁ ଆଶା କରିଥାଏ । ସମ୍ବେଦନଶୀଳ ମନୋଭାବ ଏକ ଉଚ୍ଚକୋଟୀର ମାନବୀୟ ଗୁଣ । ଏହା ଆମ ଜୀବନର ଏକ ବିଶେଷ ଦକ୍ଷତା । ସାମାଜିକ ପ୍ରାଣୀ ହିସାବରେ ଆମେ ଏକ ଗୋଷ୍ଠୀ ଜୀବନଯାପନ କରିଥାଉ । ପରସ୍ପରର ସାହାଯ୍ୟ, ସହଯୋଗ, ସ୍ନେହ ଶ୍ରଦ୍ଧା ନମିଳିଲେ ଆମେ ସୁଖ, ଶାନ୍ତିରେ ରହିପାରିବା ନାହିଁ । ଜୀବନରେ ଯେତେ ଯାହା ସଫଳତା ମିଳୁ ପଛକେ ଶାନ୍ତି ଓ ଆନନ୍ଦରେ ରହିବା ପାଇଁ ହେଲେ ସମସ୍ତଙ୍କ ସହିତ ସହଭାଗୀ ରୂପେ ସମ୍ବେଦନଶୀଳ ହୋଇ ରହିବା ଜରୁରୀ । ପରସ୍ପର ପ୍ରତି ସମ୍ବେଦନଶୀଳତା ହିଁ ଏକ ସଫଳ ଜୀବନର ମାପକାଠି । ସଦ୍‌ଭାବନା, ସତ୍କର୍ମ ହିଁ ସମ୍ଭବ ହୁଏ ସତସଙ୍ଗ ମିଳିଲେ । ସମ୍ବେଦନଶୀଳତା ଏପରି ଏକ ମାନବିକ ଗୁଣ ଯାହାକି ପ୍ରତ୍ୟେକ ବ୍ୟକ୍ତି ପାଖରେ ରହିବା ଆବଶ୍ୟକ । ଏହି ଦକ୍ଷତାର ବିକାଶ ଓ କାର୍ଯ୍ୟକାରିତା ହିଁ ଆମ ଜୀବନର ସବୁ ବାଧାବିଘ୍ନ ତଥା ଅବସାଦକୁ ଦୂର କରିପାରିବ । ଏକ ସୁଖମୟ, ଶାନ୍ତିମୟ ଓ ସଫଳ ଜୀବନ ପାଇଁ ସମ୍ବେଦନଶୀଳ ମନୋଭାବକୁ ସମୃଦ୍ଧ କରିବା ନିହାତି ଜରୁରୀ ଏହା ଏକ ସାଧନା ସାଧନା କଲେ ହିଁ ସିଦ୍ଧି ସମ୍ଭବ ହେବ । ଆମ ଜୀବନରେ ଅନ୍ୟମାନଙ୍କ ସହିତ ସୁଖ, ଶାନ୍ତି ଓ ସଫଳ ଭାବେ ରହିବାକୁ ହେଲେ ସମ୍ବେଦନଶୀଳ ମନୋଭାବ ହିଁ ଏକ ଶକ୍ତିଶାଳୀ ଦକ୍ଷତା । ତେଣୁ ସମ୍ବେଦନଶୀଳ ମନୋଭାବକୁ ସଜାଗ ରଖିବାକୁ ହେଲେ ଯେଉଁ କାର୍ଯ୍ୟରୁ ଦୂରେଇ ରହିବାକୁ ହେବ ତାହା ହେଉଛି । ଅନ୍ୟମାନଙ୍କ ପ୍ରତି ସମ୍ବେଦନଶୀଳ ମନୋଭାବରେ ସହୃଦୟତା ଆବଶ୍ୟକ । ଅନ୍ୟର କଥା ଶୁଣିବାକୁ, ମନର ଆବେଗକୁ ବୁଝିବାକୁ ମନରେ ପ୍ରକୃତ ଆଗ୍ରହ ଥିବା ଦରକାର । କିନ୍ତୁ ଅଧିକାଂଶ ଲୋକଙ୍କର ଏଥିପ୍ରତି ପ୍ରକୃତ ଆଗ୍ରହ ନଥାଏ ।

ଜୈବ ବିବିଧତା ଓ ହେନ୍ତାଳ ବଣ

।। ଡ଼ଃ.ଅରୁନ୍ଧତୀ ଦେବୀ ।।

ସମଗ୍ର ବିଶ୍ୱରେ ଝଡ଼, ବାତ୍ୟା ଓ ବନ୍ୟାସ୍ଥିତିରୁ ସୁରକ୍ଷା ଦେଉଥିବା ହେନ୍ତାଳ ବଣ ଗୁଡ଼ିକ ଯୋଗୁଁ ବାର୍ଷିକ ପ୍ରାୟ ସାଢ଼େ ୮୫ ହଜାର କୋଟି ଡଲାର ବଂଚାଯାଉଛି ବୋଲି ବିଶ୍ୱ ବ୍ୟାଙ୍କର ଦି ଚେଞ୍ଜିଂ ୱେଲଥ ଅଫ ନେସନସର ୨୦୨୬ ସଂସ୍କରଣରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାଯାଇଛି । ଓଡ଼ିଶାରେ 'ବାତ୍ୟା ଅର୍ଣ୍ଣବ' ଘନୀଭୂତ ହେବା ଓ ଏହାକୁ ନେଇ ଅନେକ ଆଶଙ୍କା ଓ ସମ୍ଭାବନା ସୃଷ୍ଟି ହେବା ସମ୍ପର୍କରେ ହେନ୍ତାଳ ବଣ ଯେ ଆମ ମାନଙ୍କ ପାଇଁ ତଥା ପରିବେଶ ପାଇଁ କେତେ ମହତ୍ୱପୂର୍ଣ୍ଣ ଏହା ହିଁ ଏକ ବଡ଼ ଗୁରୁତ୍ୱପୂର୍ଣ୍ଣ ଆଲୋଚନା । ସୂଚନାଥାଉକି ସମୁଦ୍ର ଉପକୂଳରେ ବସବାସ କରୁଥିବା ଲୋକମାନଙ୍କୁ ବନ୍ୟା, ଝଡ଼ତୋଫାନ ଓ ମୃତ୍ତିକା କ୍ଷୟରୁ ସୁରକ୍ଷା ଯୋଗାଉଥିବା ହେନ୍ତାଳବଣର ଭୂମିକାକୁ ତର୍ଜମା କରି ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି । ବନ୍ୟା ଓ ସାମୁଦ୍ରିକ ଜୁଆରର ଉପଦ୍ରବରୁ ମୁକୁଳିବା ପାଇଁ ବିଭିନ୍ନ ରାଷ୍ଟ୍ର ସାଧାରଣତଃ ପାରମ୍ପରିକ ଭାବେ ସମୁଦ୍ର ପ୍ରାଚୀର ଓ ଆଡ଼ି ବନ୍ଧ ପରି ଭିତିଭୂମି ନିର୍ମାଣକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି । ତେବେ ହେନ୍ତାଳବଣ ପରି ପ୍ରାକୃତିକ ପର୍ଯ୍ୟାବରଣ ପ୍ରଣାଳୀ ତାହା ସମତୁଲ ବା ତା ଠାରୁ ଅଧିକ ସୁରକ୍ଷା ଯୋଗାଇବା ସହ ତାହାର ଅନ୍ୟାନ୍ୟ ପରିବେଶଗତ ଉପାଦେୟତା ରହିଛି ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି । ୧୨୧ଟି ଦେଶର ପ୍ରାୟ ୭ ଲକ୍ଷ କି.ମି ବ୍ୟାପୀ ସମୁଦ୍ର ଉପକୂଳସ୍ଥ ହନ୍ତାଳବଣର ଭୂମିକାକୁ ଅନୁଧ୍ୟାନ କରି ଏପରି ନିର୍ଯ୍ୟାସ ମିଳିଛି । ଭିତରକନିକା ସନ୍ନିକଟ ହେନ୍ତାଳ ବଣ ଆମ ଓଡ଼ିଶାର ଏକ ଜୈବ ପ୍ରାକୃତିକ ଅମୂଲ୍ୟ ସମ୍ପଦ । ସମୁଦ୍ର ଉପକୂଳ ମାନଙ୍କରେ ଜନବସତି ବଢ଼ି ଚାଲିଥିବା ବେଳେ ସେମାନଙ୍କର ବନ୍ୟାବିପତି ହ୍ରାସ ଦିଗରେ ହେନ୍ତାଳ ବଣର ଭୂମିକା ଅନନ୍ୟ ବୋଲି କୁହାଯାଇଛି । ଏହି ବୃକ୍ଷରାଜିର ଉପସ୍ଥିତି ଯୋଗୁଁ ୧୯୯୬ ମସିହାରୁ ୨୦୧୦ ମସିହା ମଧ୍ୟରେ ବନ୍ୟାଜନିତ ୧୩ ହଜାର କୋଟି ଡଲାରର କ୍ଷୟକ୍ଷତିକୁ ରୋକାଯାଇପାରିଛି ।

ସେହିପରି ୨୦୧୦ ଓ ୨୦୨୦ ମଧ୍ୟରେ ବଂଚିଯାଇଥିବା କ୍ଷତି ପରିମାଣ ୫୦ ହଜାର କୋଟି ଡଲାର ବୋଲି ଆକଳନ କରାଯାଇଛି । ହେନ୍ତାଳବଣର ସମ୍ପ୍ରସାରଣ ଯୋଗୁଁ ଯଦିଓ ଚିଙ୍ଗୁଡ଼ି ଚାଷ ଓ ଅନ୍ୟାନ୍ୟ ଉପକୂଳ ବିକାଶରେ ବ୍ୟାଘାତ ଘଟିଛି ତେବେ ବନ୍ୟା ପ୍ରତିରୋଧୀ ଭାବରେ ଏହି ପ୍ରାକୃତିକ ସବୁଜ ସମ୍ପତି ଉପକୂଳବାସୀଙ୍କ ପାଇଁ ଅପରିହାର୍ଯ୍ୟ ହୋଇ ପଡ଼ିଛି । ଏହି ବନ୍ୟା ଓ ଝଡ଼ ପ୍ରତିରୋଧୀ ସୁରକ୍ଷା କବଚ ଦ୍ୱାରା ଚୀନ, ଭିଏତନାମ, ଅଷ୍ଟ୍ରେଲିଆ, ଆମେରିକା ଓ ଭାରତ ଭଳି ଦେଶ ବିଶେଷ ଉପକୃତ ହୋଇପାରୁଛନ୍ତି ବୋଲି ଏହି ଅଧ୍ୟୟନରୁ ଜଣାଯାଇଛି । ଅନେକ ଏହି ହେନ୍ତାଳ ବଣ ସନ୍ନିକଟ ଅଧିବାସୀ ମାନେ ସେମାନଙ୍କ ଜୀବନ ଜୀବିକା ପାଇଁ ଅନେକାଂଶରେ ଏହା ଉପରେ ନିର୍ଭରଶୀଳ । ଏହା ସହିତ ହେନ୍ତାଳ ବଣ ମାଟି ଅବକ୍ଷୟ ପାଇଁ ବିଶାଳ ପାଚେରୀ ସୁରକ୍ଷା କବଚ ହୋଇଥାଏ ଅନ୍ୟ ପଟେ ଏହା ଅମ୍ଳଜାନର ଗନ୍ତାଘର । ଏହି ଜୈବ ବିବିଧତା ଭିତରେ ଅନେକ ପଶୁପକ୍ଷୀ ବସବାସ କରନ୍ତି । ସାମୁଦ୍ରିକ ଜଳରାଶିରେ ମତ୍ସ୍ୟ ସମ୍ପଦ ସରକାରଙ୍କ ରାଜସ୍ୱ ପାଇବାର କାରଣ ହୋଇଥାଏ ଏବଂ ଅନେକ ଲୋକଙ୍କର ଜୀବନ ଜୀବିକାର ମୁଖ୍ୟ ଆଧାର ହୋଇଥାଏ । ତେଣୁ ବର୍ତ୍ତମାନ ଅନେକ ଦେଶରେ ହେନ୍ତାଳ ବଣର କେବଳ ସୁରକ୍ଷା ନୁହେଁ ଏହାର ପୁନରୁଦ୍ଧାର ସହିତ ଏହାକୁ ଏକ ପର୍ଯ୍ୟଟନ କେନ୍ଦ୍ର ଭାବେ ପରିଚିତ କରି ଅନେକ ପ୍ରକୃତିପ୍ରେମୀ ଏହି ସ୍ଥାନକୁ ଯାତ୍ରା କରୁଛନ୍ତି । ଯାହାଦ୍ୱାରା ସ୍ଥାନୀୟ ଅଂଚଳର ଅନେକ ବିକାଶ ମଧ୍ୟ ହୋଇପାରୁଛି । ହେନ୍ତାଳ ବଣର ସୁରକ୍ଷା ଓ ପୁନରୁଦ୍ଧାର କେବଳ ପରିବେଶ ପାଇଁ ଉପଯୋଗୀ ନୁହେଁ, ଏହା ପରୋକ୍ଷରେ ଆର୍ଥିକ ଲାଭ ମଧ୍ୟ ପ୍ରଦାନ କରୁଥିବାରୁ ତାହା ଉପରେ ଗୁରୁତ୍ୱାରୋପ କରିବା ଅପରିହାର୍ଯ୍ୟ ।

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ କଟକ,
ମୋ : ୯୯୩୭୧୭୨୮୧୦

ଜଗତ ମାତା ଚ ପ୍ରକୃତିଃ... ଗରିୟସୀ ଜଗତାଂ ମାତା

।। ଲକ୍ଷ୍ମୀ ନାରାୟଣ ମଲ୍ଲିକ ।।

ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି- 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା । ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା । ।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା । ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ । ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ । ନାରୀଙ୍କ ସ୍ଥାନ ସର୍ବଦା ଆଗରେ । ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି । ସୁତରାଂ ଦେବତା ଓ ମହାପୁରୁଷମାନଙ୍କର ନାମ ସହିତ ସେମାନଙ୍କର ପତ୍ନୀଙ୍କ ନାମ ସଂଯୋଗ କରାଯାଇଛି । ଯଥା ସୀତାରାମ, ରାଧେଶ୍ୟାମ, ଗୌରୀଶଙ୍କର, ଉମାମହେଶ, ଲକ୍ଷ୍ମୀନାରାୟଣ, ସାବିତ୍ରୀସତ୍ୟବାନ, ମାୟାବ୍ରହ୍ମ, ପ୍ରକୃତିପରମେଶ୍ୱର, ଶକ୍ତିଶିବ ଇତ୍ୟାଦି । ପବିତ୍ରତା, ସ୍ନେହ, ବାତ୍ସଲ୍ୟ, ଦୟା, ସେବା, ସହାନୁଭୂତି, ଭକ୍ତିଭାବନା ଆଦି ଗୁଣରେ ପୁରୁଷ ଅପେକ୍ଷା ନାରୀ ହିଁ ଆଗରେ । ସୁତରାଂ ଧାର୍ମିକ ଓ ଆଧାତ୍ମିକ ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକରେ ନାରୀକୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ । ନାରୀକୁ ତା'ର ମହନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ୍ୟ ଦିଆଯାଇଛି ।

ମା' ସବୁବେଳେ ବିଶ୍ୱାସର ବାଉଁଶ ପାହାଚ ଯେ ଅସମର୍ଥ ପାଦକୁ ଚାଲିବାର କଳା ଓ କୌଶଳ ଶିଖାଇଥାଏ । ମା'ହେଉଛି ବିଶ୍ୱାସର କଳ୍ପବଟ ଯାହା କୋଳରେ ମଥର ଥାପି ଦେଲେ ସବୁ ଦୁଃଖକଷ୍ଟ ନିମିଷକେ ଉଭେଇଯାଏ । ମା'ପୁଣି ବିଶ୍ୱାସର ଗରୁଡ଼ ସ୍ତମ୍ଭ ଯାହାକୁ ଜାବୁଡ଼ି ଧରିଲେ ଜୀବନରେ ସବୁକିଛି ପ୍ରାପ୍ତିର ସନ୍ତୋଷ ମିଳିଯାଏ । ମା'ବିଶ୍ୱାସର ପତିତପାବନ ବାନା ଯେ ଆଶା ଓ ସାହାସର, ଧୈର୍ଯ୍ୟ ଓ ପ୍ରେରଣାର ଅଫୁରନ୍ତ ସ୍ରୋତ । କୌଣସି ସାମାଜିକ ପଦପଦବୀରେ ଆସୀନ ନ ହୋଇଥିଲେ ମଧ୍ୟ ନିଜର ଅସୀମ ଧୈର୍ଯ୍ୟ ଓ ପ୍ରଗାଢ଼ ଭଗବତ ବିଶ୍ୱାସକୁ ପାଥେୟ କରି, ସ୍ୱାମୀ ଆଦିକନ୍ଦ ମଲ୍ଲିକ ଯେ କି ଓଡ଼ିଶାର ବରିଷ୍ଠ ଅର୍ଥସେବା ପ୍ରଶାସନିକ ଅଧିକାରୀ ଥିଲେ, ତାଙ୍କ ଦେହାନ୍ତ ପରେ ଜୀବନର ଶେଷ ପଇଁତିରିଶ ବର୍ଷ ଏକାକୀ ନିଜର ଚାରିପୁତ୍ର ଓ ତିନି କନ୍ୟାସନ୍ତାନଙ୍କୁ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ କରାଇ ଏକ ଆଦର୍ଶ ମା'ର ଭୂମିକା ତୁଲାଇ ପାରିଛନ୍ତି ତଥା ବହୁ ଅମୂଲ୍ୟ ସାମାଜିକ ଓ ପାରିବାରିକ ଆଦର୍ଶବୋଧର ଉଦାହରଣ ପାଲଟିଛନ୍ତି । ବାହ୍ୟ ଆଡ଼ମ୍ବରଶୂନ୍ୟ, ଚାକଚକ୍ୟ ବିହୀନ ଜୀବନଯାପନ କରି ସଂପୂର୍ଣ୍ଣ ସାଧାରଣ ମହିଳାଟିଏ ଭଳି ପ୍ରତୀତ ହେଉଥିବା ଏହି ମଣିଷଟି ମଧ୍ୟରେ ଯେ ଆତ୍ମବିଶ୍ୱାସ, ଦୃଢ଼ଇଚ୍ଛା ଶକ୍ତି, ପ୍ରଗାଢ଼ ଈଶ୍ୱରଭକ୍ତି ବଳରେ ଏକ ସଶକ୍ତ ମନ, ତୀକ୍ଷଣ ବୁଦ୍ଧି, ବିଚକ୍ଷଣ ସ୍ମରଣଶକ୍ତି ଓ ବିଶ୍ରାମହୀନ କାର୍ଯ୍ୟ କରିବାର ଅଫୁରନ୍ତ କ୍ଷମତା ରହିଛି ତାହା ଯେ କେହି ତାଙ୍କ ସଂସ୍ପର୍ଶରେ ଆସିଛି ଅନୁଭବ କରିପାରିଛି । ଜୀବନର ସପ୍ତ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୋଇ ନିଜର ପ୍ରତ୍ୟେକଟି ସନ୍ତାନଙ୍କୁ ପ୍ରତିଷ୍ଠିତ କରାଇ ପାରିବା ପଛରେ ମହାପ୍ରଭୁ ଜଗନ୍ନାଥ, ଦିବ୍ୟ ଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ଓ ନିଜର ଗୁରୁଦେବ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କର ଅଶେଷ କରୁଣା ରହିଛି ବୋଲି ଆଜୀବନ ବିଶ୍ୱାସ କରୁଥିଲେ ସ୍ୱର୍ଗତ ରମା ମଲ୍ଲିକ । ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ଦୃଢ଼ ଓ ସଂଶୟରହିତ ସଂପୂର୍ଣ୍ଣ ସମର୍ପଣ ଭାବ ହିଁ ତାଙ୍କର ଜୀବନୀଶକ୍ତି ଥିଲା । ଭକ୍ତ ପ୍ରହ୍ଲାଦ ସ୍ତମ୍ଭ ମଧ୍ୟରେ ନିଜର ଭଗବାନଙ୍କୁ ଦର୍ଶନ କଲାଭଳି ଚିଭି ପଟାରେ ପତିତପାବନଙ୍କୁ ଦେଖିବା ପାଇଁ ମା'ଙ୍କ ପାଇଁ ପ୍ରଭୁଙ୍କର ଦୈନନ୍ଦିନ ପ୍ରତ୍ୟକ୍ଷ ଦର୍ଶନ ସହ ସମାନ ଥିଲା ।

ଅନ୍ୟମାନଙ୍କ ପ୍ରତି ନିଜର ବ୍ୟବହାର, ଆଚାର ବିଚାରକୁ ସେ ସଂପର୍କର ସଂଜ୍ଞା ଭିତରେ କେବେ ବାନ୍ଧି ନାହାନ୍ତି । ପୁଅବୋହୂ, ଝିଅଜ୍ୱାଇଁ, ନାତି ନାତୁଣୀ, ଘର କାମରେ ସାହାଯ୍ୟ କରୁଥିବା ଲୋକ ଠାରୁ ଆରମ୍ଭ କରି ଫୁଲବାଲା, ଡ୍ରାଇଭର, ଗାର୍ଡ଼ ସମସ୍ତଙ୍କ ପାଇଁ ସେ ଅତି ଆଦରର ମାଆ ଥିଲେ ଓ ସମସ୍ତେ ତାଙ୍କର ସନ୍ତାନ ସଦୃଶ ଥିଲେ । କେହି କେବେ ସଂପର୍କ ଆଳରେ ତାଙ୍କର ସ୍ନେହ ଓ କରୁଣାରୁ କାଣିଚାଏ କମ ବେଶୀର ପାର୍ଥକ୍ୟ ଅନୁଭବ କରିନାହାନ୍ତି । ଯେ କେହି ତାଙ୍କ ସଂସ୍ପର୍ଶରେ ଅସିଛି, ଗୁରୁପଦ କଥାରେ ସେ ତାଙ୍କୁ ନିଜର କରିନେଇଛନ୍ତି । ମା'ର ଆବେଗ, ସର୍ତ୍ତବିହୀନ ସ୍ନେହ, ମଧୁର ବ୍ୟବହାର, ମନଲୋଭା କଥା, ଜଗତଭୁଲା ହସ ଭିତରେ ସେ ଆପଣେଇ ନେଇଛନ୍ତି ସଭିଙ୍କୁ । ପୌରାଣିକ କାହାଣୀ ପାରୁ ଆରମ୍ଭ କରି ବାସ୍ତବ ଉଦାହରଣ ଦେଇ ଯେ କୌଣସି ପରିସ୍ଥିତିର ଆଶା ଓ ବିଶ୍ୱାସର ସହ ସମ୍ମୁଖୀନ ହେବା ପାଇଁ ସମସ୍ତଙ୍କୁ ପ୍ରେରିତ କରିଆସିଛନ୍ତି ସେ । ଜୀବନର ମୂଲ୍ୟ ବୁଝିଥିଲେ ରମା ଦେବୀ । ନିଜେ ଭଲ ଖାଇବାକୁ ଓ ଅନ୍ୟକୁ ଖୁଆଇବାକୁ, ନିଜେ ଭଲ ପିନ୍ଧିବାକୁ ଓ ଅନ୍ୟକୁ ସେହି ରୂପରେ ଦେଖିବାକୁ, ବିଭିନ୍ନ ସ୍ଥାନ ବୁଲି ଦେଖିବାକୁ, ଯୁଗୋପଯୋଗୀ ସମସ୍ତ ନୂତନତା ବିଷୟରେ ଜାଣିବାକୁ ଯୁବସୁଲଭ ଆଗ୍ରହ ଥିଲା ତାଙ୍କର । ନିଜ ସମୟ ଠାରୁ ବହୁ ଆଗରେ ଥିଲେ ସେ । ସମସ୍ତ ପ୍ରକାର ଆଧାତ୍ମିକ ପରମ୍ପରା, ସାମାଜିକ ମୂଲ୍ୟବୋଧକୁ ସମ୍ମାନ ଦେବା ସଙ୍ଗେ ସଙ୍ଗେ ରକ୍ଷଣଶୀଳତା ଠାରୁ ଦୂରରେ ରହି ଏକ ଅପୂର୍ବ ସନ୍ତୁଳନ ବଜାୟ ରଖିଥିଲେ । ମୁକ୍ତ ମନରେ ସମସ୍ତ ବିଚାରକୁ ଓ ସମସ୍ତଙ୍କୁ ଆପଣେଇ ନେଉଥିଲେ । ନିଜର ଦୈନନ୍ଦିନ ମୁହୂର୍ତ୍ତ ଗୁଡ଼ିକର ଅନୁଭୂତି ଲିପିବଦ୍ଧ କରିବା ତାଙ୍କର କାହିଁ କେଉଁ କାଳରୁ ଅଭ୍ୟାସ ଥିଲା, ଯାହା ଆଜକି ଯୁବପୀଢ଼ି 'ଜର୍ନାଲିଙ୍ଗ' ନାମରେ ଅନୁସରଣ କରୁଛି । ତାଙ୍କର ଜୀବନାଦର୍ଶ ଶରଧାବାଲିର ରେଣୁ ହୋଇ ଆମ ଜୀବନ ବଢ଼ଦାଣ୍ଡରେ ଆଗକୁ ଚାଲିବାର ପ୍ରେରଣା ହୋଇ ରହିଥାଉ ।

ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ । ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି । ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ । ଉତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତବ୍ୟ । ଭାରତୀୟ ଧର୍ମ, ସଂସ୍କୃତି ଓ ଦିବ୍ୟ ସମାଜ ଗଠନ ସହ ପରିବାରରେ ମାତୃ ଆଦର୍ଶର ମହନୀୟତା ଚିର ଜାଜ୍ଜ୍ୱଲ୍ୟମାନ ହୋଇ ସମସ୍ତଙ୍କ ପାଇଁ ପ୍ରେରଣାର ଆଲୋକବର୍ତିକା ହୋଇ ଚାଲିଥାଉ ଏହା ହିଁ କାମନା । ଜୟ ଜଗନ୍ନାଥ ।

ଅବସରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ, ସେଲ, କୋଲକତା,
ମୋ : ୯୪୭୭୭୦୨୨୦୨

ୱାର୍ଲଡ଼ ଷ୍ଟ୍ରୋକ୍ ଡେ'

।। ଡାକ୍ତର ପ୍ରଫୁଲ୍ଲ କୁମାର ଦାସ ।।

ସକାଳୁ ସକାଳୁ ଅନେକ ଖବର ସୁଖଦ ହୋଇନଥାଏ କିଛି ମଧ୍ୟ ଦୁଃଖଦ ହୋଇଥାଏ । ତେବେ କେବଳ ସକାଳ ସମୟ ନୁହେଁ ଦିନ ଓ ରାତିର ଯେ କୌଣସି ସମୟରେ ବି ଜଣେ ପରିଚିତ ଲୋକଙ୍କର ଷ୍ଟ୍ରୋକ ସମସ୍ୟା ଓ ବିଳମ୍ବ ଚିକିତ୍ସା ବା କୌଣସି ପରିପାର୍ଶ୍ୱିକ ଅନ୍ୟ ସମସ୍ୟା ପାଇଁ ଜୀବନ ଚାଲିଯିବାର ଅଚାନକ ଖବରଟି ଅନେକ କଷ୍ଟ ଦେଇଥାଏ । ଚିକିତ୍ସା ବିଜ୍ଞାନ ଭିତରେ ବର୍ତମାନର ସମୟକୁ ଦେଖିଲେ ଅନେକଙ୍କର ଏହି ସମସ୍ୟା ଜୀବନ ହାନୀର କାରଣ ହୋଇଥାଏ । ପ୍ରତିବର୍ଷ ଅକ୍ଟୋବର ୨୯ରେ ପାଳନ କରାଯାଏ ୱାର୍ଲଡ଼ ଷ୍ଟ୍ରୋକ ଡେ । ମସ୍ତିଷ୍କଘାତ ବା ହୃଦ୍‌ଘାତ ବାବଦରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଦିବସର ସୃଷ୍ଟି । ୨୦୦୬ରୁ ୱାର୍ଲଡ଼ ଷ୍ଟ୍ରୋକ୍ ଅର୍ଗାନାଇଜେସନ୍ ଆନୁକୂଲ୍ୟରେ ଏହା ପାଳନ କରାଯାଉଛି । କାନାର୍ଡ଼ ଆନ୍ ନ୍ୟୁରୋସାଇନ୍‌ଟିଷ୍ଟ ଡ.ଭ୍ଲାଦିମିର ହାସିନ୍‌ସ୍କି, ପ୍ରଥମେ ଏଥିପାଇଁ ପ୍ରସ୍ତାବ ଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ ସଂପ୍ରତି ଷ୍ଟ୍ରୋକ୍ ବିଶ୍ୱରେ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା । ପୃଥିବୀ ବିଖ୍ୟାତ ସ୍ୱାସ୍ଥ୍ୟ ପତ୍ରିକା 'ଲାନସେଟ'ର ତଥ୍ୟ ଅନୁଯାୟୀ ବାର୍ଷିକ ପ୍ରାୟ ଦେଢ଼ କୋଟି ମଣିଷ କୌଣସି ନା କୌଣସି ପ୍ରକାରର ଷ୍ଟ୍ରୋକ୍‌କୁ ସାମ୍ନା କରୁଛନ୍ତି । ନିତିଦିନିଆ ଜୀବନରେ ଆମେ ଦେଖିବାକୁ ପାଉଛେ ଅନେକ ଅନଭ୍ୟସ୍ତ ଜୀବନ ଶୈଳୀ ଓ ବେପରୁଆ ଖାଦ୍ୟପେୟ, ବିଶ୍ରାମ ଷ୍ଟ୍ରୋକର ବଡ଼ କାରଣ ।

ମନେରଖନ୍ତୁ ପ୍ରତିଦିନ ପ୍ରାତଃ ଭ୍ରମଣ ଅଭ୍ୟାସ ଖୁବ ଭଲ । ସର୍ବପ୍ରଥମେ ନିଜ ପାଇଁ ଏକ ଭଲ ରୁଟିନ ଜୀବନ ନିଜେ ହିଁ ତିଆରି କରନ୍ତୁ । ସୁଷମ ଖାଦ୍ୟ, ତଟକା ପନିପରିବା ସବୁଠାରୁ ଭଲ । ଆମିଷ ନଖାଇଲେ ଚଳିବ ତେବେ ଖାଉଥିଲେ ଦେଶୀମାଛ ବା ଦେଶୀ ଅଣ୍ଡା ଖାଆନ୍ତୁ । କୌଣସି ପ୍ରକାର ନିଶାଦ୍ରବ୍ୟ ସହ ସମ୍ପର୍କ ରଖନ୍ତୁ ନାହିଁ । ରାତିରେ ନିଶ୍ଚିତ ଭାବରେ ସାତରୁ ଆଠଘଂଟା ବିଶ୍ରାମ ନିଅନ୍ତୁ । ସକାଳ ଜଳଖିଆ ଖାଇବା ପାଇଁ ଭୁଲନ୍ତୁ ନାହିଁ । ବଜାରର ତଥାକଥିତ ଫାଷ୍ଟଫୁଡ ଠାରୁ ଯଥା ସମ୍ଭବ ନିଜକୁ ଦୂରେଇ ରଖିବା ଭଲ ଅଭ୍ୟାସ । ଯୋଗ, ପ୍ରାଣାୟାମ ଓ ବ୍ୟାୟାମ ଆପଣଙ୍କ ପାଇଁ ଅମୃତ ମହୌଷଧି ପରି କାମ କରିଥାଏ ବୋଲି ଭୁଲନ୍ତୁ ନାହିଁ । ରାତ୍ରି ଭୋଜନ ନଅଟା ଭିତରେ ସାରନ୍ତୁ ଏବଂ ବିଶ୍ରାମକୁ ଯିବା ପୂର୍ବରୁ କିଛି ସମୟ ପଦ ଚାଳନା କରନ୍ତୁ । ଜୀବନ ଅଛି ତ ସମସ୍ୟା ରହିବ ନିଶ୍ଚୟ ତେବେ ଅନାବଶ୍ୟକ ଟେନସନ ରୁହନ୍ତୁ ନାହିଁ କି କାହାକୁ ଟେନସନ ଦିଅନ୍ତୁ ନାହିଁ । ଘଂଟା ଘଂଟା ଧରି ସୋସିଆଲ ମିଡ଼ିଆରେ ନିଜକୁ ବ୍ୟସ୍ତ ରଖନ୍ତୁ ନାହିଁ । ନିଜ କାମରେ ନିଜକୁ ବ୍ୟସ୍ତ ରଖନ୍ତୁ । ନିଜ ପାଇଁ ନିଜ ପରିବାର ପାଇଁ କିଛି ସମୟ ରଖନ୍ତୁ । ଷ୍ଟ୍ରୋକ ସେପରି ଏକ ବିରାଟ ବଡ଼ ରୋଗ ନୁହେଁ ଏବଂ ଏହାର ଚିକିତ୍ସା ମଧ୍ୟ ଆପଣଙ୍କ ହାତରେ ରହିଛି । ନିଜେ ହିଁ ଆପଣ ଏହି ରୋଗକୁ ନିମନ୍ତ୍ରଣ କରିବେ ଏବଂ ନିଜେ ଚାହିଁଲେ ଏହାକୁ ବିଦାୟର ରାସ୍ତା ତ ଦେଖାଇପାରିବେ କିନ୍ତୁ ନିମନ୍ତ୍ରଣ ନଦେବା ପାଇଁ ନିଜେ କିଛି ଉପାଦେୟ ସ୍ୱାସ୍ଥ୍ୟ ରୁଟିନ ନିଜ ପାଇଁ ହିଁ ତିଆରି କରନ୍ତୁ ।

କନସଲଂଟାଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,

ଭଦ୍ରବଳ, ଭଦ୍ରବୀର

।। ଉତ୍କଳାନନ୍ଦ ଅଜୟ କୁମାର ବେହେରା ।।

ଏହା ଓଟଲ ଶବ୍ଦ ଆଗ ପଛ ଲେଖା ବୋଲି ପାଠକେ ଭୁଲ ବୁଝନ୍ତୁ ନାହିଁ । ବଳ ସହ ଭଦ୍ର ଜୀବନ ଯାପନ ଓ ବୀର ହେବା ଅର୍ଥ ଭଦ୍ର ହେବା ବିଶେଷ ସନାତନୀ ଏହା ବୋଧ ପାଇଁ ପୁରାଣର ଉପଦେଶଙ୍କ ମୂର୍ତି କାରିଗରମାନେ ରୂପ, ରଙ୍ଗ ଦେଇ ପୂଜା, ଉପାସନାରେ ସାମିଲ କରିଛନ୍ତି । ଭଦ୍ର ଲୋକ, ଅନ୍ୟାୟଙ୍କୁ ପ୍ରଶ୍ରୟ ଦେଇ ନଥାନ୍ତି, ଅନ୍ୟାୟ କରନ୍ତି ନାହିଁ କି ସେପରି ମାର୍ଗ ରଖନ୍ତି ନାହିଁ । ଅନ୍ୟାୟ କରୁଥିବା, କରାଉଥିବା ଶକ୍ତିମାନେ ଏକ ଗୋଷ୍ଠୀ ବଳୀ, ହାତ ହତିଆର ବଳୀ, ସ୍ୱାର୍ଥପର ଗୋଷ୍ଠି, ଏହା ଏହାକୁ ମୁକାବିଲା କରିହୁଏ ନାହିଁ । କିନ୍ତୁ ବଳିଷ୍ଠ ବ୍ୟକ୍ତିତ୍ୱ ମହାସ୍ୱର ଆରମ୍ଭ କଲେ ତାଙ୍କ ସହ ଅନେକ ସାମିଲ ପଛେ ପଛେ ହୋଇ ପାରନ୍ତି ।

ରାଜ ଅନୁଗ୍ରହିତ ହୋଇ ଅନେକ କଳଙ୍କିତ କଷ୍ଟ ଅଧ୍ୟାୟ ସୃଷ୍ଟି କରୁଛନ୍ତି । ଏହାର ଅଗ୍ରଗାମୀ ବ୍ୟକ୍ତି ଯଦି ଅତି ମନ ବଳାକୁ ବହୁବଳୀ ନ ହେବ ତେବେ ଅନ୍ୟାୟର ହେଳି ଖେଳ ଚାଲୁଥିବ । ଏପାଇଁ ପ୍ରଭୁ ବଳଭଦ୍ର, ରୁଦ୍ର ଅନୁଚର ବୀରଭଦ୍ର, ଭଦ୍ର କେମିତିକା ହେବା ଦରକାର ତାର ଉଦାହରଣ । ଏହା ବି ନାରୀ ଜାତିଙ୍କୁ ଛାଡ଼ି ନାହିଁ ମା ସୁଭଦ୍ରା, ଏହାର ଆଦ୍ୟା, ପୁରୁଷ ସମାଜ ଶକ୍ତି ମଧ୍ୟରେ କେମିତି ଚଳି ନିଜର ସମ୍ମାନ ଅତୁଟ ରହି ଭଦ୍ରା ହୋଇ ରହିବେ ତାର ଉଦାହରଣ ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ
ଦୂରଭାଷ : ୯୪୩୭୧୦୩୧୨୫୩

'ଜଳୁଛି ଦୀପାଳି ଆଖିର ଲୁହରେ.......'

।। ଅନୁପମା ଭୂୟାଁ ।।

ଦୀପ ସବୁଦିନ ଜଳେ । ସଞ୍ଜ ସକାଳେ ଦେବାଳୟରେ ଦୀପ ଜଳେ । ସନ୍ଧ୍ୟାବେଳେ ଗୃହିଣୀମାନେ ଚଉରାମୂଳରେ ସନ୍ଧ୍ୟାଦୀପ ଲଗାନ୍ତି । ଆଉ କେତେକ ବିଶେଷ ଅନୁଷ୍ଠାନରେ ଦୀପ ଜଳାଯାଏ । ଏଥିପାଇଁ ବ୍ୟବହାର କରାଯାଉଥିବା ଦୀପ ଗୁଡ଼ିକ ପିତଳ ଅଥବା ପଥରରେ ତିଆରି । ଏସବୁ ବାଦ ଦେଲେ ଦୀପଜଳା ପାଇଁ ଯେଉଁ ବିଶେଷ ଦିନଟି ରହିଛି ତାହା ହେଉଛି ଦୀପାବଳି ଅମାବାସ୍ୟା । ପିତୃଲୋକଙ୍କୁ ଦୀପଦାନ ଅବସରରେ କାର୍ତ୍ତିକ ମାସର ଏ ଅମାବାସ୍ୟା ତିଥିରେ ସନ୍ଧ୍ୟା ପରେ ପରେ ବାସଗୃହ ଓ ଦେବାଳୟରେ ଅସୁମାରି ଦୀପମାଳା ପ୍ରଜ୍ୱଳନ କରାଯାଏ । ଭାରତୀୟ ପରମ୍ପରାରେ ଉଭୟ ତେଲ ଓ ଅଗ୍ନି ପବିତ୍ର । ଏହା ଶୁଦ୍ଧଶକ୍ତି ହୋଇଥିବାରୁ ବୈଦିକ ରୀତିନୀତିରେ ଅଗ୍ନି ତତ୍ୱର ବିଭିନ୍ନ ତାତ୍ପର୍ଯ୍ୟକଥା ଉଲ୍ଲେଖ କରିଛି । ଏଥିପାଇଁ ମାଙ୍ଗଳିକ ଅନୁଷ୍ଠାନରେ ଘିଅ ଅଥବା ତେଲ ଦୀପ ଜଳାଯାଏ । ହିନ୍ଦୁ ମାନଙ୍କ ଠାକୁର ଘରେ ସଞ୍ଜ ସକାଳେ ଦୀପ ପ୍ରଜ୍ୱଳନ କରାଯାଏ । ପ୍ରତିଦିନ ତୁଳସୀ ଚଉରାମୂଳେ ସଞ୍ଜବତୀ ବା ସଞ୍ଜଦୀପ ଓଡ଼ିଆ ଗୃହିଣୀ ପ୍ରଦାନ କରିବା ଏକ ସୁପ୍ରାଚୀନ କଥା । ଦୀପଟିଏ ଜଳେ ଅନ୍ଧାର ବିନାଶୀ, ଦୀପଟିଏ ଜଳେ ପୁଣି କାହାର ମଙ୍ଗଳ ମନାସୀ, ଦୀପଟିଏ ଜଳେ, ଜଳିବା ପଛରେ ରହିଛି ଅନେକ ରହସ୍ୟ ପୁଣି ଅନେକ ବିଜ୍ଞାନ । ଦୀପକୁ ନେଇ ଲେଖାଯାଇଛି ଅନେକ ଗୀତ । ଏହି ଦୀପ ପଛରେ ଅନେକ ଆଧାତ୍ମିକ ଦିଗ ମଧ୍ୟ ରହିଛି ।

ପ୍ରଦୀପ ପ୍ରଜ୍ୱଳନ କେବଳ ହିନ୍ଦୁ ଆଧାତ୍ମିକ ସଂସ୍କୃତି, ବିଚାର ବା ପରମ୍ପରା ନୁହେଁ ଏହି ପ୍ରଦୀପର ଉଜ୍ଜ୍ୱଳ ଉଦଭାସିତ ଆଲୋକ ଅନ୍ଧାର ଦୂରୀଭୂତ କରିଥାଏ । ତେବେ ଆମ ମାନଙ୍କର ନିତିଦିନିଆ ଜୀବନ, ଆଧାତ୍ମିକ ଚିନ୍ତନ, ଦର୍ଶନ, ଭାବନା, ଅନୁରାଗ, ଆବେଦନ କ୍ଷେତ୍ରରେ ଗୀତରେ ଦୀପର ମଧ୍ୟ ପ୍ରୟୋଗ ହୋଇଛି । ଅନେକ ଭଜନ ଓ ସିନେମାରେ ଦୀପର ସ୍ଥାନ ରହିଛି । ଏହି ଗୀତ ଗୁଡ଼ିକ ଦର୍ଶକଙ୍କ ହୃଦୟକୁ ଛୁଇଁଛି ମଧ୍ୟ । ଓଡ଼ିଆ ଭାଷାରେ ସବୁଠାରୁ ଦୀପକୁ ନେଇ ଲେଖା ହୋଇଥିବା ଭାବପୂର୍ଣ୍ଣ ଓ ଅନେକ ଶିକ୍ଷଣୀୟ ହୋଇପାରିଥିବା ଗୀତଟି ଥିଲା - 'ଜଳୁଛି ଦୀପାଳି ଆଖିର ଲୁହରେ, ବାଜୁଛି ଶଙ୍ଖ ମନର କୋହରେ, ଆରତୀ ସଜାଡ଼ି ବସିଛି ପୂଜାରୀ ମନ ମନ୍ଦିରରେ ଏକା ।' ୧୯୮୦ ମସିହାରେ ଓଡ଼ିଆ ସିନେମା 'ପୂଜା'ର ଏହି ଗୀତଟିରେ କଣ୍ଠଦାନ କରିଥିଲେ ବିଶିଷ୍ଟ କଣ୍ଠଶିଳ୍ପୀ ଚିତ ଜେନା । ଅନେକ ଓଡ଼ିଆ ସଙ୍ଗୀତପ୍ରେମୀ ଓ ଆଧାତ୍ମିକ ଶ୍ରଦ୍ଧାଳୁ ଏବେ ବି ଏହି ଗୀତଟିକୁ ଯେଉଁଠି ବି ଶୁଣିବା ମାତ୍ରକେ ଗୁଣୁଗୁଣାନ୍ତି ।

ପରବର୍ତ୍ତୀ ସମୟରେ ଏହି ଗୀତକୁ ପ୍ରଦୀପକୁ ନେଇ ଓଡ଼ିଆ ଗୀତ ବଜାରରେ ଏକ ଲୋକପ୍ରିୟ ଗୀତଟି ଆସିଥିଲା ତାହା ଥିଲା - 'ଏକଇ ମନ୍ଦିରେ ଦୀପ ଜାଳୁଥିଲେ ଦୁହେଁ ତ ଦୁହିଁଙ୍କ ପାଇଁ ।' ଶିର୍ଷାନନ୍ଦ ଦାସକାନୁନଗୋ ଏହାର ଗୀତିକାର ଥିଲେ ଓ ସୁନାମଧନ୍ୟ ସଂଗୀତ କିମ୍ବଦନ୍ତୀ ଅକ୍ଷୟ ମହାନ୍ତି ଏହାର ସ୍ୱର ସଂଯୋଜନା କରିଥିବାବେଳେ ଏହାକୁ ଗାଇଥିଲେ କଣ୍ଠଶିଳ୍ପୀ ବିଦ୍ଵୁ ଦାସ । ସେହିପରି ଶ୍ରୀଜଗନ୍ନାଥଙ୍କ ଅନେକ ଓଡ଼ିଆ ଭଜନରେ ଏହି ଦୀପକୁ ନେଇ ଅନେକ ଗୀତ ଲେଖା ହୋଇଛି ଏବଂ ଏହା ମଧ୍ୟ ଶ୍ରୋତାଙ୍କ ହୃଦୟକୁ ଛୁଇଁ ପାରିବାରେ ସମର୍ଥ ହୋଇଛି । କୁମାର ବାପିଙ୍କ କଣ୍ଠରେ - 'ଦୀପଟିଏ ମୋତେ କରିଦିଅ ପ୍ରଭୁ ଶ୍ରୀମନ୍ଦିରେ ଜଳୁଥିବି, ତୋହରି ସେବାରେ ତୋ ସିଂହଦ୍ୱାରେ, ଜଳି ଜଳି ସରି ଯିବି ।' କଣ୍ଠଶିଳ୍ପୀ ସୁବାଷ ଦାସଙ୍କ କଣ୍ଠରେ - 'ଯେଉଁ ହାତ କରୁଥାଏ ପାପ, ସେହି ହାତ ଜାଳୁଥାଏ ଦୀପ', ବସନ୍ତ ପାତ୍ରଙ୍କ କଣ୍ଠରେ - 'ମୁ ବିଗନ୍ଧ ମାଟି ଦୀପ, ଦୁଃଖ ଶୁଣ ହେ କଳାମୁଖ, ପ୍ରଭୁ ଦେଉଳ ବାହାରେ ରହି, ତୁମ ଦର୍ଶନୁ ହେଲୁ ବଂଚିତ' । ପରବର୍ତ୍ତୀ ସମୟରେ ସଂଗୀତକାର ମଳୟ ମିଶ୍ରଙ୍କ ସଂଯୋଜନା ଓ କଣ୍ଠଶିଳ୍ପୀ ସତ୍ୟଜିତ ଗାଇଥିବା - 'ଶ୍ରୀମନ୍ଦିର ଆଗେ ଦୀପ ଜାଳି ଜାଳି ଭିକାରୀ ହେଲିଣି ମୁହିଁ, ମାଗୁଥିଲି ଖାଲି କରୁଣାଟିକିଏ ହାତୀ ଘୋଡ଼ା ମାଗିନାହିଁ ।' ଭଜନଟି ଅତ୍ୟନ୍ତ ଭାବପୂର୍ଣ୍ଣ ।

ଓଡ଼ିଆ ଭଜନ ଜଣାଣରେ ଅନେକ ଗୀତ ଦୀପକୁ ନେଇ ଲେଖା ହୋଇଥିବାବେଳେ ଓଡ଼ିଶାର ଘରେ ଘରେ ପରିଚିତ କଣ୍ଠଶିଳ୍ପୀ ନମିତା ଅଗ୍ରୱାଲଙ୍କର ଅନେକ ସ୍ମରଣୀୟ ଭଜନ ରହିଛି । ସେ ଗୀତ ଗୁଡ଼ିକ ହେଲା - 'ମନକୁ କରିଛି ମାଟି ଦୀପଟିଏ ମୋର, ଦୀପରେ ଢ଼ାଳିଛି ଆଖି ଲୁହ ଧାର ଧାର', 'ମାଟି ଦୀପଟିଏ କରିଦିଅ ମୋତେ ତୁମରି ମନ୍ଦିରେ ଜଳୁଥିବି ସଦା ଜାଗରରେ ରାତି ସାରା', 'ମାଟି ଦୀପ ଧାଡ଼ି କି ଧାଡ଼ି ସଖୀଲୋ, ଗୁଆଘିଅ ଦେ ଉଜାଡ଼ି ସଖୀଲୋ', 'ହେ ଜାଗର ଦୀପ, ରାତିକରେ ଜାଳିଦିଅ ବର୍ଷକ ପାପ' । କଣ୍ଠଶିଳ୍ପୀ ଶସାନ୍ତ ଶେଖରଙ୍କ ଏକ ଜୀବନ ଚେତନାଧର୍ମୀ ଗୀତଟି ତାଙ୍କରି କଣ୍ଠରେ ବେଶ ଲୋକପ୍ରିୟ ହୋଇଥିଲା ତାହା ଥିଲା - 'ଏ ଜୀବନ ଦୀପ ଦିନେ ଲିଭିବ, ଜୀବନ ଶଳିତା ଦିନେ ସରିବ' । ତେବେ ପରବର୍ତ୍ତୀ ସମୟରେ ଏହି ଦୀପ ଭିତରେ ପ୍ରେମର ପ୍ରଜ୍ୱଳିତ ସମ୍ଭାବନା ଓ ପ୍ରାପ୍ତିକୁ ନେଇ ଏସ.ଜିତୁ ଓ ଏସ୍. ରଥଙ୍କ କଣ୍ଠରେ ବେଶ ଲୋକପ୍ରିୟ ହୋଇଥିବା ଗୀତଟି ଥିଲା - 'ଲକ୍ଷେ ଦୀପ ଜାଳି ପାଇଗଲି ତତେ, ମୁଁ ପରି ଗୀତରେ ଦୀପକୁ ଭେଟିହେବ କିଛି ଦର୍ଶନରେ, କିଛି ପ୍ରେମରେ' । ଦୀପର ପ୍ରଜ୍ୱଳିତ ଅନ୍ତର୍ନିହିତ ଚେତନା ଓଡ଼ିଆ ଭଜନ ଠାରୁ ଜଣାଣ, ଜୀବନ ଚେତନାଧର୍ମୀ ସଙ୍ଗୀତ ଠାରୁ ପ୍ରେମ ଓ ବିରହ ସବୁକିଛି ଭିତରେ ଉଦଭାସିତ କରେ ଏକ ନୂଆ ଆଲୋକିତ ଜୀବନ ପାଇଁ ।

'ସାଇ କିର୍ତ୍ତି' ୬ଡି/୧୩୫୪, ସେକ୍ଟର-୯, କେଡ଼ିଏ, କଟକ

ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ପାଇଁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର/ ଗଜପତି, ୨୮/୧୦ (ଆ.ପ୍ର) : ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବ ଓ ଏହାର ପ୍ରଭାବକୁ ଦୃଷ୍ଟିରେ ରଖି ଆଜି ଗଜପତି ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା , ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗଜପତି ଜିଲ୍ଲାର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ଏବଂ ଆଭାସୀ ମାଧ୍ୟମରେ ଗଜପତି ଜିଲ୍ଲାର ସମସ୍ତ ବ୍ଲକ ଓ ଉପଖଣ୍ଡ ସ୍ତରୀୟ ଅଧିକାରୀମାନେ ବୈଠକରେ ଯୋଗଦେଇଥିଲେ । ଆଜିର ବୈଠକରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ମୁକାବିଲା କରିବା ପାଇଁ ଗଜପତି ଜିଲ୍ଲାର ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ସବିସ୍ତୃତ ସମୀକ୍ଷା କରିଥିଲେ । ସରକାରଙ୍କ 'ଶୂନ୍ୟ ଜୀବନହାନୀ' ଲକ୍ଷ୍ୟ ପୂରଣ ଉପରେ ମନ୍ତ୍ରୀ ସୂରଜ ଗୁରୁତ୍ୱାରୋପ କରିଥିଲେ । ବର୍ତ୍ତମାନ ସୁଦ୍ଧା ଗଜପତି ଜିଲ୍ଲାର ୧୪୭ଟି ବାତ୍ୟା ପ୍ରବଣ ଅଂଚଳର ୧୦,୨୦୦ ଜଣ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି । ଗର୍ଭବତୀ ମହିଳାମାନଙ୍କୁ 'ମା' ଘର'କୁ (ଆଶ୍ରୟସ୍ଥଳୀ) ସ୍ଥାନାନ୍ତର କରାଯାଇଛି । ବାତ୍ୟାର ମୁକାବିଲା ପାଇଁ ଗଜପତି ଜିଲ୍ଲାରେ ପ୍ରାୟ ୨୦୦ଟି ବାତ୍ୟା ଆଶ୍ରୟ ସ୍ଥଳୀ ରହିଛି । ସମସ୍ତ ଆଶ୍ରୟସ୍ଥଳୀରେ ଶୁଖିଲା ଖାଦ୍ୟ ମହଜୁଦ ରହିବା ସହ ରନ୍ଧା ଖାଦ୍ୟ ପ୍ରସ୍ତୁତି ପାଇଁ ବ୍ୟବସ୍ଥା , ପାନୀୟ ଜଳ, ଆଶୁ ଚିକିତ୍ସା ପାଇଁ ମେଡିକାଲ କିଟ୍ ଉପଲବ୍ଧ ହେବା ସହ ଆଶ୍ରୟସ୍ଥଳୀରେ ବିଦ୍ୟୁତ ସଂଯୋଗୀକରଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି । ଗଜପତି ଜିଲ୍ଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅଙ୍ଗନୱାଡ଼ିକୁ ଛାତ୍ରଛାତ୍ରୀମାନଙ୍କ ପାଇଁ ୩ ଦିନ (୨୭, ୨୮ ଓ ୨୯ ଅକ୍ଟୋବର) ବନ୍ଦ ରଖାଯାଇଛି । ସମ୍ଭାବ୍ୟ ବାତ୍ୟାର ମୁକାବିଲା ଅଧିକାରୀମାନଙ୍କୁ ଏସ୍‌ଓପି ପ୍ରଦାନ କରାଯିବା ସହ ଜିଲ୍ଲା ସ୍ତରୀୟ ବରିଷ୍ଠ ଅଧିକାରୀମାନଙ୍କୁ ବାତ୍ୟା ପ୍ରବଣ ଅଂଚଳମାନଙ୍କରେ ନିୟୋଜିତ କରାଯାଇଛି । ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ସମ୍ଭାବ୍ୟ ବାତ୍ୟାର ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆନୁଷଙ୍ଗିକ ପ୍ରସ୍ତୁତି କରାଯାଇଛି । ଲୋକମାନଙ୍କର ସ୍ଥାନାନ୍ତର ଠାରୁ ଆରମ୍ଭ କରି ଆଶ୍ରୟସ୍ଥଳୀରେ ସୁରକ୍ଷିତ ରହଣି ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଉଛି । ଶିଶୁ ଓ ଗର୍ଭବତୀ ମହିଳାମାନଙ୍କର ସୁରକ୍ଷା ଉପରେ ବିଶେଷ ଭାବରେ ଧ୍ୟାନ ଦିଆଯାଉଛି । ଜିରୋ କାଜୁଆଲ୍‌ଟି ଆମର ଲକ୍ଷ୍ୟ ରହିଛି । ବାତ୍ୟାର ମୁକାବିଲା ସହ ଲୋକଙ୍କ ସୁରକ୍ଷା ହିଁ ଆମର ପ୍ରାଥମିକତା ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଏଥିସହ ଆଜି ମନ୍ତ୍ରୀ ସୂରଜ ଗଜପତି ଜିଲ୍ଲାର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରିବା ସହ ଆଶ୍ରୟସ୍ଥଳୀରେ ଯେପରି ଲୋକମାନଙ୍କୁ ସମସ୍ତ ସୁବିଧା ପ୍ରଦାନ କରାଯାଇପାରିବ ତାହାକୁ ପ୍ରତ୍ୟକ୍ଷ ଭାବେ ତତ୍ତ୍ୱାବଧାନ କରିଛନ୍ତି ।

ରାଷ୍ଟ୍ରୀୟ ଏକତା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ ଚନ୍ଦାହାଣ୍ଡି ଚାରିଜଣ

ଚନ୍ଦାହାଣ୍ଡି, ୨୮/୧୦ (ଆ.ପ୍ର) : ରାଷ୍ଟ୍ରୀୟ ଏକତା ଦିବସ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଚନ୍ଦାହାଣ୍ଡି ଅଂଚଳରୁ ଚାରିଜଣ ବ୍ୟକ୍ତି ଙ୍କୁ ଚୟନ କରି ବ୍ଲକ ପ୍ରଶାସନ ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରିଛି । ତେବେ ଆଜି ଏହି ଚାରିଜଣ ବ୍ୟକ୍ତି ପୌରଷ ମାଝୀ (ଚନ୍ଦାହାଣ୍ଡି), ରାମଲାଲ ମାଝୀ (ଡହିମାଲ), ପ୍ରେମଲାଲ ପଟେଲ (ଜମାଦାରପଡା) ରାଜମନ ଗୌଡ଼ (ସେମଲା ପଡ଼ା)ଙ୍କୁ ପଂଚାୟତ ସମିତି ଚନ୍ଦାହାଣ୍ଡି ତରଫରୁ ଉତରୀୟ, ଫୁଲତୋଡ଼ା, ପାମ୍ପଲେଟ ଦେଇ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ପ୍ରେରିତ କରାଯାଇଛି । ଚନ୍ଦାହାଣ୍ଡି ଅଂଚଳରୁ ପାଂଚଜଣ ବ୍ୟକ୍ତିଙ୍କୁ ଚୟନ କରାଯାଇଥିବା

ବେଳେ ତନ୍ମଧ୍ୟରୁ ଜଣେ ବ୍ୟକ୍ତିଗତ ସମସ୍ୟା କାରଣରୁ ଅହମଦାବାଦ ରେ ହେବାକୁଥିବା ରାଷ୍ଟ୍ରୀୟ ଏକତା ଦିବସର 'ନକ୍ସଲ ମୁକ୍ତ ଭାରତ' କାର୍ଯ୍ୟକ୍ରମକୁ ଯୋଗଦେଇ ପ୍ରତିନିଧିତ୍ୱ କରିବା ନେଇ ଯାଇ ନଥିବା ସୂଚନା ମିଳିଛି । ତେବେ ପ୍ରଶାସନ ତରଫରୁ ପ୍ରେରିତ ଚାରିଜଣ ବ୍ୟକ୍ତିଙ୍କୁ ଜିଲ୍ଲା ପ୍ରଶାସନ ନବରଙ୍ଗପୁରରୁ ଗୁଜରାଟ ସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ସ୍ଥଳ ଏକତା ନଗର (କେଭାଡ଼ିଆ) ସ୍ଥିତ ଷ୍ଟେଚ୍ୟୁ ଅଫ ୟୁନିଟି କମ୍ପ୍ଲେକ୍ସରେ ହେବାକୁ ଥିବା ଚଳିତ ଅକ୍ଟୋବର ୩୧ ତାରିଖର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପ୍ରେରିତ କରିଥିବା ଦେଖିବାକୁ ମିଳିଛି । ଉକ୍ତ କାର୍ଯ୍ୟକ୍ରମ ରେ ଯୋଗଦେବା ପାଇଁ ଶୁଭ ବିଦାୟ ଦେଇ ପ୍ରେରଣ କଲା ବେଳେ ପଂଚାୟତ ସମିତି ଅଧ୍ୟକ୍ଷା ସୁମିତ୍ରା ପୂଜାରୀ, ବରିଷ୍ଠ ବିଜେପି ନେତା ଗୋବିନ୍ଦ ଜୈନ ବିଡ଼ିଓ ଚଇନୁ ରଣ୍ଡ, ମତ୍ସ୍ୟ ଅଧିକାରୀ, ଭାବଗ୍ରାହୀ ନାୟକ, ଯୁଗେଶ୍ୱର ନାଗ, ଜଗଦୀଶ ସୁନା, କିରାଣୀ ଦେବେନ୍ଦ୍ର ବେହେରା, ଯାଦବ ବର୍ଗତି, ଯଶୋବନ୍ତ ନାଗେଶ ପ୍ରମୁଖ ଉପସ୍ଥିତ ରହି ଶୁଭ ମନାସୀ ବିଦାୟ ଦେଇଥିଲେ ।

ବାତ୍ୟା 'ଅର୍ଣ୍ଣବ'କୁ ନେଇ କୋରାପୁଟରେ ସରକାରୀ ତତ୍ପରତା, ସ୍ଥିତି ପରଖିବାକୁ ପହଂଚିଲେ ଉପମୁଖ୍ୟମନ୍ତ୍ରୀ

କୋରାପୁଟ, ୨୮/୧୦ (ଆ.ପ୍ର) :ସମ୍ଭାବ୍ୟ ବାତ୍ୟା ଅର୍ନବର ସ୍ଥିତି ଓ ପ୍ରସ୍ତୁତି ଓ ତଦାରଖ କରିବାକୁ ଆଜି ଅପରାହ୍ନରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କୋରାପୁଟରେ ପହଂଚିଛନ୍ତି । କୋରାପୁଟ ବିଧାୟକ ରଘୁରାମ ମାଛ, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, କୋରାପୁଟ ଏସପି ରୋହିତ ବର୍ମା ଓ କୋରାପୁଟ ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲି ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ଜିଲ୍ଲା ପ୍ରଶାସନ ସହ ସେ ସମ୍ଭାବ୍ୟ ବାତ୍ୟାର ସ୍ଥିତି ସମୀକ୍ଷା କରିବା ସହ କ୍ଷେତ୍ର ପରିଦର୍ଶନ କରିବେ ବୋଲି ଜଣାପଡ଼ିଛି । ସମ୍ଭାବ୍ୟ ବାତ୍ୟାର ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ପ୍ରସ୍ତୁତି ଶେଷ କରିଛି । ଆସନ୍ନ ପ୍ରସବା ମହିଳା ମାନଙ୍କୁ ସ୍ଥାନାନ୍ତରିତ କରାଯାଉଥିବା ବେଳେ କୋଟପାଡରେ ଆଜି ଲୋକମାନଙ୍କୁ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି । ଦରକାର ପଡ଼ିଲେ ଆହୁରି ଲୋକମାନଙ୍କୁ ସ୍ଥାନାନ୍ତରିତ କରାଯିବ ବୋଲି ଜଣାପଡିଛି । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ପୋମା ଟୁଡୁ କୋଟପାଡ଼ ବୋରିଗୁମ୍ମା ବ୍ଲକ ଗସ୍ତ ଅବସରରେ ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି ପ୍ରସ୍ତୁତିର ସମୀକ୍ଷା କରିଥିଲେ । ଏହି ବୈଠକରେ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ଓ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି । ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତିକୁ ଅଧିକ କଡ଼ାକଡ଼ି କରାଯାଇଛି । କୋଟପାଡ଼ ଏବଂ ବୋରିଗୁମ୍ମା ବ୍ଲକ୍ ଗସ୍ତ ଅବସରରେ ସେ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ସେଠାରେ ହୋଇଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନରେଶ ଚନ୍ଦ୍ର ଶବରଙ୍କ ସମେତ କୋଟପାଡ଼ ଓ ବୋରିଗୁମ୍ମା ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ବନବିଭାଗ ତରଫରୁ ବାଲିଆପାଳ ଘାଟରେ ଜନସଚେତନତା କାର୍ଯ୍ୟକ୍ରମ

ବାସୁଦେବ ପୁର, ୨୮/୧୦ (ଆ.ପ୍ର) : ଦର୍ଶକ ବନ୍ଧୁ, ମନ୍ତେଇ ନଦୀରେ କୁମ୍ଭୀର ବିଚରଣକୁ ନେଇ ନଦୀକୂଳିଆ ଲୋକଙ୍କ ମଧ୍ୟରେ ବଢ଼ିଛି ଚିନ୍ତା । କୁମ୍ଭୀର ଆକ୍ରମଣରୁ ଧନଜୀବନର ସୁରକ୍ଷା ପାଇଁ ବାଲିଆପାଳଘାଟ ଅଂଚଳରେ ବାସୁଦେବପୁର ବନାଂଚଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଛି ଜନସଚେତନତା କାର୍ଯ୍ୟକ୍ରମ । ମନ୍ତେଇ ନଦୀରେ କୁମ୍ଭୀର ଦେଖାଯାଉଥିବା ଖବର ପରେ ନଦୀକୂଳିଆ ଅଂଚଳର ଲୋକଙ୍କୁ ସତର୍କ କରାଯାଉଛି । ନଦୀକୁ ଯିବା ସମୟରେ ସତର୍କତା ଅବଲମ୍ବନ କରିବା ସହ କୁମ୍ଭୀରଠାରୁ ଦୂରେଇ ରହିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି । ବିଶେଷକରି ନଦୀରେ ଗାଧୋଇବା, ପାଣି ଭିତରକୁ ପ୍ରବେଶ କରିବା ଏବଂ ଗୃହପାଳିତ ପଶୁଙ୍କୁ ନଦୀକୂଳକୁ ନେବା ସମୟରେ ସତର୍କ ରହିବାକୁ ସଚେତନ କରାଯାଇଛି । କୁମ୍ଭୀର ଦେଖିଲେ ତାହାର ନିକଟକୁ ନଯାଇ ତୁରନ୍ତ ବନ ବିଭାଗକୁ ସୂଚନା ଦେବାକୁ କୁହାଯାଇଛି । ଲୋକଙ୍କ ଧନଜୀବନର ସୁରକ୍ଷାକୁ ଗୁରୁତ୍ୱ ଦେଇ ବନ ବିଭାଗ ପକ୍ଷରୁ ଏଭଳି ସଚେତନତାମୂଳକ ପଦକ୍ଷେପ ନିଆଯାଇଛି । ଏଥିସହ ଗୁଜବଠାରୁ ଦୂରେଇ ରହିବା ସହ ବନ ବିଭାଗର ପରାମର୍ଶ ମାନିବାକୁ ଲୋକଙ୍କୁ ଅନୁରୋଧ କରାଯାଇଛି । ଏହି ଜନସଚେତନତା କାର୍ଯ୍ୟକ୍ରମରେ ବାସୁଦେବପୁର ବନାଂଚଳ ଅଧିକାରୀ ଅତୁଲ୍ୟ କୁମାର ମହାନ୍ତି, ବନ ବିଭାଗର କର୍ମଚାରୀ ଏବଂ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରିଥିଲେ ।

ଧର୍ମଗଡ଼ ଠାରେ ବିଜେପିର ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ

ଧର୍ମଗଡ଼, ୨୮/୧୦ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଧର୍ମଗଡ଼ ସ୍ଥିତ ରାଜ ହୋଟେଲ ଠାରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ବିଜେଡି ଓ କଂଗ୍ରେସର ୭ ଶହରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ବିଜେପିରେ ସାମିଲ ହୋଇଥିବା ଦଳ ପକ୍ଷରୁ କୁହାଯାଇଛି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ଅନୁପ୍ରାଣିତ ହୋଇ ଏହି କର୍ମକର୍ତ୍ତାମାନେ ବିଜେପିରେ ଯୋଗଦେଇଥିବା ଜଣାପଡ଼ିଛି । ଏହି ମିଶ୍ରଣ ପର୍ବକୁ ନେଇ ଧର୍ମଗଡ଼ ଅଂଚଳର ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇଥିବା ବେଳେ ଧର୍ମଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୁଧୀର ରଞ୍ଜନ ପଟ୍ଟଯୋଶୀ, ବିଜେପି ରାଜ୍ୟ ଉପସଭାପତି ତଥା ଜିଲ୍ଲା ପ୍ରଭାରୀ ଶିବାଜୀ ମହାନ୍ତି, ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ପୂର୍ବତନ ଜିଲ୍ଲା ସଭାପତି ଧନଞ୍ଜୟ ପାତ୍ର, ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଧର୍ମଗଡ଼ ନଗରପାଳ ଅଶୋକ ମହାନ୍ତି, ଜିଲ୍ଲା ଉପସଭାନେତ୍ରୀ ସୁକାନ୍ତି ସା ଓ ଜିଲ୍ଲା ସାଧାରଣ ସମ୍ପାଦକ ହିମାଂଶୁ ଶେଖର ପଣ୍ଡା ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଅଭିନାଶ ନନ୍ଦ, ଖଇରପଦର ମଣ୍ଡଳ ପ୍ରଭାରୀ ଶିଶୁଦେବ ମୁଣ୍ଡ, ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସମ୍ପାଦକ ଅପରେଶ ସ୍ୱାଇଁ, କଳମପୁର ବ୍ଲକ ପ୍ରଭାରୀ ଲକ୍ଷ୍ମୀକାନ୍ତ ବାଗ, ଆଦିବାସୀ ମୋର୍ଚ୍ଚା ଜିଲ୍ଲା ସଭାପତି ତ୍ରିନାଥ ଶବର ଓ ଜିଲ୍ଲା ସମ୍ପାଦକ ହେମନ୍ତ ମାଝୀ, ମନ କି ବାତ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ସଂଯୋଜକ ସେତୁରାମ ଭକ୍ତ ପ୍ରମୁଖ ଯୋଗଦାନ କରିଥିଲେ । ଏହି ମିଶ୍ରଣ ପର୍ବରେ ବିଜେଡି ଓ କଂଗ୍ରେସର ୭ ଶହ ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ବିଜେପିରେ ସାମିଲ ହୋଇଥିଲେ । ନୂତନ ଭାବେ ଦଳରେ ଯୋଗଦେଇଥିବା କର୍ମକର୍ତ୍ତାଙ୍କୁ ଦଳୀୟ ନେତାମାନେ ସ୍ୱାଗତ କରିବା ସହ ଆଗାମୀ ଦିନରେ ସଂଗଠନକୁ ତୃଣମୂଳ ସ୍ତରରେ ମଜବୁତ କରିବା ଉପରେ ଗୁରୁତ୍ୱ ଦେଇଥିଲେ ।

ତିର୍ତ୍ତୋଲ ବଜାର ଜମୁଛି ଗଜଲକ୍ଷ୍ମୀ ପୂଜାରେ

ତିର୍ତ୍ତୋଲ, ୨୮/୧୦ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତିର୍ତ୍ତୋଲ ବଜାରରୁ ଲକ ବଜାର ପର୍ଯ୍ୟନ୍ତ ଦେଖିବାକୁ ପାଇବେ ତିନଟି ମେଢ଼, ତିନଟି ଯାକ ମେଢ଼ ଅଲଗା ଅଲଗା ପ୍ରକାର ସଜା ଯାଇଛି, ମେଢ଼ ଦେଖିବା ପାଇଁ ବହୁତ ଅତୁ ଦର୍ଶକ ମାନଙ୍କ ଭିଡ଼ ଜମୁଛି । ଗଜଲକ୍ଷ୍ମୀଙ୍କ ଆଗ ମନରେ ଉତ୍ସବମୁଖର ହୋଇଉଠୁଛି ତିର୍ତ୍ତୋଲ ବଜାର । ଏହି ବଜାର ଓ ରାସ୍ତାଘାଟ ଆଲୋକମାଳାରେ ସଜେଇ ହୋଇଥିବା ବେଳେ ଆକର୍ଷଣୀୟ ତୋରଣ ଓ ପୂଜା ମଣ୍ଡପ ଅଧିକ ଆକର୍ଷଣୀୟ କରିଛି । ବଜାରରେ ବିଭିନ୍ନ ପ୍ରକାର ବ୍ୟବସାୟ,ମିନାବଜାର ପଡିଛି ସାମଗ୍ରୀ କିଣିବା ପାଇଁ ଦର୍ଶକଙ୍କ ଭିଡ ଜମୁଛି । ବିଭିନ୍ନ ପୂଜାମଣ୍ଡପରେ ଆକର୍ଷଣୀୟ ସାଜସଜ୍ଜା ସହ ମା' ଲକ୍ଷ୍ମୀଙ୍କ ପ୍ରତିମା ଶୋଭା ପାଉଛି । ଏହି ଆନନ୍ଦମୟ ପରିବେଶ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଖୁସିର ଉଲ୍ଲାସ ଭରିଦେଇଛି । ମାଙ୍କ ଦର୍ଶନ ପାଇଁ ଉଭୟ ମଣ୍ଡପରେ ଭକ୍ତଙ୍କ ଭିଡ଼ ଜମିବା ସହ ଲମ୍ବା ଧାଡି ଦେଖିବାକୁ ମିଳୁଛି । ଏହି ମଣ୍ଡପ ରେ ଦେଖିବାକୁ ପାଇବେ ଘଟିଯାଇଥିବା ଆମ ସମାଜ ଉପରେ ୧୯୯୯ ମସିହା ମୋହାବାତ୍ୟା, ବାହାନଗା ଟ୍ରେନ ଦୁର୍ଘଟଣା, ନେପାଳର ବନ୍ୟା, ଓଡିଶାର ସଂସ୍କୃତି ଏବଂ ପରମ୍ପରା, ଚାମିଯାନ୍ ୨୦୨୬,(ଇଣ୍ଡିଆନ ପାଇଲଟ ପର ହାମାଲ୍ସ), ଏମିତ କିଛି ପ୍ରତି ଛବି ସାଜସଜା ଦର୍ଶକଙ୍କ ହୃଦୟ କିଣି ନେଉଛି ।ଏହି ଉତ୍ସବ କେବଳ ଧାର୍ମିକ ଆସ୍ଥାର ପ୍ରତୀକ ନୁହେଁ ବରଂ ସାମାଜିକ ଉଦଭାବ, ଭାଇଚାରା ଓ ସାଂସ୍କୃତିକ ଏକତାର ବାର୍ତ୍ତା ବହନ କରୁଛି ।ଅନ୍ୟ ପକ୍ଷରେ ପୂଜା ସମୟରେ ଶାନ୍ତି ଶୃଙ୍ଖଳା ଓ ଭିଡ ନିୟନ୍ତ୍ରଣ ପାଇଁ ତିର୍ତ୍ତୋଲ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଶିକାରୀଙ୍କ ଫାଶରେ ଯୁବକ ମୃତ୍ୟୁ : ୩ ଗିରଫ

ଦଶପଲ୍ଲା, ୨୮/୧୦ (ଆ.ପ୍ର) :ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା ଅନ୍ତର୍ଗତ ବୁଢ଼ା ପଂଚାୟତର କନଡ଼ି ଗ୍ରାମ ଜଙ୍ଗଲରେ ବନ୍ୟଜନ୍ତୁ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତିମାନେ ହେଲେ କନଡ଼ି ଗ୍ରାମର ସୁଶାନ୍ତ ମଲ୍ଲିକ (୩୨), ଅଲେଖ ବେହେରା (୪୦) ଏବଂ ପ୍ରଦୀପ ଜାନା (୩୪) । ସୂଚନା ଅନୁସାରେ, ଅଭିଯୁକ୍ତମାନେ ଜଙ୍ଗଲରେ ବନ୍ୟଜନ୍ତୁ ଶିକାର କରିବା ପାଇଁ ବେଆଇନ ଭାବେ କରେଂଟ (ବିଦ୍ୟୁତ୍) ଫାଶ ପକାଇଥିଲେ । ଗତ ୨୩ ତାରିଖ ଦିନ ସେହି ଗ୍ରାମର ବାବୁଲା ନାୟକ ସେହି ବାଟ ଦେଇ ଯାଉଥିବା ସମୟରେ ଏହି ବିଦ୍ୟୁତ୍ ଫାଶର ପଡ଼ି ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହି ଅଭାବନୀୟ ଘଟଣାକୁ ଗୁରୁତ୍ୱର ସହ ବାଣିଗୋଛା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ରଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ବୀରେନ୍ଦ୍ର କୁମାର ଦେହୁରୀ ଓ ଏକ ସ୍ୱତନ୍ତ୍ର ଟିମ୍ ତଦନ୍ତ ଜୋରଦାର କରିଥିଲେ । ଏନେଇ ବାଣିଗୋଛା ଥାନାରେ କେସ୍ ନଂ ୧୪୦/୨୦୨୬ ଏବଂ ଭାରତୀୟନ୍ୟାୟ ସଂହିତାର ଧାରା ୧୦୫ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଥିଲା । ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ବିରେନ୍ଦ୍ର କୁମାର ଦେହୁରୀ ଗତ ମଙ୍ଗଳବାର (୨୭ ତାରିଖ) ଦିନ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି । ଜଙ୍ଗଲରେ ଏପରି ବେଆଇନ ଶିକାରୀ କାର୍ଯ୍ୟକଳାପ ବିରୋଧରେ ଆଗକୁ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ସଂଶୋଧନ କରାଗଲା ।

କୋଟିଆ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଦାବି, ଓଡ଼ିଶା ସରକାରଙ୍କୁ ଜବାବ ମାଗିଲା କଂଗ୍ରେସ

କୋରାପୁଟ, ୨୮/୧୦ (ଆ.ପ୍ର) : ଆନ୍ଧ୍ରର ପଂଚାୟତ ନିର୍ବାଚନକୁ ନେଇ ପୁଣି ଚର୍ଚ୍ଚାରେ କୋଟିଆ । ଏହି ପରିପ୍ରେକ୍ଷୀରେ ରାଜ୍ୟ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ କୋଟିଆ ଗସ୍ତ କରିଛି କଂଗ୍ରେସର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ । ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ସହ କୋଟିଆର ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଦାବି କରିଛି ଦଳ । ଏଥିସହ ରାଜ୍ୟ ସରକାରଙ୍କ ଭୂମିକା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛି କଂଗ୍ରେସ । କୋଟିଆରେ କଂଗ୍ରେସର ତଥ୍ୟ ଅନୁସନ୍ଧାନକାରୀ ଦଳ । ଆନ୍ଧ୍ରପ୍ରଦେଶର ପଂଚାୟତ ନିର୍ବାଚନକୁ ନେଇ ବଢୁଥିବା ରାଜନୈତିକ ତତ୍ପରତା ମଧ୍ୟରେ କଂଗ୍ରେସର ଏହି ଗସ୍ତକୁ ନେଇ ଚର୍ଚ୍ଚା ଜୋର ଧରିଛି । ଗସ୍ତ ସମୟରେ ଦଳୀୟ ନେତାମାନେ କୋଟିଆବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ମତାମତ ସଂଗ୍ରହ କରିଥିଲେ । କୋଟିଆର ସାମଗ୍ରିକ ବିକାଶ ପାଇଁ ସରକାର ତୁରନ୍ତ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିବାକୁ ଦାବି କରିଥିଲା କଂଗ୍ରେସ । ଅନ୍ୟପଟେ, ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ଆଲୋଚନା କରିବାରେ ଓଡ଼ିଶା ସରକାର ବିଫଳ ହୋଇଥିବା କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ । କୋଟିଆ ଅଂଚଳରେ ନିର୍ବାଚନ କରାଇ ଆନ୍ଧ୍ରପ୍ରଦେଶ ନିଜର ଦାବିକୁ ମଜବୁତ କରିବାକୁ ଉଦ୍ୟମ କରୁଥିବା ମଧ୍ୟ ସେମାନେ କହିଥିଲେ । ଏହି ଅବସରରେ ଟିମ୍ ଆନ୍ଧ୍ରପ୍ରଦେଶ ପକ୍ଷରୁ ନିର୍ମିତ ପୋଲିସ ଚେକ୍‌ପୋଷ୍ଟ ପରିଦର୍ଶନ କରିଥିଲା । ପରେ କୋଟିଆ ସୀମାନ୍ତ ନେରେଡିୱାଲାସାରେ ଓଡ଼ିଶା ପୋଲିସ ପକ୍ଷରୁ ନିର୍ମିତ ଚେକ୍‌ପୋଷ୍ଟରେ ପହଂଚି ପୋଲିସ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ଏହି ଗସ୍ତରେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା, ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ରାୟଗଡ଼ା ବିଧାୟକ କାଡ୍ରାକା ଅପାଲାସ୍ୱାମୀ, ବିଷମକଟକ ବିଧାୟକ ନୀଳମାଧବ ହିକକା ଏବଂ କୋରାପୁଟ ଜିଲ୍ଲା କଂଗ୍ରେସ ସଭାପତି ରୂପକ କୁମାର ତୁରୁକଙ୍କ ସମେତ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ । କୋଟିଆର ବିକାଶ, ସୀମା ବିବାଦ ଏବଂ ନିର୍ବାଚନ ପ୍ରସଙ୍ଗକୁ ନେଇ କଂଗ୍ରେସର ଏହି ଗସ୍ତ ଅଂଚଳର ରାଜନୈତିକ ମାହୋଲକୁ ଆହୁରି ସରଗରମ କରିଛି । ତେବେ କୋଟିଆର ବିକାଶ ଓ ସୀମା ବିବାଦର ସମାଧାନ ଦିଗରେ ସରକାର କି ପଦକ୍ଷେପ ନେଉଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର ।

୨୪ ଘଂଟିଆ ନିୟନ୍ତ୍ରଣ କକ୍ଷ , ଆଶ୍ରୟସ୍ଥଳୀ ପ୍ରସ୍ତୁତି ଓ ଜନସଚେତନତା ଉପରେ ଗୁରୁତ୍ୱ

ପାରଳାଖେମୁଣ୍ଡି, ୨୮/୧୦ (ଆ.ପ୍ର) : ଗଜପତି ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷାର ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଆଜି ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଆଜି ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଥିବା ବାତ୍ୟାକୁ ନେଇ ଅବଗତ କରାଇଥିଲେ । ଜିଲ୍ଲା ନୋଡାଲ ଅଧିକାରୀ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମାର ଦାଶ ଉପସ୍ଥିତ ଥିଲେ । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା କାଲି ୨୮ ଓ ୨୯ ତାରିଖରେ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ବାତ୍ୟାର ଗତିପଥ ଓ ପ୍ରଭାବ, ଝଡ଼ତୋଫାନ, ଭୂସ୍ଖଳନ ପ୍ରବଣ ଅଂଚଳର ସ୍ଥିତି, ଜଳ ନିଷ୍କାସନ ବ୍ୟବସ୍ଥା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ସହ ଜରୁରୀକାଳୀନ ସେବାର ପ୍ରସ୍ତୁତି ସମ୍ପର୍କରେ ବୈଠକରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଜିଲ୍ଲା, ବ୍ଲକ୍ ଓ ତହସିଲ ସ୍ତରରେ ୨୪ ଘଂଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରଖିବା ସହ ଅକ୍ଟୋବର ୨୯ ତାରିଖ ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମୁଖ୍ୟାଳୟ ନଛାଡ଼ିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆବଶ୍ୟକ ସ୍ଥଳେ ତୁରନ୍ତ ମୁତୟନ ପାଇଁ ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବାହିନୀକୁ ପ୍ରସ୍ତୁତ ରହିବାକୁ କୁହାଯାଇଥିଲା । ଜିଲ୍ଲାର ସାତଟି ବ୍ଲକ୍‌ରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ୨୪ ଘଂଟିଆ ବିଦ୍ୟୁତ୍ ଓ ଜେନେରେଟର ବ୍ୟବସ୍ଥା , ପାନୀୟ ଜଳ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ସମସ୍ତ ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଭୂସ୍ଖଳନ ପ୍ରବଣ ଅଂଚଳ, ପାହାଡ଼ ତଳେ ରହୁଥିବା ପରିବାର , ତଳିଆ ଅଂଚଳ ଏବଂ ଦୁର୍ବଳ କିମ୍ବା କଚ୍ଚା ଘରେ ବସବାସ କରୁଥିବା ଲୋକଙ୍କୁ ଆବଶ୍ୟକ ସ୍ଥଳେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ରନ୍ଧା ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ଆଜି ସନ୍ଧ୍ୟା ସୁଦ୍ଧା ଜିଲ୍ଲାରେ ୨୮୧ ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳୀ ଗୁଡ଼ିକରେ ୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ରଖାଯାଇଛି । ଏଥିସହ ଜିଲ୍ଲାର ୨୧୦ ଜଣ ଗର୍ଭବତୀ ମହିଳାଙ୍କୁ ଆବଶ୍ୟକତା ଅନୁଯାୟୀ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ମା' ଗୃହକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଚୁଡ଼ା, ଗୁଡ଼ , ଚିନି, ମହମବତୀ, କିରୋସିନ, ଔଷଧ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ଯଥେଷ୍ଟ ପରିମାଣରେ ସଞ୍ଚିତ ରଖିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା । ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଏକ ଟିମ୍ ଭାବେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପ୍ରବଳ ବର୍ଷା ସମୟରେ ଜନସାଧାରଣ ଅନାବଶ୍ୟକ ଭାବେ ଘରୁ ବାହାରକୁ ନଯିବା ଏବଂ ନଦୀ, ନାଳ ଓ ଅନ୍ୟାନ୍ୟ ଜଳାଶୟ ନିକଟକୁ ନଯିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଥିଲା । ଏଥିସହ ବ୍ଲକ୍, ଗ୍ରାମପଂଚାୟତ ଓ ଗ୍ରାମସ୍ତରରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ କୁହାଯାଇଥିଲା । କୌଣସି ବ୍ୟକ୍ତିଙ୍କ ଧନ, ଜୀବନ ଓ ସମ୍ପତ୍ତିର କୌଣସି କ୍ଷତି ନ ହୁଏ । ସମସ୍ତ ପ୍ରକାରେ ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦିଅନ୍ତୁ ଏବଂ କୌଣସି ଅଘଟଣ ଘଟିବାର ଆଶଙ୍କା ଥିଲେ ତୁରନ୍ତ ଉପଯୁକ୍ତ ଜିଲ୍ଲା ପ୍ରଶାସନର ସହାୟତା ନିଅନ୍ତୁ । ଜନସାଧାରଣଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି କେ.ନାଗାରାଜୁ, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ଓ ମୁନିନ୍ଦ୍ର ହୋନନାଗା , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ଭାଗବତ ସାମଲ କଲ୍ୟାଣରାଓ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ବିନାୟକ ରାଉତଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର ଓ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନେ ଆଭାସୀ ବୈଠକରେ ଯୋଗଦେଇଥିଲେ ।

ସେଇଥିରୁ ଆରମ୍ଭ
SEITHO ARAMBHA
ଗୁରୁବାର, ୨୯ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ବାଲିଗୁଡ଼ାରେ ବିଜେଡିର ରଣହୁଙ୍କାର : ବାଲି ଚୋରାଚାଲାଣ ଠାରୁ ଟେଣ୍ଡରର ଅନିୟମିତତା ଯାଏଁ ଉଠାଇବ ଦଳ

ବାଲିଗୁଡ଼ା, ୨୮/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ଅଂଚଳରେ ଜନସମସ୍ୟା, ବେଆଇନ ବାଲି କାରବାର ଓ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତାକୁ ନେଇ ରାଜନୈତିକ ତତ୍ପରତା ବଢ଼ିଛି । ଏହି ପରିପ୍ରେକ୍ଷୀରେ ବାଲିଗୁଡ଼ା ସ୍ଥିତ ପିଡବ୍ଲୁଡି ବଙ୍ଗଳା ଠାରେ ନୂତନ ସାଙ୍ଗଠନିକ କର୍ମକର୍ତ୍ତା ଗଠନ ପରେ ପ୍ରଥମ ଥର ପାଇଁ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଂଚଳର ବିଭିନ୍ନ ସମସ୍ୟାକୁ ନେଇ ସ୍ୱର ଉତ୍ତୋଳନ କରିବା ସହ ଆଗାମୀ ଦିନରେ ଦଳର ସାଂଗଠନିକ କାର୍ଯ୍ୟକ୍ରମକୁ ଜୋରଦାର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ପ୍ରଥମେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଏବଂ କନ୍ଧମାଳ ଜିଲ୍ଲା ସଭାପତି ପଦ୍ମନାଭ ବେହେରା ବାଲିଗୁଡ଼ା ଅଂଚଳରେ ସାଂଗଠନିକ ଦାୟିତ୍ୱ ଦେଇଥିବାରୁ ଦଳୀୟ ନେତୃତ୍ୱଙ୍କ ପ୍ରତି କୃତଜ୍ଞତା ଜଣାଯାଇଥିଲା । ଜନସାଧାରଣଙ୍କ ସମସ୍ୟାକୁ ନେଇ ବିଜେଡି ସବୁବେଳେ ସ୍ୱର ଉଠାଇ ଆସିଛି ଏବଂ ଆଗକୁ ମଧ୍ୟ ଏହି ଧାରା ଜାରି ରହିବ ବୋଲି ଦଳୀୟ ନେତାମାନେ କହିଥିଲେ । ବାଲିଗୁଡ଼ା ଅଂଚଳରେ ବାଲିଘାଟ ବନ୍ଦ ରହିଥିବା ସତ୍ତ୍ୱେ ବାଲି ଚୋରାଚାଲାଣ ହେଉଥିବା ନେଇ ଅଭିଯୋଗ ଉଠିଛି । ଏହାକୁ ନେଇ ଟ୍ରାକ୍ଟର ସଂଘ ପକ୍ଷରୁ ଦୁଇ ଦିନ ଧରି ବନ୍ଦ ଡାକରା ଦିଆଯାଇଥିବା କଥା ଉଲ୍ଲେଖ କରି ବାଲି କାରବାରରେ ଅନିୟମିତତା ହେଉଛି କି ନାହିଁ, ତାହାର ନିରପେକ୍ଷ ତଦନ୍ତ ଦାବି କରାଯାଇଥିଲା । ବେଆଇନ କାରବାରରେ କାହାରି ସମ୍ପୃକ୍ତି ଥିଲେ ତାଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଦଳ ଦାବି ଉଠାଇବ ବୋଲି କହିଥିଲା । ବାଲିଗୁଡାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ବିନା ଟେଣ୍ଡରରେ କାର୍ଯ୍ୟ ବଂଟନ ଓ କାମରେ ଅନିୟମିତତା ହେଉଥିବା ଅଭିଯୋଗରେ ତଦନ୍ତ ଦାବି କରାଯାଇଥିଲା । ସରକାରୀ ଅର୍ଥର ସଠିକ୍ ବିନିଯୋଗ, କାର୍ଯ୍ୟର ଗୁଣବତା ଏବଂ ନିୟମ ଅନୁଯାୟୀ ଟେଣ୍ଡର ପ୍ରକ୍ରିୟା ପାଳନ ଉପରେ ଦଳ ଗୁରୁତ୍ୱ ଦେଇଥିଲା । ସେହିପରି ବାଲିଗୁଡ଼ା ସହର ଓ ବିଧାନସଭା କ୍ଷେତ୍ରରେ ରାସ୍ତାଘାଟ, ପାନୀୟ ଜଳ, ଡ୍ରେନେଜ୍, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ସମେତ ବିଭିନ୍ନ ଜନକଲ୍ୟାଣ ମୂଳକ କାର୍ଯ୍ୟର ଅଗ୍ରଗତିକୁ ନେଇ ପ୍ରଶ୍ନ ଉଠାଯାଇଥିଲା । ଅଧାପନ୍ତରିଆ ପ୍ରକଳ୍ପ ଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ସହ ନୂତନ ଉନ୍ନୟନ ମୂଳକ କାର୍ଯ୍ୟ ଆରମ୍ଭ କରିବାକୁ ଦାବି ହୋଇଥିଲା । ଆଗାମୀ ଦିନରେ ବାଲିଗୁଡ଼ା ବ୍ଲକ, ଏନ୍ଏସି ଓ ବିଧାନସଭା କ୍ଷେତ୍ରରେ ବିଜେଡି ସଂଗଠନକୁ ଅଧିକ ସକ୍ରିୟ ଓ ସୁଦୃଢ଼ କରିବା ଉପରେ ଦଳ ଗୁରୁତ୍ୱ ଦେବ । ଯୁବକ ଓ ମହିଳାଙ୍କୁ ସଂଗଠନ ସହ ଯୋଡ଼ିବା, ଦଳୀୟ କର୍ମୀଙ୍କୁ ଏକଜୁଟ କରିବା ଏବଂ ଜନସାଧାରଣଙ୍କ ସମସ୍ୟାକୁ ନେଇ ଆବଶ୍ୟକ ସ୍ଥଳେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା । ସରକାରୀ ଯୋଜନାର ସଠିକ୍ କାର୍ଯ୍ୟକାରିତା ଓ ପ୍ରଶାସନର ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବାକୁ ଦଳ ଆଗାମୀ ଦିନରେ ନିଜର ଦାବି ଉପସ୍ଥାପନ କରିବ ବୋଲି କୁହାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀ ରେ କୋଟଗଡ଼ ବ୍ଲକ ସଭାପତି ଷ୍ଟିଫେନ ପ୍ରଧାନ ଓ କାର୍ଯ୍ୟକାରୀ ସଭାପତି ସରୋଜ ବଳିଆରସିଂହ, ତୁମୁଡ଼ିବନ୍ଧ ବ୍ଲକ ସଭାପତି କୁନା ଦଣ୍ଡସେନା ଓ କାର୍ଯ୍ୟକାରୀ ସଭାପତି ଜହନ ବାରିକ, ବାଲିଗୁଡ଼ା ବ୍ଲକ ସଭାପତି କ୍ଳେଶ ପ୍ରଧାନ ଓ କାର୍ଯ୍ୟକାରୀ ସଭାପତି କବିରାଜ ରଣା, କ. ନୂଆଗାଁ ବ୍ଲକ ସଭାପତି ମଦନ ମୋହନ ପ୍ରଧାନ ଓ କାର୍ଯ୍ୟକାରୀ ସଭାପତି ମହାଦେବ ପ୍ରଧାନ ଏବଂ ବାଲିଗୁଡ଼ା ଏନ୍ଏସି ସଭାପତି ଅମିତ କୁମାର ନାୟକ ଓ କାର୍ଯ୍ୟକାରୀ ସଭାପତି ମାନସ କୁମାର ଅମାତଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ଶୂନ୍ୟ ମୃତ୍ୟୁହାର ଲକ୍ଷ୍ୟରେ କନ୍ଧମାଳ ପ୍ରଶାସନର ବ୍ୟାପକ ପ୍ରସ୍ତୁତି

ବାତ୍ୟା ମୁକାବିଲା ପାଇଁ ମନ୍ତ୍ରୀଙ୍କ ସମୀକ୍ଷା, ୧୯୮ ଗର୍ଭବତୀ ମହିଳା ମା' ଗୃହକୁ ସ୍ଥାନାନ୍ତର

କନ୍ଧମାଳ, ୨୮/୧୦ (ଆ.ପ୍ର) : ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ନେଇ କନ୍ଧମାଳ ଜିଲ୍ଲାରେ ପ୍ରଶାସନିକ ତତ୍ପରତା ବଢ଼ିଛି । ଧନଜୀବନର ସୁରକ୍ଷା ସହ ଶୂନ୍ୟ ମୃତ୍ୟୁହାର ଲକ୍ଷ୍ୟ ନେଇ ସମସ୍ତ ବିଭାଗକୁ ସଜାଗ ରଖାଯାଇଛି । ଏହି ପରିପ୍ରେକ୍ଷୀରେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ଦୁଇଦିନିଆ କନ୍ଧମାଳ ଗସ୍ତରେ ଆସି ବାତ୍ୟା ମୁକାବିଲା ପ୍ରସ୍ତୁତି ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଜିଲ୍ଲାରେ ଆଗୁଆ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି । ସୁରକ୍ଷା ଦୃଷ୍ଟିରୁ ୧୯୮ ଜଣ ଗର୍ଭବତୀ ମହିଳାଙ୍କୁ ମା' ଗୃହକୁ ସ୍ଥାନାନ୍ତର କରାଯାଇଥିବାବେଳେ ୧୩ଟି ପରିବାରକୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଆବଶ୍ୟକତା ଉପରେ ସ୍ୱତନ୍ତ୍ର ନଜର ରଖାଯାଉଛି । ସମୀକ୍ଷା ବୈଠକରେ ମନ୍ତ୍ରୀ ବାତ୍ୟା ସମୟରେ ଯେପରି କୌଣସି ଜୀବନହାନି ନ ହୁଏ, ସେଥିପାଇଁ ସମସ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିପଦସଙ୍କୁଳ ଅଂଚଳରୁ ଲୋକଙ୍କୁ ସମୟୋଚିତ ଭାବେ ସୁରକ୍ଷିତ ସ୍ଥାନକୁ ନେବା, ପାନୀୟ ଜଳ ଯୋଗାଣ ସମେତ ଅତ୍ୟାବଶ୍ୟକ ସେବା ସ୍ୱାଭାବିକ ରଖିବା ଏବଂ ଜରୁରୀ ପରିସ୍ଥିତିରେ ତୁରନ୍ତ ପଦକ୍ଷେପ ନେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ପାହାଡ଼ିଆ ଓ ଘଂଚ ଜଙ୍ଗଲ ପରିବେଷ୍ଟିତ କନ୍ଧମାଳ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଗଛ ଉପୁଡ଼ିବା, ରାସ୍ତା ଅବରୋଧ ଓ ଘରଦ୍ୱାର କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି । ଏହାକୁ ଆଖିଆଗରେ ରଖି ଜିଲ୍ଲାର ଦୁଇଟି ଘାଟି ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ କରାଯାଇଛି । ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ମଧ୍ୟ ସାମୟିକ ଭାବେ ବନ୍ଦ ରଖାଯାଇଛି । ଅଗ୍ନିଶମ ବାହିନୀକୁ ସଜାଗ ରଖାଯାଇଥିବାବେଳେ ଆବଶ୍ୟକ ପଡ଼ିଲେ ଓଡ୍ରାଫ୍ ଟିମ୍ ମୁତୟନ କରାଯିବ । ବ୍ଲକ୍ସ୍ତରରେ ବିଡିଓଙ୍କଠାରୁ ଆରମ୍ଭ କରି ପଂଚାୟତସ୍ତରର ପିଇଓଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସତର୍କ ରହିବା ସହ ସ୍ଥିତି ଉପରେ ନିରନ୍ତର ନଜର ରଖିବାକୁ କୁହାଯାଇଛି । କେବଳ ବାତ୍ୟା ପୂର୍ବ ପ୍ରସ୍ତୁତି ନୁହେଁ, ବିପର୍ଯ୍ୟୟ ପରବର୍ତ୍ତୀ ସ୍ଥିତିର ମୁକାବିଲାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ବାତ୍ୟାରେ ଘରଦ୍ୱାର କିମ୍ବା ଅନ୍ୟାନ୍ୟ ସମ୍ପତ୍ତି କ୍ଷତିଗ୍ରସ୍ତ ହେଲେ ତୁରନ୍ତ କ୍ଷୟକ୍ଷତି ଆକଳନ କରି ପାଂଚ ଦିନ ମଧ୍ୟରେ ପ୍ରଭାବିତ ପରିବାରଙ୍କୁ ସହାୟତା ପ୍ରଦାନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଆବଶ୍ୟକ ପଡ଼ିଲେ ସେ ନିଜେ କ୍ଷତିଗ୍ରସ୍ତ ଅଂଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବେ ବୋଲି ଜଣାପଡ଼ିଛି । ପରିସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ଲୋକଙ୍କ ସମସ୍ୟା ବୁଝିବା ସହ ଆବଶ୍ୟକ ସହାୟତା ଯୋଗାଇଦେବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ, ଫୁଲବାଣୀ ବିଧାୟକ ତଥା ଜିଲ୍ଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉମାଚରଣ ମଲ୍ଲିକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନଗୋବିନ୍ଦ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ରାମେନ୍ଦ୍ର ପ୍ରସାଦ, ପ୍ରଶିକ୍ଷଣରତ ଆଇଏଏସ୍ ଅଧିକାରୀ ଯଶକରଣ ସିଂଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ । ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଥିବାବେଳେ ଆଗୁଆ ସତର୍କତା, ବିଭାଗୀୟ ସମନ୍ୱୟ ଓ ତ୍ୱରିତ ସହାୟତା ମାଧ୍ୟମରେ କ୍ଷୟକ୍ଷତିକୁ ସର୍ବନିମ୍ନ କରିବା ସହ ଜନଜୀବନର ସୁରକ୍ଷା ନିଶ୍ଚିତ କରିବା ପ୍ରଶାସନର ପ୍ରମୁଖ ଲକ୍ଷ୍ୟ ରହିଛି ।

ଚୌଦ୍ୱାର କୁମାରପୂର୍ଣ୍ଣିମା, ରୁପଯାତ୍ରା ପୂଜାମଣ୍ଡପ ବୁଲି ଦେଖିଲେ ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର

ଟାଙ୍ଗୀ ଚୌଦ୍ୱାର, ୨୮/୧୦ (ଆ.ପ୍ର) : ପ୍ରସିଦ୍ଧ ଐତିହାସିକ ଚୌଦ୍ୱାର କୁମାର ପୁର୍ଣ୍ଣିମା ଓ ରୂପଯାତ୍ରା ଅବସରରେ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର ସମେତ ଚୌଦ୍ୱାର କଟକ ଅଂଚଳର ବହୁ ବିଜେଡି ନେତା, ନେତ୍ରୀ ଓ ଛାତ୍ରନେତା କୁମାରପୂର୍ଣ୍ଣିମା, ରୂପଯାତ୍ରାରେ ଭାଗ ନେଉଥିବା ସମସ୍ତ ପୂଜାମଣ୍ଡପ ପରିଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ, ଚୌଦ୍ୱାର ପୌରପାଳିକା ଅଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ୬ନମ୍ବର ୱାର୍ଡ ପାରିଷଦ ଦିଲ୍ଲୀପ ସାହୁ, ପାରିଷଦ କଲ୍ୟାଣୀ ସାହୁ, ପାରିଷଦ ଆଶୁତୋଷ ନାୟକ ସମେତ ବହୁ ୱାର୍ଡ ବାସି, ଛାତ୍ର ନେତା ଓ ବହୁ ବିଜେଡି ନେତ୍ରୀ ଓ କର୍ମୀମାନେ ପୂଜା ମଣ୍ଡପ ବୁଲିବା କାର୍ଯ୍ୟକ୍ରମରେ ସାମିଲ ଥିଲେ ।

ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

ପାରଳାଖେମୁଣ୍ଡି, ୨୮/୧୦ (ଆ.ପ୍ର) : ଆଜି କ୍ରୀଡ଼ା ଓ ଯୁବସେବା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗଜପତି ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ବାତ୍ୟା ମୁକାବିଲା ପାଇଁ ହୋଇଥିବା ପ୍ରସ୍ତୁତିର ସମୀକ୍ଷା କରିଥିଲେ । ଏଥିସହ ଆଶ୍ରୟସ୍ଥଳୀରେ ରହୁଥିବା ଲୋକଙ୍କ ସୁରକ୍ଷା, ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ ।

ବାତ୍ୟାର ତାଣ୍ଡବ: ୩୫୩ ଜାତୀୟ ରାଜପଥରେ ଉପୁଡ଼ିଲା ବିଶାଳ ଗଛ, ଠପ୍ ହେଲା ଯାତାୟାତ

ନୂଆପଡ଼ା, ୨୮/୧୦ (ଆ.ପ୍ର) : ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ପବନର ବେଗ ବୃଦ୍ଧି ପାଇବା ଯୋଗୁଁ ନୂଆପଡ଼ା ଜିଲ୍ଲାରେ ଜନଜୀବନ ପ୍ରଭାବିତ ହୋଇଛି । ଜିଲ୍ଲା ଦେଇ ଯାଇଥିବା ୩୫୩ ନମ୍ବର ଜାତୀୟ ରାଜପଥର ଦୁଇଟି ସ୍ଥାନରେ ବିଶାଳକାୟ ଗଛ ଉପୁଡ଼ି ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ରାସ୍ତା ଉପରେ ଗଛ ପଡ଼ି ରହିବାରୁ ଉଭୟ ପାର୍ଶ୍ୱରେ ଗାଡ଼ିମୋଟର ଅଟକି ରହିଥିବା ବେଳେ ଯାତ୍ରୀ ଓ ଚାଳକମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସୂଚନା ଅନୁଯାୟୀ, ଖଡ଼ିଆଳ ସହର ନିକଟସ୍ଥ ୩୫୩ ନମ୍ବର ଜାତୀୟ ରାଜପଥର ବବୁଲି ଡାବା ନିକଟରେ ଏକ ବିଶାଳକାୟ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଯାଇଛି । ସେହିପରି ନୂଆପଡ଼ା ସ୍ଥିତ ନେସନାଲ କଲେଜ ସମ୍ମୁଖରେ ମଧ୍ୟ ଏକ ବଡ଼ ଗଛ ଉପୁଡ଼ି ପଡ଼ିଛି । ଏହି ଦୁଇଟି ଘଟଣା ଯୋଗୁଁ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବା ସହ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିର ଲମ୍ବା ଧାଡ଼ି ଲାଗିଥିବା ସୂଚନା ମିଳିଛି । ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଂଚିଛନ୍ତି । ଗଛଗୁଡ଼ିକୁ କାଟି ରାସ୍ତାରୁ ହଟାଇବା ସହ ଯାତାୟାତକୁ ପୁନଃ ସ୍ୱାଭାବିକ କରିବା ପାଇଁ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି । ରାସ୍ତା ଅବରୋଧ ହେବା ଯୋଗୁଁ ଗନ୍ତବ୍ୟସ୍ଥଳକୁ ଯାଉଥିବା ଯାତ୍ରୀମାନଙ୍କୁ ଅପେକ୍ଷା କରିବାକୁ ପଡ଼ିଛି । ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ପବନର ବେଗ ବୃଦ୍ଧି ପାଇବା ଫଳରେ ଏଭଳି ଘଟଣା ଘଟିଥିବା କୁହାଯାଉଛି । ଏହି ପରିସ୍ଥିତିରେ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଉଛି । ଅତ୍ୟାବଶ୍ୟକ ନ ଥିଲେ ଯାତ୍ରା ଏଡ଼ାଇବା ସହ ପ୍ରଶାସନ ଓ ଅଗ୍ନିଶମ ବିଭାଗର ନିର୍ଦ୍ଦେଶ ପାଳନ କରିବାକୁ କୁହାଯାଇଛି । ଏବେ ରାସ୍ତାରୁ ଗଛ ହଟାଇ ଯାନବାହନ ଚଳାଚଳ ସ୍ୱାଭାବିକ କରିବା ଉପରେ ଅଗ୍ନିଶମ ବିଭାଗ ଗୁରୁତ୍ୱ ଦେଉଛି । ବାତ୍ୟାର ପ୍ରଭାବ ରହିଥିବାରୁ ଆଗାମୀ ସମୟରେ ମଧ୍ୟ ସତର୍କତା ଅବଲମ୍ବନ କରିବା ଜରୁରୀ ହୋଇପଡ଼ିଛି ।

ଓଡ଼ିଶା ଉଚ୍ଚଶିକ୍ଷା ଜଗତରେ ଅପୂରଣୀୟ କ୍ଷତି, ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତିଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

କୋରାପୁଟ, ୨୮/୧୦ (ଆ.ପ୍ର) : ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ), କୋରାପୁଟର ପୂର୍ବତନ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତିଙ୍କ ଦେହାବସାନରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ସ୍ୱର୍ଗତ ପ୍ରଫେସର ମହାନ୍ତିଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରି ବିଶ୍ୱବିଦ୍ୟାଳୟ ପରିବାର ତାଙ୍କର ଅମୂଲ୍ୟ ଅବଦାନକୁ ଗଭୀର କୃତଜ୍ଞତାର ସହ ସ୍ମରଣ କରିଛି । ଜଣେ ବିଶିଷ୍ଟ ଶିକ୍ଷାବିତ୍, ପ୍ରତିଷ୍ଠିତ ଅଧ୍ୟାପକ, ସାହିତ୍ୟ ସମାଲୋଚକ ଓ ସାଂସ୍କୃତିକ ଇତିହାସକାର ଭାବେ ସେ ଉଚ୍ଚଶିକ୍ଷା, ବିଶ୍ୱବିଦ୍ୟାଳୟର ବିକାଶ ତଥା ଓଡ଼ିଶାର ସମୃଦ୍ଧ ସାହିତ୍ୟିକ ଓ ସାଂସ୍କୃତିକ ଐତିହ୍ୟର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ । ପ୍ରଫେସର ମହାନ୍ତି ଅଗଷ୍ଟ ୨୦୧୫ରୁ ଫେବୃଆରୀ ୨୮, ୨୦୧୯ ପର୍ଯ୍ୟନ୍ତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଭାବେ କାର୍ଯ୍ୟ କରିଥିବା ବେଳେ, ଏହା ପୂର୍ବରୁ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ ଏବଂ ୧୯୮୭ ମସିହାରେ ଆଇଆଇଟି କାନପୁରରୁ ପିଏଚ୍.ଡି. ଡିଗ୍ରୀ ହାସଲ କରିଥିଲେ । ଜଣେ ପ୍ରଖ୍ୟାତ ଗବେଷକ ଓ ଲେଖକ ଭାବେ ସେ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ୨୯ଟି ପୁସ୍ତକ ରଚନା ଏବଂ ୧୦୦ରୁ ଅଧିକ ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶ କରିଥିଲେ, ଯେଉଁଥିରେ ଉପନିବେଶତର ଅଧ୍ୟୟନ, ଶ୍ରୀଅରବିନ୍ଦ ଅଧ୍ୟୟନ ଏବଂ ଓଡ଼ିଶାର ସାଂସ୍କୃତିକ ଇତିହାସ ପ୍ରମୁଖ ଥିଲା; ସେ 'Early Women's Writing in Orissa' ଓ 'Gender and Cultural Identity in Colonial Orissa', Sri Aurobindo: A Contemporary Reader I Periodical Press and Colonial Modernity: Odisha, ୧୮୬୬–୧୯୩୬ ଭଳି ଗୁରୁତ୍ୱପୂର୍ଣ୍ଣ ପୁସ୍ତକର ରଚନାକାର ଥିଲେ । ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନ ପାଇଁ ସେ ଫୁଲବ୍ରାଇଟ୍, ବ୍ରିଟିଶ୍ କାଉନ୍‌ସିଲ୍, ଚାର୍ଲ୍ସ ୱାଲେସ୍, ସାଲ୍‌ଜବର୍ଗ ଓ କଥା ପୁରସ୍କାର ସମେତ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନ ଲାଭ କରିବା ସହ ୟୁନେସ୍କୋ ପାଇଁ ଭାରତର ଶିକ୍ଷା ଆୟୋଗରେ ମଧ୍ୟ କାର୍ଯ୍ୟ କରିଥିଲେ । ପ୍ରଫେସର ମହାନ୍ତିଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରି ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ବର୍ତ୍ତମାନର କୁଳପତି ପ୍ରଫେସର ଡ. ଅଜିତ କୁମାର ଶାସନୀ କହିଛନ୍ତି ଯେ ତାଙ୍କର ବିୟୋଗ ଶିକ୍ଷା ଓ ବୌଦ୍ଧିକ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ଏବଂ ତାଙ୍କର ଅସାଧାରଣ ପାଣ୍ଡିତ୍ୟ ତଥା ସମର୍ପଣ ଆଗାମୀ ପିଢ଼ିକୁ ସର୍ବଦା ପ୍ରେରଣା ଯୋଗାଇବ । ବିଶ୍ୱବିଦ୍ୟାଳୟ ପରିବାର ଏବଂ ମିଡ଼ିଆ ରିଲେସନ୍ସ କମିଟି ପକ୍ଷରୁ ସ୍ୱର୍ଗତ ମହାନ୍ତିଙ୍କ ଶୋକସନ୍ତପ୍ତ ପରିବାର ଓ ଶୁଭେଚ୍ଛୁମାନଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରାଯାଇଛି ।

ଲାଠି, ଆଙ୍ଗା, ଶିରାଙ୍କ ସହ ଦେବାଦେବୀଙ୍କ ମହାମିଳନ

ଝରିଗାଁ, ୨୮/୧୦ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ବକଡ଼ାବେଡ଼ା ପଂଚାୟତ ଅନ୍ତର୍ଗତ ପରିଆ ଗ୍ରାମରେ ପାରମ୍ପରିକ ଆଦିବାସୀ ଦଶହରା ବଜାର ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଏହି ଦଶହରା ବଜାରରେ ପରିଆ ସମେତ ଆଖପାଖ ଗ୍ରାମର ଦେବାଦେବୀମାନେ ନିଜ ନିଜର ପ୍ରତୀକ ଲାଠି, ପାଲିଙ୍କି, ଆଙ୍ଗା ଓ ଶିରାଙ୍କ ସହ ପୂଜାରୀ ଓ ଗଭତମାନଙ୍କୁ ନେଇ ପହଂଚିଥିଲେ । ବିଭିନ୍ନ ଆଭୂଷଣରେ ସୁସଜ୍ଜିତ ହୋଇ ଦେବାଦେବୀମାନେ ବିଭିନ୍ନ ଲୀଳା ଓ ନୃତ୍ୟ ପରିବେଷଣ କରିଥିଲେ । ମୁଗୀ ମାତା ପୂଜାରୀ ବୁଡୁରା, ଅର୍ଜୁନ ଭୀମା, ମାୟର ପୂଜାରୀ ପଦଲମ୍ ଏବଂ ଗ୍ରାମର ଅନ୍ୟ ପୂଜାରୀମାନେ ପରମ୍ପରା ଅନୁଯାୟୀ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଅବସରରେ ଗ୍ରାମରେ ବିରାଟ ବଜାର ବସିଥିଲା । ଶତାଧିକ ଉପା ଦୋକାନୀ ବିଭିନ୍ନ ସାମଗ୍ରୀର ପସରା ମେଲାଇ ବ୍ୟବସାୟ କରିଥିଲେ । ଭକ୍ତ ଓ ଦର୍ଶକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଏକ ପରିଚାଳନା କମିଟି ଗଠନ କରାଯାଇ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଦିନରେ ମିନାବଜାର ଓ ରାତିରେ ନାଟକର ବ୍ୟବସ୍ଥା କରାଯାଇଥିଲା । ପରିଚାଳନାରେ ନର ଭତ୍ରା, ଈଶ୍ୱର ଭତ୍ରା, ଦେବ ଭତ୍ରା, ଆନନ୍ଦ ଭତ୍ରା, ପ୍ରହ୍ଲାଦ ଭତ୍ରା, ଚୈତନ୍ୟ ଭତ୍ରା, ସୀତାରାମ ଭତ୍ରା, ଭଗବାନ କୁମ୍ଭାର, ଜଗବନ୍ଧୁ ପୂଜାରୀ ପ୍ରମୁଖ ସହଯୋଗ କରିଥିଲେ ।

ମହିଳା ଫୋଟୋଗ୍ରାଫର ପୁଷ୍ପାଞ୍ଜଳି ଛୋଟରାୟ ସମ୍ବର୍ଦ୍ଧିତ

ତିର୍ତ୍ତୋଲ, ୨୮/୧୦ (ଆ.ପ୍ର) : ଭୁବନେଶ୍ୱର କଳିଙ୍ଗ ନଗର ସ୍ଥିତ ସୋଆ ୟୁନିଭରସିଟି ପରିସରରେ ଓଡିଶା ଫୋଟୋଗ୍ରାଫିକ ସିଣ୍ଡିକେଟ ଦ୍ୱାରା ୨୩ ଠାରୁ ୨୫ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଏକ ବିଶାଳ ଫଟୋ ଫେଆର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡିଶା ଫୋଟୋଗ୍ରାଫିକ ସିଣ୍ଡିକେଟର ସଭାପତି ମିଥୁନ କୁମାର ଜେନାଙ୍କ ତତ୍ୱାବଧାନରେ ଏବଂ ସିଣ୍ଡିକେଟ ମ୍ୟାନେଜମେଂଟଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଦେଶ ବିଦେଶର ଅନେକ ଖ୍ୟାତି ସମ୍ପନ୍ନ ଫଟୋଗ୍ରାଫି ସାମଗ୍ରୀ ପ୍ରସ୍ତୁତକାରୀ ସଂସ୍ଥା ମାନେ ସେମାନଙ୍କର ଉନ୍ନତ ମାନର ଫୋଟ ସାମଗ୍ରୀ ପ୍ରଦର୍ଶନ କରିଥିଲେ । ଏଥିରେ ଦେଶର ଓ ରାଜ୍ୟର ବହୁ ସ୍ଥାନରୁ ବିଭିନ୍ନ ଫଟୋଗ୍ରାଫର ସଂଗଠନ ମାନେ ଯୋଗ ଦେଇଥିଲେ । ଏହି ଅବସରରେ ରାଜ୍ୟ ର ବିଭିନ୍ନ ଫୋଟୋଗ୍ରାଫର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ଫୋଟ ଓ ଭିଡିଓ ଗ୍ରାଫର ସଂଘର ଅନ୍ୟତମ ସକ୍ରିୟ ସଦସ୍ୟା ତିର୍ତ୍ତୋଲ ବଜାର ରେ ଅବସ୍ଥିତ ଷ୍ଟୁଡିଓ ପୁଷ୍ପା ଗ୍ରାଫିକ୍ସର ମହିଳା ଫଟୋଗ୍ରାଫର ପୁଷ୍ପାଞ୍ଜଳି ଛୋଟରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଜଗତସିଂହପୁର ଜିଲ୍ଲା ଫୋଟ ଓ ଭିଡିଓ ସଂଘର ସଭାପତି ଚକ୍ରଧର ମଲ୍ଲିକ ସମ୍ପାଦକ ରାଜକିଶୋର ପ୍ରଧାନ ଉପସ୍ଥିତ ଥିଲେ । ମହିଳା ଫୋଟୋଗ୍ରାଫର ପୁଷ୍ପାଞ୍ଜଳି ଛୋଟରାୟ ସମ୍ବର୍ଦ୍ଧିତ ହୋଇଥିବାରୁ ଜିଲ୍ଲା ସଂଘ ର ସମସ୍ତ ଫୋଟୋଗ୍ରାଫର ମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

'ଶିଶୁ ଶ୍ରମିକ ମୁକ୍ତ ସମାଜ' ଗଠନ ପାଇଁ ସଚେତନତା କର୍ମଶାଳା ଅନୁଷ୍ଠିତ

ଦଶପଲ୍ଲା, ୨୮/୧୦ (ଆ.ପ୍ର) : ଦଶପଲ୍ଲା ସହର ଓ ଗ୍ରାମାଂଚଳରେ ଶିଶୁ ଶ୍ରମିକ ବିଲୋପ ସମ୍ପର୍କରେ ଏକ ସଚେତନତା କର୍ମଶାଳା ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ଦିନ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବିଡିଓ ଶରତ କୁମାର ମଲ୍ଲିକ ଯୋଗଦେଇ କହିଥିଲେ ଯେ, ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି ଦୋକାନ, ଶିଳ୍ପ ସଂସ୍ଥା କିମ୍ବା ଶ୍ରମ ଭିତିକ କାର୍ଯ୍ୟରେ ନିୟୋଜିତ କଲେ ତାହା ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରାଯିବ । କୌଣସି ପରିସ୍ଥିତିରେ ବି ଶିଶୁଙ୍କୁ ସେମାନଙ୍କ ମୌଳିକ ଅଧିକାରରୁ ବଂଚିତ କରାଯାଇ ପାରିବ ନାହିଁ । ବ୍ଲକ ଶ୍ରମ ଅଧିକାରିଣୀ ଲୋଇସା ସିଂ ଶିଶୁ ଶ୍ରମିକମାନଙ୍କୁ ଚିହ୍ନଟ କରିବା, ସେମାନଙ୍କର ଥଇଥାନ ଏବଂ ପାଠପଢ଼ା ପାଇଁ ସରକାରୀ ସ୍ତରରେ ରହିଥିବା ବିଭିନ୍ନ ବ୍ୟବସ୍ଥା ଓ ପ୍ରଦଧାନ ସମ୍ପର୍କରେବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଏହି ଆଲୋଚନାରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଶିଶୁ ଓ ମାତୃ ମଙ୍ଗଳ ବିକାଶ ଅଧିକାରୀ - ସଂଯୁକ୍ତା ସାମଲ, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ - ଶ୍ୟାମ ସୁନ୍ଦର ଯାନୀ, ପୋଲିସ ଏଏସ୍ଆଇ - ଅରୁଣ କୁମାର ଜେନା, ମହାବୀର ବଣିକ ମହାସଂଘର ଉପସଭାପତି ଉମାକାନ୍ତ ସାହୁ ଓ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ସରପଂଚ ସଂଘ ସଭାପତି - ବରୁଣ କୁମାର ପାତ୍ର, ବରିଷ୍ଠ ନାଗରିକ ମଂଚ କୋଷାଧ୍ୟକ୍ଷ - ରଙ୍କ ନିଧି ସାହୁ, ଯୁବ ଶିଳ୍ପପତି ଓ ସମାଜସେବୀ - ସୁନୀଲ କୁମାର ପାତ୍ର, ମନୋଜ ସୁବୁଦ୍ଧି ଏବଂ ରବି ନାରାୟଣ ଦାଶ ପ୍ରମୁଖ ଯୋଗଦେଇଥିଲେ । ସମସ୍ତ ଅତିଥି ଓ ବୁଦ୍ଧିଜୀବୀମାନେ ଶିଶୁ ଶ୍ରମିକ ପ୍ରଥା ବିଲୋପ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରଖିଥିଲେ । ଏହି ଅବସରରେ ବିଭିନ୍ନ ଶ୍ରମିକ ସଂଗଠନର ମୁଖିଆମାନେ ମଧ୍ୟ ଉପସ୍ଥିତ ରହି ଏହି ସଚେତନତା ଅଭିଯାନକୁ ସମର୍ଥନ ଜଣାଇଥିଲେ ।

ଲକ୍ଷ୍ମୀଦାସପୁର ଶିବ ମନ୍ଦିର ପରିସରରେ ମା' ଗଜଲକ୍ଷ୍ମୀ ପୂଜା, ଦର୍ଶନ ପାଇଁ ଭକ୍ତଙ୍କ ଲାଗିଛି ଭିଡ଼



ବାସୁଦେବପୁର, ୨୮/୧୦ (ଆ.ପ୍ର) : ଦର୍ଶକ ବନ୍ଧୁ, ଧରାପୃଷ୍ଠରେ ଚାଲିଛି ମା' ଗଜଲକ୍ଷ୍ମୀଙ୍କ ଆରାଧନା । ମା'ଙ୍କ ଆଗମନରେ ଉତ୍ସବମୁଖର ହୋଇଉଠିଛି ପୁରପଲ୍ଲୀ । କେଉଁଠି ମନ୍ତ୍ରଧ୍ୱନି ତ ଆଉ କେଉଁଠି ଘଂଟଘଂଟାର ଶବ୍ଦରେ ପ୍ରକମ୍ପିତ ହେଉଛି ପୂଜାମଣ୍ଡପ । ଏହି କ୍ରମରେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଲକ୍ଷ୍ମୀଦାସପୁର ଗ୍ରାମ ପଂଚାୟତ ଶିବ ମନ୍ଦିର ପରିସରରେ ଭକ୍ତି ଓ ଆଧ୍ୟାତ୍ମିକତାର ସହ ପାଳିତ ହେଉଛି ମା' ଗଜଲକ୍ଷ୍ମୀଙ୍କ ପୂଜା । ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ । ମା'ଙ୍କ ଦର୍ଶନ ପାଇଁ ଛୁଟୁଛି ଶହ ଶହ ଶ୍ରଦ୍ଧାଳୁଙ୍କ ସୁଅ ।ଭକ୍ତିମୟ ପରିବେଶ... ଧୂପ, ଦୀପ ଓ ନୈବେଦ୍ୟରେ ମହକୁଛି ପୂଜାମଣ୍ଡପ । ମା'ଙ୍କ ଆଗମନରେ ଉତ୍ସବମୁଖର ହୋଇଉଠିଛି ଲକ୍ଷ୍ମୀଦାସପୁର ଗ୍ରାମ ପଂଚାୟତ । ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀଦାସପୁର ଗ୍ରାମ ପଂଚାୟତର ଶିବ ମନ୍ଦିର ପରିସରରେ ମା' ଗଜଲକ୍ଷ୍ମୀ ସାର୍ବଜନୀନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଛି ମା' ଗଜଲକ୍ଷ୍ମୀଙ୍କ ପୂଜା । ପାରମ୍ପରିକ ରୀତିନୀତି ଅନୁଯାୟୀ କଳସ ଶୋଭାଯାତ୍ରା, ମଙ୍ଗଳ ଆଳତି, ଚଣ୍ଡୀପାଠ ଓ ପୂର୍ଣ୍ଣାହୁତି ଭଳି ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି । ମା'ଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରିବା ପାଇଁ ଭକ୍ତଙ୍କ ମଧ୍ୟରେ ଦେଖିବାକୁ ମିଳିଛି ଅପୂର୍ବ ଉତ୍ସାହ । ପୂଜାମଣ୍ଡପର ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳା ଉତ୍ସବର ଶୋଭାକୁ ଦ୍ୱିଗୁଣିତ କରିଛି । ତିନି ଦିନ ଧରି ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ।ବାସୁଦେବପୁର ବ୍ଲକର ବିଭିନ୍ନ ଅଂଚଳରୁ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଆସି ମା'ଙ୍କ ଦର୍ଶନ କରୁଛନ୍ତି । ଏହି ଧାର୍ମିକ ଉତ୍ସବରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଏବଂ ଲକ୍ଷ୍ମୀଦାସପୁର ଗ୍ରାମ ପଂଚାୟତର ସରପଂଚ ଜାନକୀ ବାରିକଙ୍କ ସମେତ ଅନ୍ୟମାନଙ୍କ ଉପସ୍ଥିତି ଉତ୍ସବକୁ ଅଧିକ ଆକର୍ଷଣୀୟ କରିଛି । ଏହି ପୂଜା ଆୟୋଜନରେ ମା' ଗଜଲକ୍ଷ୍ମୀ ସାର୍ବଜନୀନ ଅନୁଷ୍ଠାନର ସଭାପତି ପୀତବାସ ପଲେଇ, ସମ୍ପାଦକ ରାଜେଶ କୁମାର ନାୟକ ଓରଫ ପିଂଟୁଙ୍କ ସମେତ ନିତ୍ୟାନନ୍ଦ ନାୟକ, ଜୟଦେବ ବାରିକ, ବୃନ୍ଦିରାମ ପଲେଇ, ଧନେଶ୍ୱର ପଲେଇ, ବୃନ୍ଦିରାମ ସେଠୀ, ତାରାକାନ୍ତ ବଳ, ବାବାଜୀ ପଲେଇ, ସନାତନ ବଳ, ପ୍ରଭାତ ଜେନା, ମାର୍କଣ୍ଡ ନାୟକ ଓ ରତିକାନ୍ତ ଜେନାଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଛନ୍ତି । ଧାର୍ମିକ ଭାବନା, ପରମ୍ପରା ଓ ସାମାଜିକ ଏକତାର ବାର୍ତ୍ତା ନେଇ ମା' ଗଜଲକ୍ଷ୍ମୀଙ୍କ ପୂଜା ଲକ୍ଷ୍ମୀଦାସପୁର ଅଂଚଳରେ ସୃଷ୍ଟି କରିଛି ଏକ ଭକ୍ତିମୟ ପରିବେଶ ଓ ଭାଇଚାରାର ବାର୍ତ୍ତା ।

ପଳାଶୋଳ ୟୁଥ ହେଲପିଙ୍ଗ ବଏ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମେଗା ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ

ଜଗତସିଂହପୁର, ୨୮/୧୦ (ଆ.ପ୍ର) : ଜଗତସିଂହପୁର ବ୍ଲକ ଅନ୍ତର୍ଗତ ପଳାଶୋଳ ୟୁଥ ହେଲପିଙ୍ଗ ବଏ ଚାରିଟେବୁଲ ଟ୍ରଷ୍ଟ ସଭାଗୃହରେ ଟ୍ରଷ୍ଟର ସଭାପତି ଆକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଆଜି ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଗତ ୧୪ ତାରିଖ (ବୁଧବାର) ଅୟର ପଂଚାୟତ ପାଇଁ ଟ୍ରଷ୍ଟ କାର୍ଯ୍ୟାଳୟରେ କରାଯାଇଥିବା ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ନିଆଯାଇଥିବା ନିଷ୍ପତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିସହିତ ଆସନ୍ତା ନଭେମ୍ବର ୩ ତାରିଖ ମଙ୍ଗଳବାର ଅପରାହ୍ନ ୪ଟା ସମୟରେ ସମଙ୍ଗ ପଂଚାୟତର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କୀତ ଏକ ବୈଠକ ପଳାଶୋଳ ୟୁଥ ହେଲପିଙ୍ଗ ବଏ ଚାରିଟେବୁଲ ଟ୍ରଷ୍ଟର ସଭାଗୃହରେ କରାଯିବା ପାଇଁ ସ୍ଥିର କରାଗଲା ଓ ଏହି ବୈଠକରେ ସମଙ୍ଗ ପଂଚାୟତର ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବୀଙ୍କୁ ନିମନ୍ତ୍ରଣ କରିବା ପାଇଁ ଟ୍ରଷ୍ଟର ସଦସ୍ୟମାନଙ୍କୁ ଦାଇତ୍ୱ ଦିଆଯାଇଥିଲା । ଜଗତସିଂହପୁର ଜିଲ୍ଲା ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ଲକ୍ଷ୍ୟ କରାଯାଇ ଟ୍ରଷ୍ଟ ପକ୍ଷରୁ ଅୟର, ସମଙ୍ଗ, ପଳାଶୋଳ ପ୍ରଭୃତି ତିନୋଟି ପଂଚାୟତକୁ ନେଇ ଏକ ମେଗା ରକ୍ତଦାନ ଶିବିର କରାଯିବ ପାଇଁ ସଭାଗୃହରେ ସର୍ବସମ୍ମତି କ୍ରମେ ସ୍ଥିର କରାଯାଇଥିଲା । ଶେଷରେ ଉପସଭାପତି ଋତୁରାଜ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ପାତ୍ରପୁରରେ ବାତ୍ୟା ଅର୍ଣ୍ଣବ ପ୍ରଭାବ, ପ୍ରବଳ ବର୍ଷା ଓ ପବନ ମାଡ଼ ସ୍ଥିତି ପରଖିଲେ ଦୁଇ ସାଂସଦ, ମନ୍ତ୍ରୀ ଓ ବିଧାୟକ

ପାତ୍ରପୁର, ୨୮/୧୦ (ଆ.ପ୍ର) : ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଗଞ୍ଜାମ ଜିଲ୍ଲା ସୀମାନ୍ତ ପାତ୍ରପୁର ବ୍ଲକ୍ ଅଂଚଳରେ ପ୍ରବଳ ବର୍ଷା ସହ ପବନ ବୋହିଛି । ବୁଧବାର ସକାଳୁ ପ୍ରବଳ ବର୍ଷା ହୋଇଥିବା ବେଳେ ପୂର୍ବାହ୍ନରେ ପବନର ବେଗ ବଢ଼ିଥିଲା ଯାହା ଫଳରେ ସାମନ୍ତରାପୁର ଠାରୁ ତୁମ୍ବା ରାସ୍ତା, ଆମ୍ବପୁର ଠାରୁ ଗୁଣ୍ଡୁରା ରାସ୍ତା, ବୁଢ଼ିଆଲାଙ୍ଗି ଠାରୁ ବରଙ୍ଗ ରାସ୍ତା ଭଳି ବହୁ ସ୍ଥାନରେ ବିରାଟ ଗଛ ପଡି ରାସ୍ତା ଅବରୋଧ ହୋଇଥିବା ଦେଖିବାକୁ ମିଳିଛି । ସେହିଭଳି ଅନେକ ବିଦ୍ୟୁତ୍ ଖୁଂଟ ପଡିଥିବା ବେଳେ ବିଦ୍ୟୁତ ଯୋଗାଣ ବିଛିନ୍ନ ହୋଇଛି । ଗଛ ହଟାଇବା ପାଇଁ ଓଡ୍ରାଫ୍ ଟିମ୍ ନିୟୋଜିତ ହୋଇଥିବା ବେଳେ ଅନେକ ସ୍ଥାନରେ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଯୁବକ ମାନେ ଗଛ ରାସ୍ତାରୁ ହଟାଇଥିବା ଦେଖିବାକୁ ମିଳିଛି । ସେହିଭଳି ବିଦ୍ୟୁତ୍ ବିଭାଗ କର୍ମଚାରୀ ମଧ୍ୟ ବିଦ୍ୟୁତ୍ ଖୁଂଟ ହଟାଇବା ସହ ବିଦ୍ୟୁତ୍ ସଜାଡିଛନ୍ତି । ଅନ୍ୟପକ୍ଷେ ଅସୁରକ୍ଷିତ ଭାବେ ଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତରିତ କରାଯାଇଛି । ଲଗାଣ ବର୍ଷା ଯୋଗୁଁ ସାମନ୍ତିଆପଲ୍ଲୀ ପଂଚାୟତ ଅନ୍ତର୍ଗତ ଭୀମପୁର ଗ୍ରାମରେ ବନ୍ୟା ଜଳ ପଶିବା ଆଶଙ୍କା ଥିବା ବେଳେ ଗ୍ରାମବାସୀଙ୍କୁ ସୁରକ୍ଷିତ ସ୍ଥାନକୁ ଆସିବା ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ବର୍ଷା ଜଳ ନିଷ୍କାସନ ହୋଇପାରୁନଥିବା ବେଳେ ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଯାଇଛି । ୨୧ ଆଶ୍ରୟ ସ୍ଥଳ ଖୋଲା ଯାଇଥିବା ବେଳେ ୮ ଶହରୁ ଅଧିକ ଲୋକଙ୍କୁ ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତରିତ ହୋଇଛନ୍ତି । ସାଂସଦ ପ୍ରଦୀପ ପାଣିଗ୍ରାହୀ, ମନ୍ତ୍ରୀ ବିଭୂତି ଜେନା, ଆସ୍କା ସାଂସଦ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଜିଲ୍ଲାପାଳ କି କୀର୍ତିଭାସନ୍, ଉପ ଜିଲ୍ଲାପାଳ ଅବିନାଶ କୁମାର, ବିଡିଓ ଲକ୍ଷ୍ମଣ ଚରଣ ସୋରେନ, ବିଭିନ୍ନ ଆଶ୍ରୟସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି ।

ଶିଶୁଙ୍କ ସୁରକ୍ଷିତ ବାଲ୍ୟାବସ୍ଥା ପାଇଁ ଆଇନ ସଚେତନତା ଜରୁରୀ ବାପୁଜୀ ନୋଡାଲ ସ୍କୁଲରେ 'ସୁରକ୍ଷିତ ବଚପନ ଅଭିଯାନ'

ଭଦ୍ରକ, ୨୮/୧୦ (ଆ.ପ୍ର) : ଶିଶୁଙ୍କ ଅଧିକାରର ସୁରକ୍ଷା, ଯୌନ ଶୋଷଣର ନିରାକରଣ ଏବଂ ଏକ ସୁରକ୍ଷିତ ବାଲ୍ୟାବସ୍ଥା ନିଶ୍ଚିତ କରିବା ଦିଗରେ ଆଇନ ସଚେତନତାର ଗୁରୁତ୍ୱ ଅପରିସୀମ । ଏହି ଉଦ୍ଦେଶ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ 'ସୁରକ୍ଷିତ ବଚପନ ଅଭିଯାନ' ଅନ୍ତର୍ଗତ 'ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ରେଳପୁରସ୍ଥିତ ବାପୁଜୀ ନୋଡାଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ତପନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଆଶିଷ କୁମାର ଦେ ସମ୍ମାନିତ ଅତିଥି ଏବଂ ଶିଶୁ ସୁରକ୍ଷା ଶାଖାର ସାମାଜିକ ଶିଶୁ ଆଇନ ଅଧିକାରୀ ସୁବ୍ରତ ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ପାରାଲିଗାଲ୍ କର୍ମୀ ଅନ୍ନପୂର୍ଣ୍ଣା ସାହୁ ସଭା ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ରଥ ନିଜ ବକ୍ତବ୍ୟରେ ଶିଶୁଙ୍କ ଅଧିକାରର ସୁରକ୍ଷା ଏବଂ ସେମାନଙ୍କୁ ଯୌନ ଅପରାଧରୁ ସୁରକ୍ଷିତ ରଖିବା ପାଇଁ ପ୍ରଚଳିତ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ । ଶିଶୁଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଶୋଷଣକୁ ରୋକିବା ସହ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ଦିଗରେ ଆଇନ ସଚେତନତାର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ବିଚାରପତି ଶ୍ରୀ ଦେ ଶିଶୁଙ୍କ ସୁରକ୍ଷା ନିମନ୍ତେ ରହିଥିବା କଠୋର ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ । ଅନ୍ୟପକ୍ଷରେ, ମୁଖ୍ୟ ବକ୍ତା ଶ୍ରୀ ଦାସ ପ୍ରତ୍ୟେକ ଶିଶୁ ନିଜର ଅଧିକାର ସମ୍ପର୍କରେ ସଚେତନ ହେବା ସହ ନିଜ ପ୍ରତି କିମ୍ବା ଅନ୍ୟ ଶିଶୁଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଶୋଷଣ ବିରୋଧରେ ସ୍ୱର ଉତୋଳନ କରିବା ଆବଶ୍ୟକ ବୋଲି କହିଥିଲେ । ଏଥିସହ ବିଦ୍ୟାଳୟ ଓ ଅଭିଭାବକମାନେ ମିଳିତ ଭାବେ ଶିଶୁଙ୍କ ପାଇଁ ଏକ ସୁରକ୍ଷିତ, ନିରାପଦ ଓ ଭୟମୁକ୍ତ ପରିବେଶ ଗଢ଼ି ତୋଳିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସରସ୍ୱତୀ ଖଣ୍ଡେଇଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନେ 'କାନୁନ ଜାଣ, ବଚପନ ବଚାଓ' ଏବଂ 'ଜାଗରୁକ ବଚପନ, ସଶକ୍ତ ଭାରତ' ଭଳି ସଚେତନତାମୂଳକ ସ୍ଲୋଗାନ ଦେଇ ଶିଶୁ ସୁରକ୍ଷାର ବାର୍ତ୍ତା ପ୍ରଚାର କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀ ଶିବାନୀ ତ୍ରିପାଠୀ ଓ ସରୋଜ ସେଠୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ଶେଷରେ ପ୍ରଧାନଶିକ୍ଷକ ତପନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ବାତ୍ୟା ପ୍ରଭାବରେ ଲଗାଣ ବର୍ଷା, ଧାନ ଓ ପନିପରିବା ଚାଷୀ କ୍ଷତିଗ୍ରସ୍ତ



ଖଣ୍ଡପଡ଼ା, ୨୮/୧୦ (ଆ.ପ୍ର) : ବାତ୍ୟା ପ୍ରଭାବରେ ମଙ୍ଗଳବାର ସକାଳୁ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଂଚଳରେ ତୁହାକୁ ତୁହା ବର୍ଷା ଲାଗି ରହିଛି । ଫଳରେ ଏକର ଏକର ଜମିରେ ପାଚିଲା ଧାନ ଫସଲ ପାଣିରେ ଭିଜୁଛି । ଲଘୁ ଧାନ ଚାଷ କରିଥିବା ଚାଷୀମାନେ ଲଗାଣ ବର୍ଷା ଯୋଗୁଁ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି । ସେହିପରି ପନିପରିବା ଫସଲ ମଧ୍ୟ ଅଦିନିଆ ବର୍ଷା ପ୍ରଭାବରେ ନଷ୍ଟ ହେବାକୁ ବସିଥିବାରୁ ଶୀତଦିନିଆ ପନିପରିବା ଚାଷ କରି ପରିବାରର ଗୁଜୁରାଣ ମେଂଟାଉ ଥିବା ଚାଷୀ ପରିବାରଗୁଡ଼ିକ ଏବେ ଚିନ୍ତାରେ ପଡି ଯାଇଥିବା ଜଣାପଡିଛି । ଚଳିତ ବର୍ଷ ମହାନଦୀରେ ବନ୍ୟା ପରିସ୍ଥିତି ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ମହାନଦୀ ତଟବର୍ତୀ ଅଂଚଳର ଚାଷୀମାନଙ୍କୁ ଆନୁସଙ୍ଗିକ ସରକାରୀ ସହାୟତା ଏବେ ବି ପ୍ରଦାନ କରାଯାଇ ନଥିବା ବେଳେ ପୁର୍ନବାର ବାତ୍ୟା ପ୍ରଭାବରେ ଲଗାଣ ବର୍ଷା ଚାଷୀମାନଙ୍କ ମେରୁଦଣ୍ଡ ଦୋହଲାଇ ଦେଉଛି । ଏକର ଏକର ଜମିରେ ଧାନ, ମକା, ଆଳୁ ଓ ପନପରିବା ଚାଷ ଉଜୁଡି ଯିବାର ଆଶଙ୍କା ପ୍ରକାଶ ପାଇଛି । ୨ ଥର ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ଖଣ୍ଡପଡ଼ା ଅଂଚଳର ଶହଶହ ଚାଷୀ ପରିବାର ଗୁଡ଼ିକୁ ତଳି ତଳାନ୍ତ କରି ଦେଇଥିବା ବେଳେ କ୍ଷତିଗ୍ରସ୍ତ ଚାଷୀ ପରିବାରଗୁଡ଼ିକୁ ତୁରନ୍ତ ଚିହ୍ନଟ କରି ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ଖଣ୍ଡପଡ଼ା ତହସିଲ ପ୍ରଶାସନ ଓ ରାଜସ୍ୱ ବିଭାଗ ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

ବାତ୍ୟା 'ଅର୍ଣ୍ଣବ' ମୁକାବିଲା ପ୍ରସ୍ତୁତିର ସମୀକ୍ଷା କଲେ ମନ୍ତ୍ରୀ ମୁକେଶ ମହାଲିଙ୍ଗ

ନୂଆପଡ଼ା, ୨୮/୧୦ (ଆ.ପ୍ର) : ବାତ୍ୟା 'ଅର୍ଣ୍ଣବ'ର ସମ୍ଭାବ୍ୟ ପ୍ରଭାବ ଓ ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପର ସମୀକ୍ଷା କରିଛନ୍ତି ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ । ନୂଆପଡ଼ା ସଦର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ସେ ପ୍ରସ୍ତୁତିର ସମୀକ୍ଷା କରିବା ସହ ଆଗାମୀ ଦୁଇ ଦିନ ସତର୍କ ରହିବା ଏବଂ ଆବଶ୍ୟକ ସ୍ଥଳେ ତୁରନ୍ତ ସହାୟତା ଯୋଗାଇଦେବାକୁ ଅଧିକାରୀମାନଙ୍କୁ ଆହ୍ୱାନ କରିଥିଲେ । ମନ୍ତ୍ରୀ ମହାଲିଙ୍ଗ ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ଦାୟିତ୍ୱରେ ଥିବାରୁ ପ୍ରତିକୂଳ ପରିସ୍ଥିତିର ସଫଳ ମୁକାବିଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ସଜାଗ ରହିବାକୁ କହିଥିଲେ । ପରେ ସେ ସଡ଼କ ପଥରେ ଖଡ଼ିଆଳ ଦେଇ କଳାହାଣ୍ଡି ଜିଲ୍ଲା ଗସ୍ତ କରିଥିଲେ । ଏହି ଅବସରରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ ହୋମ୍ ସିଂ ମାଝୀ, ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ଜିଲ୍ଲା ସଭାପତି କମଳେଶ ଦୀକ୍ଷିତ, ଖଡ଼ିଆଳ ରୋଡ୍ ନଗର ଅଧ୍ୟକ୍ଷା ଡଃ ସୋନିଆ ଜୈନଙ୍କ ସମେତ ପ୍ରଧାନ ପାଢ଼ୀ ଓ କ୍ଷୀରୋଦ ନିବାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ବନ୍ୟଜନ୍ତୁ ଚାଲାଣ ଖବରକୁ ନେଇ ଚର୍ଚ୍ଚା, ଗାଡ଼ି ଯାତ୍ରା କରୁଥିବା ଖବରକୁ ରେଞ୍ଜରଙ୍କ ଖଣ୍ଡନ

ବାସୁଦେବପୁର, ୨୮/୧୦ (ଆ.ପ୍ର) : ଧାମରାରୁ ବାଲେଶ୍ୱର ଅଭିମୁଖେ ବନ୍ୟଜନ୍ତୁ ଚାଲାଣ ହେଉଥିବା ନେଇ ଖବର ପାଇଥିଲା ବନ ବିଭାଗ । ଏହି ସୂଚନା ପରେ ତତ୍ପର ହୋଇଥିଲେ ବାସୁଦେବପୁର ରେଞ୍ଜର ଅତୁଲ୍ୟ ମହାନ୍ତି ଓ ବନ ବିଭାଗର କର୍ମଚାରୀ । ରାତି ପ୍ରାୟ ୧୧ଟା ସମୟରେ ପାଟ୍ରୋଲିଂରେ ବାହାରିଥିଲା ବନ ବିଭାଗର ଟିମ୍ । ତେବେ ପାଟ୍ରୋଲିଂ ସମୟରେ ଗୋଟିଏ ନିରାପଦ ସ୍ଥାନରେ ଗାଡ଼ି ଛିଡ଼ା ହୋଇଥିବାର କିଛି ବ୍ୟକ୍ତି ଫଟୋ ସୋସିଆଲ ମିଡିଆରେ ପୋଷ୍ଟ ହେବା ପରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ତେବେ ଏହି ଗାଡ଼ି ଯାତ୍ରାକୁ ଯାଇଥିବା ଖବର ମିଥ୍ୟା ବୋଲି ସ୍ପଷ୍ଟ କରିଛନ୍ତି ରେଞ୍ଜର ଅତୁଲ୍ୟ ମହାନ୍ତି । ବନ୍ୟଜନ୍ତୁ ଚାଲାଣ ରୋକିବାକୁ ବନ ବିଭାଗର ତତ୍ପରତା । ବିଶେଷ ସୂତ୍ରରୁ ଧାମରାରୁ ବାଲେଶ୍ୱର ଅଭିମୁଖେ ବନ୍ୟଜନ୍ତୁ ଚାଲାଣ ହେଉଥିବା ନେଇ ସୂଚନା ପାଇଥିଲେ ବାସୁଦେବପୁର ରେଞ୍ଜର ଅତୁଲ୍ୟ ମହାନ୍ତି । ଏହାପରେ ରେଞ୍ଜରଙ୍କ ସମେତ ବନ ବିଭାଗର କର୍ମଚାରୀମାନେ ରାତି ପ୍ରାୟ ୧୧ଟା ସମୟରେ ପାଟ୍ରୋଲିଂ ପାଇଁ ବାହାରିଥିଲେ ।ପାଟ୍ରୋଲିଂ ଶେଷ ହେବା ପରେ ଗୋଟିଏ ସ୍ଥାନରେ ଗାଡ଼ି ଛିଡ଼ା ହୋଇଥିବା ସମୟର ଫଟୋ କିଛି ବ୍ୟକ୍ତି ସୋସିଆଲ ମିଡିଆରେ ପୋଷ୍ଟ କରୁଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଗାଡ଼ିଟି ଯାତ୍ରାକୁ ଯାଇଥିବା ନେଇ ଯେଉଁ ଖବର ପ୍ରଚାର ହେଉଛି, ତାହା ମିଥ୍ୟା ବୋଲି କହିଛନ୍ତି ବାସୁଦେବପୁର ରେଞ୍ଜର ଅତୁଲ୍ୟ ମହାନ୍ତି ।

ବାତ୍ୟା 'ଅର୍ଣ୍ଣବ' ପ୍ରଭାବ: ୨୮ରେ ବାଲିଗୁଡା ଉପଖଣ୍ଡରେ ସମସ୍ତ ସ୍କୁଲ ଓ ଅଙ୍ଗନବାଡ଼ି ବନ୍ଦ

ବାଲିଗୁଡା, ୨୮/୧୦ (ଆ.ପ୍ର) : ସମ୍ଭାବ୍ୟ ପ୍ରବଳ ବର୍ଷା ଓ ସାମୁଦ୍ରିକ ଝଡ଼ 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି ବାଲିଗୁଡା ଉପଖଣ୍ଡରେ ୨୮ ତାରିଖ ବୁଧବାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିବ । ଏନେଇ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ୨୭ ଅକ୍ଟୋବର ୨୦୨୬ରେ ଜାରି ଆଦେଶ ନଂ. ୧୧୭୮/ଏମ୍‌ଜି ଅନୁଯାୟୀ ଏହି ନିଷ୍ପତି ନିଆଯାଇଛି । ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ, ଉପଖଣ୍ଡର ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ବନ୍ଦ ରହିବ । ଏଥିସହ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ମଧ୍ୟ ଛୁଟି ଘୋଷଣା କରାଯାଇଛି । ତେବେ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ରହିଲେ ମଧ୍ୟ ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ପାଇଁ ଏହି ନିର୍ଦ୍ଦେଶ ଲାଗୁ ହେବ ନାହିଁ । ସେମାନେ ନିଜ ନିଜ ବିଦ୍ୟାଳୟରେ ଉପସ୍ଥିତ ରହି ଦାୟିତ୍ୱ ସମ୍ପାଦନ କରିବେ ବୋଲି ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇଛି । ସମ୍ଭାବ୍ୟ ପ୍ରତିକୂଳ ପାଣିପାଗ ଯୋଗୁଁ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଜିଲ୍ଲା ପ୍ରଶାସନ ଏହି ପଦକ୍ଷେପ ଗ୍ରହଣ କରିଛି ।

ଖୋରଧା ଜିଲ୍ଲାର ୧୬୯ ଜଣ ତୀର୍ଥ ଯାତ୍ରୀ ଦ୍ୱିତୀୟ ପର୍ଯ୍ୟାୟରେ ବାରଣାସୀ ଓ ଅଯୋଧ୍ୟା ତୀର୍ଥ ଭ୍ରମଣରେ ଗଲେ

ଖୋରଧା, ୨୮/୧୦(ଆ.ପ୍ର) : ଖୋରଧା ସଦର ମହକୁମାସ୍ଥ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବର୍ଣ୍ଣାଢ଼୍ୟ ସମାରୋହରେ ଖୋରଧା ଉପଖଣ୍ଡର ୧୨୭ ଜଣ ତୀର୍ଥ ଯାତ୍ରୀଙ୍କ ବାରଣାସୀ ଅଯୋଧ୍ୟା ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭୂତିରେ କୁଶଳ ମଙ୍ଗଳରେ ଯାତ୍ରା ସଫଳ କରି ପ୍ରତ୍ୟାବର୍ତନ କରନ୍ତୁ ବୋଲି ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ପ୍ରଧାନ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ଯାତ୍ରାର ଶୁଭାରମ୍ଭ କରିଛନ୍ତି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ଉପ ସଭାପତି ଗୋପୀନାଥ ମହାରଣା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି କହିଲେ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଏକ ଅଭିନବ ଯୋଜନା ଅଟେ । ଏହି ଯୋଜନାରେ ବରିଷ୍ଠ ନାଗରିକ ମାନେ ରାଜ୍ୟ ବାହାରକୁ ତୀର୍ଥ ଭ୍ରମଣରେ ଯାଇ ପରିଣତ ବୟସରେ ସେମାନେ ଆଧ୍ୟାତ୍ମିକତାର ଦିବ୍ୟ ଅନୁଭୂତି ପାଇବା ସହ ଭକ୍ତି ଭାବ ଜାଗ୍ରତ ହୋଇ ନିଜ ପରିବାର, ସମାଜ, ଜିଲ୍ଲା, ରାଜ୍ୟ ତଥା ଭାରତ ବର୍ଷର ସୁଖ ସମୃଦ୍ଧି ମହାପ୍ରଭୁଙ୍କ ନିକଟରେ କାମନା କରନ୍ତୁ ବୋଲି ଆହ୍ୱାନ ଦେଇ ସେମାନଙ୍କ ଯାତ୍ରାର ମଙ୍ଗଳ କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉନ୍ନୟନ ଅଧିକାରୀ, ଖୋରଧା ସିଦ୍ଧାର୍ଥ ପଟ୍ଟନାୟକ ଯୋଗଦେଇ ସମସ୍ତ ଯାତ୍ରୀମାନଙ୍କ ମଙ୍ଗଳ କାମନା କରିଥିଲେ ଓ ଶେଷରେ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୁସ୍ମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟ ଅତିଥି, ସଭାପତି ଓ ସମ୍ମାନିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ମଂଚ ସଂଯୋଜନା ସିଆରସିସି ଶ୍ରୀକାନ୍ତ ନାୟକ ସମ୍ପାଦିତ କରିଥିଲେ । ସମସ୍ତ ତୀର୍ଥ ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଛଡା ଯାଇଥିଲା । ପରେ ତୀର୍ଥ ଯାତ୍ରୀମାନେ ୪ ଗୋଟି ବସରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲ୍ଲା ପରିଷଦ ଉପ ସଭାପତି ଗୋପୀନାଥ ମହାରଣା, ବ୍ଲକ୍ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୁସ୍ମିତା ପ୍ରଧାନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଆସିଷ୍ଟାଂଟ କଲେକ୍ଟର ରିଷବ୍ ତ୍ରିପାଠୀ ନଡ଼ିଆ ବାଡ଼େଇ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ଯାତ୍ରୀମାନେ ଆଜି ଭୁବନେଶ୍ୱରରେ ରାତ୍ରି ଯାପନ କରି ଆସନ୍ତା କାଲି ଭୁବନେଶ୍ୱର ଉପଖଣ୍ଡର ୪୨ ଜଣ ତୀର୍ଥ ଯାତ୍ରୀଙ୍କୁ ନେଇ ଖୋରଧା ଜିଲ୍ଲାର ୧୬୯ ଜଣ ତୀର୍ଥ ଯାତ୍ରୀ ଷଷ୍ଠ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଟ୍ରେନ୍ ଶୁଭାରମ୍ଭରେ ଖୋରଧା, ପୁରୀ, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା ଏବଂ ଢେଙ୍କାନାଳ ଜିଲ୍ଲାର ତୀର୍ଥ ଯାତ୍ରୀମାନଙ୍କ ସହ ସାମିଲ ହୋଇ ଏକ ସ୍ୱତନ୍ତ୍ର ଟ୍ରେନରେ ବାରଣାସୀ ଅଯୋଧ୍ୟା ଜାତ୍ରା କରିବେ । ଖୋରଧା ଜିଲ୍ଲାର ୧୬୯ ଜଣ ତୀର୍ଥ ଯାତ୍ରୀମାନଙ୍କ ସୁଖଦ ଯିବା ଆସିବା ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱଦେଶ ବିଶ୍ୱାଳଙ୍କ ନେତୃତ୍ୱରେ ନିବାସ ନାୟକ, ଅରବିନ୍ଦ ନାୟକ, ସଂଗ୍ରାମ କେଶରୀ ଦାସ, ପଦ୍ମନାଭ ପ୍ରଧାନ ଏବଂ ପଦ୍ମନାଭ ମହାପାତ୍ରଙ୍କୁ ନେଇ ୬ ଜଣ ଏସ୍କର୍ଟ ଅଫିସରଙ୍କୁ ନିଯୁକ୍ତି କରାଯାଇଅଛି ।

ଏନଏସି ତରଫରୁ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବୃଦ୍ଧା ବୃଦ୍ଧଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର

ଜି.ଉଦୟଗିରି, ୨୮/୧୦ (ଆ.ପ୍ର) : ବାତ୍ୟା ଅର୍ଣ୍ଣବର ପ୍ରଭାବ କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ଦେଖିବାକୁ ମିଳିଛି । ୨୭ ତାରିଖ ସକାଳ ଠାରୁ ବର୍ଷା ଆରମ୍ଭ ହୋଇଥିବା ବେଳେ ରାତି ୧୦ ଘଂଟିକା ଠାରୁ ୨୮ ତାରିଖ ଦିନ ତମାମ ଅହରହ ବର୍ଷା ଲାଗିରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି ରେ ସର୍ବାଧିକ ୬୮.୪୦ ମି.ମି ବର୍ଷା ହୋଇଥିବା ରେକର୍ଡ଼ ହୋଇଛି । ବାତ୍ୟା ଯୋଗୁଁ ବର୍ଷା ସ୍ଥିତି ଦେଖି ସ୍ଥାନୀୟ ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଷଦ ଅନ୍ତର୍ଗତ ସମସ୍ତ ୱାର୍ଡ଼ରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବୃଦ୍ଧା ବୃଦ୍ଧଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ କରାଯାଇଥିବା ବାତ୍ୟା ଆଶ୍ରୟସ୍ଥଳରେ ରଖାଯାଇଛି । ନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ୱାର୍ଡ଼ ଅଫିସର ନିଜ ନିଜ ୱାର୍ଡ଼ ବୁଲି ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଲୋକଙ୍କ ତଥ୍ୟ ସଂଗ୍ରହ କରିଥିଲେ । ବୁଧବାର ସକାଳ ୧୦ ଘଂଟିକା ଠାରୁ ବାତ୍ୟା ପରିଚାଳନା ନୋଡାଲ ଅଫିସର ତଥା ସହକାରୀ ଯନ୍ତ୍ରୀ ସସ୍ମିତା ବେହେରାଙ୍କ ନେତୃତ୍ୱରେ ୱାର୍ଡ଼ ନମ୍ବର ୧ ରୁ ୭ ଜଣ, ୱାର୍ଡ଼ ନମ୍ବର ୨ରୁ ୩ଜଣ, ୱାର୍ଡ଼ ନମ୍ବର ୪ରୁ ୫ଜଣ, ୱାର୍ଡ଼ ନମ୍ବର ୬ରୁ ୨ଜଣ, ୱାର୍ଡ଼ ନମ୍ବର ୮ରୁ ୧, ୱାର୍ଡ଼ ନମ୍ବର ୧୧ ରୁ ୪ ଜଣ, ୱାର୍ଡ଼ ନମ୍ବର ୧୨ରୁ ୧, ୱାର୍ଡ଼ ନମ୍ବର ୧୩ ରୁ ୨ ଜଣଙ୍କୁ ମିଶାଇ ସମୁଦାୟ ୨୫ ଜଣଙ୍କୁ ଉଦ୍ଧାର କରାଯାଇଛି । ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏହି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହି ନିଜନିଜ ଦାୟିତ୍ୱ ନିର୍ବାହ କରିଥିଲେ । ଆଶ୍ରୟ ସ୍ଥଳରେ ଥିବା ସମସ୍ତଙ୍କ ପାଇଁ ଖାଇବା ପିଇବା ବ୍ୟବସ୍ଥା କରାଯାଇଛି । ବର୍ଷା ଛାଡ଼ିବା ପରେ ସେମାନେ ରହୁଥିବା ଘରର ପରିସ୍ଥିତି ଦେଖି ସେମାନଙ୍କୁ ଛଡ଼ା ଯିବ ବୋଲି ସୂଚନା ମିଳିଛି ।

ବାତ୍ୟା 'ଅର୍ଣ୍ଣବ' ମୁକାବିଲାରେ ପ୍ରଶାସନର ତତ୍ପରତା, ହରଭଙ୍ଗୀ ଜଳଭଣ୍ଡାରରୁ ଜଳ ନିଷ୍କାସନ : ବଡ଼ନାଳକୁ ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ କରିବାକୁ ପ୍ରତିଶ୍ରୁତି

ଗୁଣପୁର, ୨୮/୧୦ (ଆ.ପ୍ର) : ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି ରାୟଗଡ଼ା ଜିଲ୍ଲାରେ ଧନଜୀବନ ସୁରକ୍ଷା ଓ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ବାତ୍ୟାଜନିତ ବର୍ଷା ଓ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ନଜରରେ ରଖି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଜିଲ୍ଲାର ବିଭିନ୍ନ ଅଂଚଳ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ଅନ୍ୟପଟେ ହରଭଙ୍ଗୀ ଜଳଭଣ୍ଡାରରୁ ମଙ୍ଗଳବାର ଅପରାହ୍ନରେ ଜଳ ନିଷ୍କାସନ କରାଯାଇଥିବାରୁ ନଦୀକୂଳିଆ ଅଂଚଳରେ ସତର୍କତା ଅବଲମ୍ବନ କରାଯାଇଛି । ପଦ୍ମପୁର ବ୍ଲକର ଜୟପଙ୍ଗାଠାରେ ଥିବା ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ଉପମୁଖ୍ୟମନ୍ତ୍ରୀ ଆଶ୍ରୟ ନେଇଥିବା ଲୋକଙ୍କ ଖାଦ୍ୟପେୟ ଓ ଅନ୍ୟାନ୍ୟ ମୌଳିକ ସୁବିଧା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ବିପଦସଙ୍କୁଳ ଘରେ ରହୁଥିବା ପରିବାରଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ନେବା ସହ ଆଶ୍ରୟସ୍ଥଳରେ ଆବଶ୍ୟକ ସୁବିଧା ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ପ୍ରଶାସନ ପକ୍ଷରୁ ଲୋକଙ୍କୁ ସହାୟତା ଯୋଗାଇଦେବା ସହ ବାତ୍ୟା ପରିସ୍ଥିତି ଉପରେ ନଜର ରଖାଯାଉଛି । ଏହି ଗସ୍ତ ସମୟରେ ଉପମୁଖ୍ୟମନ୍ତ୍ରୀ କେନ୍ଦୁଗୁଡ଼ା ଜଳଭଣ୍ଡାର ବା ବଡ଼ନାଳ ପରିଦର୍ଶନ କରିଥିଲେ । ଜଳଭଣ୍ଡାରର ଜଳରାଶି ଓ ଚାରିପାଖର ପ୍ରାକୃତିକ ପରିବେଶ ଦେଖି ସେ ଖୁସି ପ୍ରକାଶ କରିଥିବା ଜଣାପଡ଼ିଛି । ଏହି ଅଂଚଳର ପର୍ଯ୍ୟଟନ ସମ୍ଭାବନାକୁ ଆଗକୁ ନେବା ସହ ବଡ଼ନାଳକୁ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ନେଇ ସେ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି । ଏହାଦ୍ୱାରା ଅଂଚଳର ପ୍ରାକୃତିକ ସୌନ୍ଦର୍ଯ୍ୟର ପ୍ରଚାରପ୍ରସାର ସହ ସ୍ଥାନୀୟ ଅର୍ଥନୀତି ଓ ପର୍ଯ୍ୟଟନର ବିକାଶ ପାଇଁ ନୂଆ ସୁଯୋଗ ସୃଷ୍ଟି ହୋଇପାରିବ । ଅନ୍ୟପଟେ, ଗଜପତି ଜିଲ୍ଲାର ହରଭଙ୍ଗୀ ଜଳଭଣ୍ଡାରରୁ ମଙ୍ଗଳବାର ଅପରାହ୍ନ ୧ଟା ୪୫ ମିନିଟ୍‌ରେ ୫ ଓ ୬ ନମ୍ବର ରେଡିଆଲ୍ ଗେଟ୍ ଖୋଲାଯାଇ ଜଳ ନିଷ୍କାସନ କରାଯାଇଛି । ଗେଟ୍ ଖୋଲିବା ପୂର୍ବରୁ ପ୍ରତି ୧୫ ମିନିଟ୍ ବ୍ୟବଧାନରେ ଚାରିଥର ସାଇରନ୍ ବଜାଇ ଲୋକଙ୍କୁ ସତର୍କ କରାଯାଇଥିଲା । ଜଳସେଚନ ବିଭାଗର ସୂଚନା ଅନୁଯାୟୀ, ଗେଟ୍ ଗୁଡ଼ିକୁ ଏକ ମିଟର ଉଚ୍ଚତା ପର୍ଯ୍ୟନ୍ତ ଖୋଲାଯାଇଥିଲା । ସେହି ସମୟରେ ଜଳଭଣ୍ଡାରର ଜଳସ୍ତର ୩୮୬.୩୦ ମିଟର ରହିଥିବାବେଳେ ଜଳ ପ୍ରବେଶର ପରିମାଣ ପ୍ରତି ସେକେଣ୍ଡରେ ୬୯୬.୩୧୨ ଘନମିଟର ଏବଂ ନିଷ୍କାସନର ପରିମାଣ ପ୍ରତି ସେକେଣ୍ଡରେ ୨୦୩.୪୫୫ ଘନମିଟର ରେକର୍ଡ କରାଯାଇଥିଲା । ବିଭାଗର ଆକଳନ ଅନୁସାରେ, ଏହି ଜଳ ନିଷ୍କାସନ ଯୋଗୁଁ ନଦୀର ଜଳସ୍ତର ବିପଦ ସଙ୍କେତ ଅତିକ୍ରମ କରିବାର ଆଶଙ୍କା ନାହିଁ । ତଥାପି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ନିକଟବର୍ତୀ ବିପଦସଙ୍କୁଳ ଜନବସତିଗୁଡ଼ିକୁ ସଜାଗ ରଖାଯାଇଛି । ଏଥିସହ ପଦ୍ମପୁର, ରାମନାଗୁଡ଼ା ଓ ଗୁଣପୁର ବ୍ଲକର ବିଡିଓ ଏବଂ ତହସିଲଦାରଙ୍କୁ ସତର୍କ କରାଯାଇଛି । ସମ୍ପୃକ୍ତ ଅଧିକାରୀମାନେ ପରିସ୍ଥିତି ଉପରେ ନଜର ରଖିବା ସହ ଆବଶ୍ୟକ ପଡ଼ିଲେ ନଦୀକୂଳିଆ ଅଂଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତୁତ ରହିଛନ୍ତି । ବାତ୍ୟାଜନିତ ପରିସ୍ଥିତିରେ ଜନସାଧାରଣଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବା ସହ ନଦୀ ଓ ଜଳଭଣ୍ଡାରର ଜଳସ୍ତର ଉପରେ ନିରନ୍ତର ନଜର ରଖିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଅନ୍ୟପଟେ ବଡ଼ନାଳକୁ ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ କରିବାର ପ୍ରସ୍ତାବ ସ୍ଥାନୀୟ ଅଂଚଳର ପର୍ଯ୍ୟଟନ ସମ୍ଭାବନାକୁ ନୂଆ ଦିଗ ଦେବ ବୋଲି ଆଶା ପ୍ରକାଶ ପାଇଛି ।

ସେଇଥୁ ଆରମ୍ଭ
SEITHO ARAMBHA

ଗୁରୁବାର, ୨୯ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଏସିଆନ୍ ପାରା ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ନୀରଜଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୨୮/୧୦(ନ୍ୟୁ.ଏ): ଦେଶ ଜଣେ ସୁନା ପୁଅକୁ ହରାଇଛି । ଏସିଆନ ପାରା ଗେମ୍ସରେ ଦେଶ ପାଇଁ ୩ଥର ସ୍ୱର୍ଣ୍ଣ ପଦକ ଜିତିଥିବା ନୀରଜ ଯାଦବ ଆଉ ନାହାନ୍ତି । ଆଜି ତାଙ୍କ ମୃତଦେହକୁ ଦିଲ୍ଲୀ ସ୍ଥିତ ଘର ଭିତରୁ ଉଦ୍ଧାର କରାଯାଇଛି । ସେ ବିଷ ପିଇ ଜୀବନ ହାରିଥିବା କୁହାଯାଉଛି । ତଥାପି ଏହାର ପ୍ରକୃତ କାରଣ ପାଇଁ ନୀରଜଙ୍କ ମୃତ ଦେହକୁ ଦିଲ୍ଲୀର ଗୋଟିଏ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଭାରତୀୟ ପାରା ଆଥଲେଟିକ୍ସ ଟିମର ମୁଖ୍ୟ କୋଚ୍ ଏସ୍ ସତ୍ୟନାରାୟଣ ଘଟଣାକୁ ନିଶ୍ଚିତ କରିଛନ୍ତି । ସେ ନୀରଜଙ୍କ ମୃତ୍ୟୁ ଖବର ପାଇ ପୂରା ସ୍ତବ୍ଧ ହୋଇ ଯାଇଥିବା କହିଛନ୍ତି । ତାଙ୍କ କହିବା କଥା ଯେ ନୀରଜ ଆତ୍ମହତ୍ୟା କରିଛନ୍ତି । ତାଙ୍କ ଭଳି ଜଣେ ଆଥଲେଟ୍ ଏପରି ଚରମ ପଦକ୍ଷେପ ନେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ୪୨ ବର୍ଷୀୟ ନୀରଜ ଯାଦବ ଏଫ୫୫ ବର୍ଗରେ ୩ଥର ସଫଳତା ସାଉଁଟିଥିଲେ । ଚଳିତ ବର୍ଷ ଜାପାନରେ ଅନୁଷ୍ଠିତ ଏସିଆନ ପାରା ଗେମ୍ସରେ ସେ ଭାଗ ନେବାରୁ ବଂଚିତ ହେବାରୁ ମାନସିକ ଚାପରେ ରହିଥିଲେ । ଏସିଆନ ଗେମ୍ସ ପୂର୍ବରୁ ହୋଇଥିବା ଡୋପିଂ ଟେଷ୍ଟରେ ନୀରଜ ବିଫଳ ହେବାରୁ ଜାପାନ ଯାଇ ପାରି ନଥିଲେ । ସମ୍ଭବତଃ ଏହି ମାନସିକ ଚାପ ଯୋଗୁ ସେ ବିଷ ପିଇ ଦେଇଥିବା କୁହାଯାଉଛି । ତଥାପି ଏ ସମ୍ପର୍କରେ କିଛି ବି ସ୍ପଷ୍ଟ ହୋଇନି । ଦେଶର ଜଣେ ପ୍ରତିଷ୍ଠିତ ଆଥଲେଟ ଭାବେ ନୀରଜ ଯାଦବ ବେଶ ପରିଚିତ । ୨୦୧୮ ଏସିଆନ ପାରା ଗେମ୍ସର ଜାଭେଲିନରେ ନୀରଜ ସ୍ୱର୍ଣ୍ଣ ଜିତିଥିଲେ । ଏହାପରେ ୨୦୨୩ରେ ଜାଭେଲିନ ଓ ଡିସକସ୍ ଥ୍ରୋରେ ମଧ୍ୟ ତାଙ୍କୁ ସ୍ୱର୍ଣ୍ଣିମ ସଫଳତା ମିଳିଥିଲା । ମାତ୍ର ୭ ବର୍ଷ ବୟସରୁ ପୋଲିଓ ଜନିତ ସମସ୍ୟାରେ ପଡ଼ିଥିବା ନୀରଜ ପ୍ରଥମେ ହ୍ୱିଲଚେୟାର ଟେନିସ ପ୍ରତି ମନ ବଳାଇଥିଲେ । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ସେ ପାରା ଆଥଲେଟିକ୍ସ ଆଡ଼କୁ ଯାଇଥିଲେ । ଆଉ ପାରା ଆଥଲେଟିକ୍ସରେ ସେ ଦେଶ ପାଇଁ ଅନେକ ସଫଳତା ସାଉଁଟି ଥିଲେ ।

ମନଦୀପଙ୍କ ହ୍ୟାଟ୍ରିକ୍: ବାଂଲାଦେଶକୁ ୧୩-୦ରେ ହରାଇଲା ଭାରତ

ଜଳନ୍ଧର, ୨୮/୧୦(ନ୍ୟୁ.ଏ): ବାଂଲାଦେଶ ବିପକ୍ଷରେ ୧୩-୦ର ଏକ ବିଶାଳ ବିଜୟ ସହ ଏସୀୟ ଚାମ୍ପିଅନ୍ସ ଟ୍ରଫିରେ ନିଜର ଅଭିଯାନ ଆରମ୍ଭ କରିଛି ଭାରତ । ସ୍ଥାନୀୟ ସୁରଜିତ ସିଂହ ହକି ଷ୍ଟାଡିୟମରେ ମଙ୍ଗଳବାର ସଂଧ୍ୟାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବର୍ତ୍ତମାନର ଚାମ୍ପିଅନ ଭାରତୀୟ ଦଳ ଆଗରେ ବାଂଲାଦେଶ ବେଶ୍ ଦୁର୍ବଳ ପ୍ରତିଦ୍ୱନ୍ଦ୍ୱୀ ସାବ୍ୟସ୍ତ ହୋଇଥିଲା । ଭାରତ ପ୍ରଥମ କ୍ୱାର୍ଟରରେ ୪ ଗୋଲ୍ ଦେଇଥିବାବେଳେ ଦ୍ୱିତୀୟରେ ୨, ତୃତୀୟରେ ୩ ଓ ଚତୁର୍ଥ କ୍ୱାର୍ଟରରେ ପୁନର୍ବାର ୪ ଗୋଲ୍ ସ୍କୋର କରିଥିଲା । ଦଳ ପକ୍ଷରୁ ମନଦୀପ ସିଂହ ହ୍ୟାଟ୍ରିକ୍ ଗୋଲ୍ ସ୍କୋର କରିଥିବାବେଳେ ଅଧିନାୟକ ହର୍ମନପ୍ରୀତ ସିଂହ, ଉପଅଧିନାୟକ ହାର୍ଦ୍ଦିକ ସିଂହ ଓ ଦୀଲପ୍ରୀତ ସିଂହ ଦୁଇଟି ଲେଖାଏଁ ଗୋଲ୍ କରିଥିଲେ । ସେହିଭଳି ଓଡ଼ିଶା ଖେଳାଳି ଶିଳାନନ୍ଦ ଲାକ୍ରା ଏବଂ ଅଭିଷେକ ନାଇନ, ନୀଳକାନ୍ତ ଶର୍ମା ଓ ଯୁଗରାଜ ସିଂହ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ । ଭାରତ ନିଜର ପରବର୍ତ୍ତୀ ମ୍ୟାଚ୍‌ରେ ଆସନ୍ତା ଗୁରୁବାର ଚୀନକୁ ଭେଟିବ । ଏହା ପୂର୍ବରୁ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ୍‌ରେ ମାଲେସିଆ ୫-୪ ଗୋଲ୍‌ରେ ଚୀନକୁ ପରାସ୍ତ କରି ନିଜର ବିଜୟ ଅଭିଯାନ ଆରମ୍ଭ କରିଥିଲା । ମାଲେସିଆ ପକ୍ଷରୁ ଅବୁ କମାଲ ଅଜରାଇ ଦୁଇଟି ଫିଲ୍ଡ ଗୋଲ୍ ସ୍କୋର କରିଥିଲେ । ଦ୍ୱିତୀୟ ମ୍ୟାଚ୍‌ରେ ଜାପାନ ୩-୨ ଗୋଲ୍‌ରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା ।

ଟାଟା ଗ୍ରୁପ୍‌କୁ ଜାଣିଶୁଣି ନଷ୍ଟ କରାଯାଉଛି: ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ: ଦେଶର ପ୍ରମୁଖ ଶିଳ୍ପ ସଂସ୍ଥା ଟାଟା ଗ୍ରୁପ୍‌କୁ ଜାଣିଶୁଣି ନଷ୍ଟ କରାଯାଉଛି । ଏହାକୁ ନେଇ ଦେଶର କୌଣସି ବଡ଼ ଶିଳ୍ପପତି ମୁହଁ ଖୋଲୁନାହାନ୍ତି । ଏଭଳି ଅଭିଯୋଗ ଆଣିଛନ୍ତି କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । ଦେଶର ବ୍ୟବସାୟ ଜଗତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହ ମନ୍ତ୍ରୀ ଅମିତ ଶାହଙ୍କ ବ୍ୟକ୍ତିଗତ ସମ୍ପତି ନୁହେଁ ବୋଲି ସେ କହିଛନ୍ତି ।ବୁଧବାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ''ଏକ୍ସ''ରେ ଏକ ପୋଷ୍ଟ କରି ରାହୁଲ କହିଛନ୍ତି, ଟାଟା ଗ୍ରୁପ୍‌କୁ ନଷ୍ଟ କରାଯାଉଛି ଏବଂ ଏହା ବିରୋଧରେ କୌଣସି ଶିଳ୍ପପତି କିଛି କହିବାକୁ ସାହସ କରୁନାହାନ୍ତି । ଶିଳ୍ପପତିମାନେ କେତେ ଦିନ ଚୁପ୍ ରହିବେ ବୋଲି ସେ ପ୍ରଶ୍ନ କରିଛନ୍ତି । ଏହି ଘଟଣାରେ ନ୍ୟାୟ ନିଶ୍ଚିତ କରିବାକୁ ସେ ଉଦ୍ୟମ କରିବେ ବୋଲି କହିଛନ୍ତି । ଟାଟା ଗ୍ରୁପ୍‌ର ମୂଳ କମ୍ପାନି ଟାଟା ସନ୍ସର ନେତୃତ୍ୱକୁ ନେଇ ଦେଖାଦେଇଥିବା ବିବାଦ ପରେ ରାହୁଲ ଏହି ମନ୍ତବ୍ୟ ଦେଇଛନ୍ତି । ଟାଟା ଟ୍ରଷ୍ଟସର ଅଧ୍ୟକ୍ଷ ନୋଏଲ ଟାଟା, ଟାଟା ସନ୍ସର ଅଧ୍ୟକ୍ଷ ଏନ ଚନ୍ଦ୍ରଶେଖରନଙ୍କୁ ପୁନର୍ବାର ଏହି ପଦରେ ନିଯୁକ୍ତି ଦେବା ନିଷ୍ପତିକୁ ନେଇ ଆପତି ଉଠାଇଛନ୍ତି । ସେପ୍ଟେମ୍ବର ୧୭ରେ ଟାଟା ସନ୍ସର ବୋର୍ଡ ବୈଠକରେ ଏହି ନିଷ୍ପତି ହୋଇଥିଲା । ନୋଏଲ ଟାଟାଙ୍କ ଅଭିଯୋଗ ଅନୁସାରେ, ଚନ୍ଦ୍ରଶେଖରନଙ୍କ ପୁନଃନିଯୁକ୍ତି ପ୍ରସ୍ତାବ ବୈଠକର ଏଜେଣ୍ଡାରେ ସ୍ପଷ୍ଟ ଭାବେ ଉଲ୍ଲେଖ ନଥିଲା । ଏଥିସହ ନିଯୁକ୍ତି ପ୍ରକ୍ରିୟାରେ ଆବଶ୍ୟକ ନିୟମ ପାଳନ କରାଯାଇନଥିବା ଏବଂ ନିଷ୍ପତି ସମ୍ପର୍କିତ ଆବଶ୍ୟକ ଦସ୍ତାବିଜ୍ ତାଙ୍କୁ ଦିଆଯାଇନଥିବା ସେ ଦର୍ଶାଇଛନ୍ତି । ଏହି ନିଷ୍ପତିର ବୈଧତା ଉପରେ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି । ନୋଏଲ ଟାଟା ବୈଠକର ଅଡିଓ ଓ ଭିଡିଓ ରେକର୍ଡିଂ, ବୃତ୍ତାନ୍ତ ବୈଠକ ବିବରଣୀ ଓ ନିଷ୍ପତିର ନକଲ ମାଗିଛନ୍ତି । ଏହି ଦସ୍ତାବିଜ୍ ଓ ଅନ୍ୟାନ୍ୟ ତଥ୍ୟ ସାତ ଦିନ ମଧ୍ୟରେ ଦେବାକୁ ସେ ଟାଟା ସନ୍ସକୁ ଅନୁରୋଧ କରିଛନ୍ତି । ଟାଟା ସନ୍ସର ନେତୃତ୍ୱକୁ ନେଇ ଦେଖାଦେଇଥିବା ଏହି ବିବାଦ ଏବେ କର୍ପୋରେଟ୍ ଜଗତ ସହ ରାଜନୈତିକ କ୍ଷେତ୍ରରେ ମଧ୍ୟ ଚର୍ଚ୍ଚାର ବିଷୟ ହୋଇଛି । ତେବେ ରାହୁଲ ଗାନ୍ଧୀଙ୍କ ଅଭିଯୋଗ ଉପରେ କେନ୍ଦ୍ର ସରକାର କିମ୍ବା ଟାଟା ଗ୍ରୁପ୍ ପକ୍ଷରୁ ତତ୍କାଳ କୌଣସି ପ୍ରତିକ୍ରିୟା ମିଳିନାହିଁ ।

ବିଧାନ ପରିଷଦ ନିର୍ବାଚନ ଫଳାଫଳ: ୪ ରାଜ୍ୟରେ କଂଗ୍ରେସକୁ ବଡ଼ ଝଟ୍‌କା

ନୂଆଦିଲ୍ଲୀ, ୨୮/୧୦(ନ୍ୟୁ.ଏ): ବିଧାନସଭା ପରିଷଦ ନିର୍ବାଚନରେ ବୁଧବାର କଂଗ୍ରେସକୁ ବଡ଼ ଝଟକା ଲାଗିଛି, କର୍ଣ୍ଣାଟକ, ଉତର ପ୍ରଦେଶ, ବିହାର ଓ ମହାରାଷ୍ଟ୍ରରେ ଏପର୍ଯ୍ୟନ୍ତ ଘୋଷିତ ଆସନରେ ବିଜୟ ହାସଲ କରିବାରେ ବିଫଳ ହୋଇଛି, ଯଦିଓ ଅନେକ ଆସନରେ ଗଣନା ଜାରି ରହିଛି । କର୍ଣ୍ଣାଟକରେ ବିଜେପି-ଜେଡି(ଏସ୍) ମେଂଟ ସମସ୍ତ ଚାରୋଟି ଆସନରେ ବିଜୟୀ ହୋଇଛି, ଯେଉଁଠାରେ ରାଜ୍ୟ ବିଧାନସଭାରେ ସଂଖ୍ୟାଗରିଷ୍ଠତା ସତ୍ତ୍ୱେ ଶାସକ କଂଗ୍ରେସ ଗୋଟିଏ ଆସନ ମଧ୍ୟ ହରାଇଛି । ବିଜେପି ତିନୋଟି ନିର୍ବାଚନମଣ୍ଡଳୀ ବଜାୟ ରଖିଥିବାବେଳେ ଜେଡି(ଏସ୍) କଂଗ୍ରେସଠାରୁ ବେଙ୍ଗାଲୁରୁ ଶିକ୍ଷକ ଆସନ ଛଡ଼ାଇ ନେଇଛି । ଉତର ପ୍ରଦେଶରେ ବିଜେପି ଓ ସମାଜବାଦୀ ପାର୍ଟି (ଏସ୍‌ପି) ବିଜୟ ହାସଲ କରିଛନ୍ତି । ବିହାରରେ ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି କଂଗ୍ରେସକୁ ପରାସ୍ତ କରି ବିଧାନ ପରିଷଦ ଖାତା ଖୋଲିଥିଲା । ବିହାରରେ ମଧ୍ୟ ଆରଜେଡି ବିଜୟ ହାସଲ କରିଥିଲା, ପାଟନା ଶିକ୍ଷକ ଆସନ ବିଜେପିଠାରୁ ଛଡ଼ାଇ ନେଇଥିଲା । ଅକ୍ଟୋବର ୨୩ ତାରିଖରେ ମତଦାନ ପରେ ମଙ୍ଗଳବାର ଉତର ପ୍ରଦେଶ (୧୧), ବିହାର (୮), ମହାରାଷ୍ଟ୍ର (୫) ଓ କର୍ଣ୍ଣାଟକ (୪) ରେ ୨୮ ଟି ବିଧାନସଭା ପରିଷଦ ଆସନ ପାଇଁ ଗଣନା ଆରମ୍ଭ ହୋଇଛି । ସ୍ନାତକ ଓ ଶିକ୍ଷକ ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା, ଅନେକ ଆସନରେ ଫଳାଫଳ ଘୋଷଣା କରାଯାଇଛି ଓ ଅନ୍ୟ ଆସନରେ ଗଣନା ଜାରି ରହିଛି । କର୍ଣ୍ଣାଟକର ସମସ୍ତ ଚାରୋଟି ବିଧାନସଭା ପରିଷଦ ଆସନରେ ବିଜେପି-ଜେଡି(ଏସ୍) ମେଂଟ ବିଜୟୀ ହେବା ଶାସକ କଂଗ୍ରେସ ପାଇଁ ଏକ ବଡ଼ ଝଟ୍‌କା ହୋଇଛି । ବିଜେପି ଏହି ବିଜୟକୁ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ତାଚ୍ଛଲ୍ୟ କରିବା ପାଇଁ ବ୍ୟବହାର କରିଛି । ଦଳର କର୍ଣ୍ଣାଟକ ୟୁନିଟ୍ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ରେ ଲେଖିଥିଲା, 'ଡିକେ, ସରିଗଲା ଭାଇ!' ଏମ୍‌ଏଲ୍‌ସି ନିର୍ବାଚନରେ ସମସ୍ତ ୪ ଶିକ୍ଷକ ଓ ସ୍ନାତକ ଆସନରେ ଏନ୍‌ଡିଏ ଜିତିଛି । ବିଜେପି ମୁଖ୍ୟମନ୍ତ୍ରୀ ମୁଣ୍ଡରେ ଗେଣ୍ଡୁ ଫୁଲ ପିନ୍ଧିଥିବା ଏକ ପୁରୁଣା ଫଟୋ ମଧ୍ୟ ପୋଷ୍ଟ କରିଛି । ଫଟୋଟି ଫେବ୍ରୁଆରି ୨୦୨୩ର । ସେହି ସମୟରେ ଡିକେ ଶିବକୁମାର ବିରୋଧୀ ଦଳରେ ଥିଲେ ଓ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ଦ୍ୱାରା ଉପସ୍ଥାପିତ ରାଜ୍ୟ ବଜେଟ୍ ବିରୋଧରେ ବିଧାନସଭା ଭିତରେ ଏକ ଅନନ୍ୟ ପ୍ରତିବାଦ କରିଥିଲେ । ଏହି ଫଟୋ ବ୍ୟବହାର କରି ବିଜେପି କଂଗ୍ରେସ ନେତାମାନଙ୍କୁ ଆକ୍ଷେପ କରିଛି ଓ କ୍ଷମତାକୁ ଆସିବା ପରେ ମଧ୍ୟ ସେମାନଙ୍କର ପରିସ୍ଥିତି ସମାନ ରହିଛି ବୋଲି କହିଛି ।

ଇନ୍‌ଷ୍ଟାଗ୍ରାମ୍‌ରେ ସରକାର ବିରୋଧୀ ମତ ଦମନ ଅଭିଯୋଗ, କେନ୍ଦ୍ରକୁ ଘେରିଲେ ଅଭିଜିତ ଦୀପ୍‌କେ

ନୂଆଦିଲ୍ଲୀ, ୨୮/୧୦(ନ୍ୟୁ.ଏ): ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମ୍‌ରେ ସରକାରଙ୍କୁ ସମାଲୋଚନା କରୁଥିବା ପୋଷ୍ଟ ଓ ଆକାଉଂଟ ହଟାଯାଉଥିବା ଅଭିଯୋଗକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି । କକ୍ରୋଚ ଜନତା ପାର୍ଟି (ସିଜେପି)ର ପ୍ରତିଷ୍ଠାତା ଅଭିଜିତ ଦୀପ୍‌କେ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି । ସରକାରଙ୍କୁ ପ୍ରଶ୍ନ କରୁଥିବା ଲୋକଙ୍କ ମତକୁ ରୋକିଦେଲେ ସେମାନଙ୍କ ସମସ୍ୟାର ସମାଧାନ ହେବନାହିଁ ବୋଲି ସେ କହିଛନ୍ତି । ବୁଧବାର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି ଦୀପ୍‌କେ ଅଭିଯୋଗ କରିଛନ୍ତି ଯେ, ପ୍ରତିଦିନ ହଜାର ହଜାର ପୋଷ୍ଟ ଓ ଆକାଉଂଟ ହଟାଯାଉଛି । ଲୋକେ ଇନ୍‌ଷ୍ଟାଗ୍ରାମ୍ ଭଳି ମାଧ୍ୟମରେ ନିଜର ପ୍ରଶ୍ନ ଉଠାଉଛନ୍ତି । କିନ୍ତୁ ସେହି ପ୍ରଶ୍ନ ପଛରେ ଥିବା ପ୍ରକୃତ ସମସ୍ୟାଗୁଡ଼ିକ କେବଳ ପୋଷ୍ଟ ହଟାଇଦେଲେ ଦୂର ହୋଇଯିବ ନାହିଁ । ଏଭଳି ପଦକ୍ଷେପ ସରକାରଙ୍କ ଉପରେ ଲୋକଙ୍କ ଅବିଶ୍ୱାସକୁ ଅଧିକ ବୃଦ୍ଧି କରିବ ବୋଲି ସେ ଚେତାଇଛନ୍ତି । ସିଜେପିର ଅନ୍ୟ ଜଣେ ସଦସ୍ୟ ଆଶୁତୋଷ ରାଜ୍ଞୀ ମଧ୍ୟ ଦେଶରେ ହଜାର ହଜାର ଇନ୍‌ଷ୍ଟାଗ୍ରାମ୍ ଆକାଉଂଟ ଉପରେ କଟକଣା ଲାଗିଥିବା ଓ ଲକ୍ଷ ଲକ୍ଷ ଭିଡିଓ ହଟାଯାଇଥିବା ଦାବି କରିଛନ୍ତି । ବ୍ୟଙ୍ଗକାର ଓ ଗୀତିକାର ବରୁଣ ଗ୍ରୋଭର ମଧ୍ୟ ସରକାରଙ୍କ '୨୦୪୭ର ବିକଶିତ ଭାରତ ଲକ୍ଷ୍ୟ'କୁ ନେଇ ରଚିଥିବା ବ୍ୟଙ୍ଗ କବିତାର ଗୀତ ରୂପ ଇନ୍‌ଷ୍ଟାଗ୍ରାମ୍‌ରୁ ହଟାଯାଇଥିବା ଅଭିଯୋଗ କରିଛନ୍ତି । ଆଇନଗତ ଅନୁରୋଧ ଆଧାରରେ ଏହି ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି । ତେବେ ଏହି ଅଭିଯୋଗଗୁଡ଼ିକ ଉପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନାହିଁ । ଆଇନଗତ ଖବର ରିପୋର୍ଟିଂ ୱେବସାଇଟ୍ 'ଲାଇଭଲ' ମଧ୍ୟ କହିଛି ଯେ, ସୁପ୍ରିମକୋର୍ଟରେ ଇସିଆଇ ଶପଥପତ୍ର ଉପରେ ଏହାର ପୋଷ୍ଟକୁ ଇନଷ୍ଟାଗ୍ରାମ ଦ୍ୱାରା ହଟାଇ ଦିଆଯାଇଛି ।

୫ଜଣ ନାବାଳିକା ଦୁଷ୍କର୍ମ ମାମଲାରେ ୭୮ ବର୍ଷୀୟ ଖବରକାଗଜ ମାଲିକଙ୍କୁ ଆଜୀବନ ଜେଲ୍

ଭୋପାଳ, ୨୮/୧୦(ନ୍ୟୁ.ଏ): ମଧ୍ୟପ୍ରଦେଶର ଭୋପାଳରେ ପାଂଚ ଜଣ ନାବାଳିକାଙ୍କୁ ଦୁଷ୍କର୍ମ ଓ ଯୌନ ନିର୍ଯାତନା ମାମଲାରେ ୭୮ ବର୍ଷୀୟ ଖବରକାଗଜର ପୂର୍ବତନ ମାଲିକ ପ୍ୟାରେ ମିଆଁଙ୍କୁ ଏକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ୧୦ଟି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ତାଙ୍କ ଉପରେ ୭୭.୬୪ ଲକ୍ଷ ଟଙ୍କା ଜରିମାନା ଲାଗୁ କରାଯାଇଛି । ମଙ୍ଗଳବାର ଅଦାଲତ ଏହି ରାୟ ଶୁଣାଇଥିଲେ । ମାମଲାରେ ତାଙ୍କ ସହଯୋଗୀ ରାବିୟା ବି'ଙ୍କୁ ମଧ୍ୟ ୨୦ ବର୍ଷ କାରାଦଣ୍ଡାଦେଶ ହୋଇଛି । ପୋକ୍ସୋ ଆଇନ ଓ ଭାରତୀୟ ଦଣ୍ଡବିଧି ଆଇନର ବିଭିନ୍ନ ଧାରା ଅନୁଯାୟୀ ପ୍ୟାରେ ମିଆଁଙ୍କୁ ଦିଆଯାଇଥିବା ୧୦ଟି ଦଣ୍ଡ ମଧ୍ୟରୁ ୮ଟିରେ ତାଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ଜେଲ୍‌ରେ ରହିବାକୁ ପଡ଼ିବ । ଅନ୍ୟ ଦୁଇଟି ଦଣ୍ଡ ମଧ୍ୟ ଆଜୀବନ କାରାଦଣ୍ଡ । ତେବେ ସମସ୍ତ ଦଣ୍ଡ ଏକକାଳୀନ ଚାଲିବ । ଅର୍ଥାତ୍ ଦଣ୍ଡଗୁଡ଼ିକୁ ପର୍ଯ୍ୟାୟକ୍ରମେ ଭୋଗିବାକୁ ପଡ଼ିବ ନାହିଁ । ପୂର୍ବରୁ ଅନ୍ୟ ମାମଲାରେ ମଧ୍ୟ ସେ ଚାରିଟି ଆଜୀବନ କାରାଦଣ୍ଡ ପାଇସାରିଛନ୍ତି । ଅଭିଯୋଗ ଅନୁଯାୟୀ, ପ୍ୟାରେ ମିଆଁ ୨୦୧୪ ମସିହାରୁ ଅସହାୟ ଓ ଗରିବ ପରିବାରର ନାବାଳିକାମାନଙ୍କୁ ଟାର୍ଗେଟ୍ କରୁଥିଲେ । ନିଜ ଘରେ ମାସିକ ୧୦ ହଜାର ଟଙ୍କା ଦରମାରେ କାମ ଦେବାର ପ୍ରଲୋଭନ ଦେଖାଇ ସେ ସେମାନଙ୍କୁ ଫସାଇଥିଲେ । ତାଙ୍କ ସହଯୋଗୀ ରାବିଆ ବି' ନାବାଳିକାମାନଙ୍କୁ ତାଙ୍କ ପାଖକୁ ନେଇ ଆସୁଥିଲେ । ପରେ ସେମାନଙ୍କୁ ବିଭିନ୍ନ ସମୟରେ ଓ ସ୍ଥାନରେ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଥିଲା । ସେ ପରିବାରର ବିଭିନ୍ନ ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେଉଥିଲେ । ଏହାଦ୍ୱାରା ପରିବାରର ବିଶ୍ୱାସ ହାସଲ କରି ନାବାଳିକାମାନଙ୍କୁ ଶୋଷଣ କରୁଥିଲେ । ୨୦୨୦ ଜୁଲାଇ ୧୧ରେ ଭୋପାଳର ଶାହପୁରା ଅଂଚଳର ଏକ ଫ୍ଲାଟ୍‌ରେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଘଟଣା ସାମ୍ନାକୁ ଆସିଥିଲା । ଜଣେ ପୀଡ଼ିତା ପରାମର୍ଶ ଅଧିବେଶନ ସମୟରେ କହିଥିଲେ ଯେ ଜନ୍ମଦିନ ପାଳନ କରିବା ବାହାନାରେ ତାଙ୍କୁ ଫ୍ଲାଟ୍‌କୁ ଡକାଯାଇଥିଲା । ସେଠାରେ ତାଙ୍କୁ ଜବରଦସ୍ତ ମଦ ପିଆଯିବା ପରେ ଯୌନ ନିର୍ଯାତନା ଦିଆଯାଇଥିଲା । ପରେ ଅନ୍ୟ ନାବାଳିକାମାନେ ମଧ୍ୟ ସମାନ ଧରଣର ଶୋଷଣ ସମ୍ପର୍କରେ ଅଭିଯୋଗ କରିଥିଲେ । ପୁଲିସ ଘଟଣାର ତଦନ୍ତ କରି ପ୍ୟାରେ ମିଆଁଙ୍କୁ ଗିରଫ କରିଥିଲା । ଶ୍ରୀନଗରରୁ ଗିରଫ ହେବା ପରେ ତାଙ୍କ ବିରୋଧରେ ମାମଲା ଚାଲିଥିଲା । ସ୍ୱତନ୍ତ୍ର ଅଦାଲତ ଅଭିଯୋଗ ପ୍ରମାଣିତ ହେବା ପରେ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରୀ ଓକିଲ ପି.ଏନ୍. ସିଂହ ରାଜପୁତ ଏହି ସୂଚନା ଦେଇଛନ୍ତି ।

ଆହ୍ଲାବାଦ ହାଇକୋର୍ଟରେ ହଙ୍ଗାମା: ବିଚାରପତିଙ୍କ ଆସନ ଆଡ଼କୁ ଚେୟାର ଫିଙ୍ଗିଲେ ଓକିଲ

ନୂଆଦିଲ୍ଲୀ:ଜଣେ ଓକିଲଙ୍କ ସହ କଥିତ ଦୁର୍ବ୍ୟବହାରକୁ ନେଇ ଆହ୍ଲାବାଦ ହାଇକୋର୍ଟ ବାର୍ ଆସୋସିଏସନ୍ ବିଚାରପତି ଜଷ୍ଟିସ୍ ଅଜୟ ଭନୋଟଙ୍କ ଅଦାଲତକୁ ବର୍ଜନ କରିବାକୁ ଧମକ ଦେବାର ଦିନକ ପରେ, ବୁଧବାର (ଅକ୍ଟୋବର ୨୮) ତାଙ୍କ କୋର୍ଟ ରୁମ୍‌ରେ ଓକିଲମାନେ ଜୋରଦାର ହଙ୍ଗାମା କରିଛନ୍ତି । ଦେଖୁ ଦେଖୁ କୋର୍ଟ ରୁମ୍‌ରେ ଅରାଜକତା ସୃଷ୍ଟି ହୋଇଥିଲା ଏବଂ ଓକିଲଙ୍କ ବିରୋଧ ପ୍ରଦର୍ଶନ ହିଂସାତ୍ମକ ରୂପ ନେଇଥିଲା । ଉତ୍ୟକ୍ତ ଓକିଲମାନେ ବିରୋଧ ପ୍ରଦର୍ଶନ ସମୟରେ ବିଚାରପତିଙ୍କ ଆସନ ଆଡ଼କୁ ଚେୟାର ଓ ଅନ୍ୟ ଆସବାବପତ୍ର ଫିଙ୍ଗିଥିବା ଅଭିଯୋଗ ହୋଇଛି । ବାର ଆସୋସିଏସନ୍ ମଙ୍ଗଳବାର ଅଭିଯୋଗ କରିଥିଲା ଯେ ଜଷ୍ଟିସ୍ ଭନୋଟ ଜଣେ ଓକିଲଙ୍କୁ ପୁଲିସ ଅଧୀକ୍ଷକ (ଏସ୍‌ପି)ଙ୍କୁ କ୍ଷମା ମାଗିବାକୁ ବାଧ୍ୟ କରିଥିଲେ । ସାଧାରଣତଃ ଓକିଲମାନଙ୍କ ପାଇଁ ସଂରକ୍ଷିତ ଧାଡ଼ିରେ ଏସ୍‌ପି ବସିଥିବାରୁ ସମ୍ପୃକ୍ତ ଓକିଲ ଏହାକୁ ବିରୋଧ କରିଥିଲେ । ବାର ଆସୋସିଏସନ୍ ଅନୁସାରେ, ଜଷ୍ଟିସ୍ ଭନୋଟଙ୍କ କୋର୍ଟ ରୁମ୍‌ରେ ପୁଲିସ ଅଧିକାରୀ ଏବଂ ଅନ୍ୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ପାଇଁ ଅଲଗା ଚେୟାର ବ୍ୟବସ୍ଥା କରାଯାଇଥିଲା । ଏହି ସମୟରେ ଓକିଲ ଜଣକ ଏସ୍‌ପିଙ୍କୁ ପଛ ଧାଡ଼ିରେ ବସିବାକୁ କହିଥିଲେ । 'ବାର ଆଣ୍ଡ ବେଂଚ୍'ର ରିପୋର୍ଟ ଅନୁସାରେ, ଜଷ୍ଟିସ୍ ଭନୋଟ ସମ୍ପୃକ୍ତ ଓକିଲଙ୍କୁ ଜେଲ୍ ପଠାଇବାକୁ ଧମକ ଦେଇଥିବା ଏବଂ ଅନ୍ୟ ଜଣେ ବରିଷ୍ଠ ଓକିଲଙ୍କୁ ପରିହାସ କରିଥିବା ହାଇକୋର୍ଟ ବାର ଆସୋସିଏସନ୍ ଅଭିଯୋଗ କରିଛି । ଏହାପରେ ଓକିଲଙ୍କ ସହ ହୋଇଥିବା କଥିତ ଦୁର୍ବ୍ୟବହାର ଘଟଣାରେ ହସ୍ତକ୍ଷେପ କରିବାକୁ ଆସୋସିଏସନ୍ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରିଥିଲା । ଏଥିସହ ଘଟଣାରେ କୌଣସି ପଦକ୍ଷେପ ନିଆ ନଗଲେ ଜଷ୍ଟିସ୍ ଭନୋଟଙ୍କ ଅଦାଲତକୁ ବର୍ଜନ କରାଯିବ ବୋଲି ଚେତାବନୀ ଦେଇଥିଲା । ବୁଧବାର ଅଦାଲତର କାର୍ଯ୍ୟ ଆରମ୍ଭ ହେବା ସମୟରେ ଅନେକ ଓକିଲ ଜଷ୍ଟିସ୍ ଭନୋଟଙ୍କ କୋର୍ଟ ରୁମ୍ ବାହାରେ ଏକାଠି ହୋଇଥିଲେ । ସେହି ସମୟରେ ଜଷ୍ଟିସ୍ ଭନୋଟ ଅନ୍ୟ ଜଣେ ବିଚାରପତି ଜଷ୍ଟିସ୍ ଦିବେଶ ଚନ୍ଦ୍ର ସାମନ୍ତଙ୍କ ସହ କୋର୍ଟ ରୁମ୍‌ରେ ବସିଥିଲେ । ଏହାପରେ ଓକିଲମାନେ ନାରାବାଜି ଆରମ୍ଭ କରିଥିଲେ ।

କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତା ପୁଣି ୩% ବଢ଼ିଲା

ନୂଆଦିଲ୍ଲୀ, ୨୮/୧୦(ନ୍ୟୁ.ଏ): କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ଖୁସି ଖବର । ଦୀପାବଳି ପୂର୍ବରୁ ନିଜର କର୍ମଚାରୀଙ୍କୁ ବଡ଼ ଭେଟି ଦେଇଛନ୍ତି କେନ୍ଦ୍ର ସରକାର । କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତାକୁ ପୁଣି ୩% ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର । ମହଙ୍ଗା ଭତା ବା ଡିଏ ୩% ବୃଦ୍ଧି ସଂକ୍ରାନ୍ତ ପ୍ରସ୍ତାବ ଉପରେ ଆଜି କେନ୍ଦ୍ର କ୍ୟାବିନେଟ ମୋହର ମାରିଛି । ଏହାପୂର୍ବରୁ କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତା ୨% ବଢ଼ିଥିଲା । ଦେଶରେ ଦେଖାଯାଇଥିବା ମହଙ୍ଗା ମାଡ଼ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ବର୍ଷକ ମଧ୍ୟରେ ୨ଥର ମହଙ୍ଗା ଭତା ବୃଦ୍ଧି କରିଛନ୍ତି । କେନ୍ଦ୍ରୀୟ କର୍ମଚାରୀମାନେ ସେମାନଙ୍କ ମୂଳ ଦରମାରେ ଅଧିକ ୨% ଟଙ୍କା ମହଙ୍ଗା ଭତା ଆକାରରେ ପାଇବେ । ପୂର୍ବରୁ ସେମାନଙ୍କୁ ୫୮% ଡିଏ ମିଳୁଥିଲା । ଏହା ଏପ୍ରିଲରେ ୬୦% ଓ ଏବେ ୬୩% ହୋଇଯାଇଛି । ଏହି ବର୍ଦ୍ଧିତ ଦର ଜୁଲାଇ ୧ରୁ ପିଛିଲା ଭାବେ ଲାଗୁ ହେବ । ସରକାରଙ୍କୁ ଏଥିପାଇଁ ବାର୍ଷିକ ଅଧିକ ୧୦,୦୧୬ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ । ବର୍ଦ୍ଧିତ ମହଙ୍ଗା ଭତା କେବଳ ବେତନଭୋଗୀ ନୁହନ୍ତି, ବରଂ ପେନସନଧାରୀଙ୍କ ପାଇଁ ମଧ୍ୟ ଲାଗୁ ହେବ । ଏହି ବର୍ଦ୍ଧିତ ମହଙ୍ଗା ଭତା ପ୍ରାୟ ୧ କୋଟି କର୍ମଚାରୀ ଓ ପେନସନଧାରୀଙ୍କୁ ଫାଇଦା ଦେବ । କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତା ୩% ବୃଦ୍ଧି ପାଇବାର ଅର୍ଥ ଲେଭଲ ୧ର କର୍ମଚାରୀମାନେ ଏଣିକି ୧୧,୩୪୦ ଟଙ୍କା ପାଇବେ । ୬୦% ମହଙ୍ଗା ଭତା ହିସାବରେ ସେମାନଙ୍କୁ ୧୦,୮୦୦ ଟଙ୍କା ମିଳୁଥିଲା । ଏବେ ସେମାନେ ଅଧିକ ୫୪୦ ଟଙ୍କା ମହଙ୍ଗା ଭତା ଆକାରରେ ପାଇବେ । ଏହି ଲେଭଲ ୧ କର୍ମଚାରୀଙ୍କ ମୂଳ ଦରମା ହେଉଛି ୧୮ ହଜାର । ସେହି ହିସାବରେ ମୂଳ ଦରମାର ୬୩% ହିସାବରେ ମହଙ୍ଗା ଭତା ମିଳିବ । ନଭେମ୍ବର ମାସର ଦରମା ସହ ଏମାନେ ଜୁଲାଇରୁ ଅକ୍ଟୋବର ମଧ୍ୟରେ ବାକି ରହିଥିବା ମହଙ୍ଗା ଭତା ମଧ୍ୟ ପାଇବେ । ଲେଭଲ ୨ କର୍ମଚାରୀଙ୍କ ମୂଳ ଦରମା ହେଉଛି ୧୯,୯୦୦ ଟଙ୍କା । ତେଣୁ ସେମାନେ ମହଙ୍ଗା ଭତା ହିସାବରେ ଅଧିକ ୫୯୭ ଟଙ୍କା ପାଇବେ । ସେମାନଙ୍କୁ ୧୧,୯୪୦ ଟଙ୍କା ବଦଳରେ ୧୨, ୫୩୭ ଟଙ୍କା ଲେଖାଏଁ ମିଳିବ ।

ତିବ୍ବତ ଭୂକମ୍ପର ଭୟଙ୍କର ପ୍ରଭାବ: ଭୂମିରେ ୩.୫ ମିଟର ଫାଟ, ୦.୯ ମିଟର ଘୁଂଚିଲା ମାଟି

ନୂଆଦିଲ୍ଲୀ, ୨୮/୧୦(ନ୍ୟୁ.ଏ): ତିବ୍ବତରେ ଅକ୍ଟୋବର ୨୨ ତାରିଖରେ ଆସିଥିବା ୭.୦ ତୀବ୍ରତାର ଭୂକମ୍ପର ଭୟଙ୍କର ପ୍ରଭାବ ଏବେ ଜମି ଉପରେ ଦେଖିବାକୁ ମିଳିଛି । ଭୂକମ୍ପର କେନ୍ଦ୍ରସ୍ଥଳଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଭୂମି ଫାଟିବା ଓ ଘୁଂଚିବାର ଚିହ୍ନ ଠାବ କରିଛନ୍ତି ବୈଜ୍ଞାନିକ । କେତେକ ସ୍ଥାନରେ ଭୂମିର ଦୁଇ ଭାଗ ମଧ୍ୟରେ ୩.୫ ମିଟର ପର୍ଯ୍ୟନ୍ତ ଉଚ୍ଚତାର ପାର୍ଥକ୍ୟ ଦେଖିବାକୁ ମିଳିଛି । ସେହିପରି କିଛି ଅଂଚଳରେ ମାଟି ପ୍ରାୟ ୦.୯ ମିଟର ବାମ ପାର୍ଶ୍ୱକୁ ଘୁଂଚିଯାଇଛି । ଭୂମିରେ ଫାଟ ସୃଷ୍ଟି ହେବା ସହ ବାଲିରେ ପାଣି ଭରିଯିବାର ଚିହ୍ନ ମଧ୍ୟ ମିଳିଛି । ଏହି ଅନୁଧ୍ୟାନ ଭୂକମ୍ପ ସମୟରେ ପୃଥିବୀର ଅଭ୍ୟନ୍ତରରେ କିଭଳି ପରିବର୍ତ୍ତନ ଘଟିଥିଲା, ତାହା ବୁଝିବାରେ ସହାୟକ ହେବ । ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଅନୁସାରେ, ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଚୀନର ତିବ୍ବତ ଅଂଚଳର ନାଗଚୁ ସହରଠାରୁ ପ୍ରାୟ ୧୯୧ କିଲୋମିଟର ପୂର୍ବ-ଉତରପୂର୍ବ ଦିଗରେ ରହିଥିଲା । ଭୂପୃଷ୍ଠଠାରୁ ପ୍ରାୟ ୧୮ କିଲୋମିଟର ଗଭୀରରେ ଏହି ଭୂକମ୍ପ ସୃଷ୍ଟି ହୋଇଥିଲା । ଭୂକମ୍ପ ପରେ ବୈଜ୍ଞାନିକମାନେ ଭୂମିରେ ଫାଟ ଓ ମାଟି ଘୁଂଚିଯିବାର ଚିହ୍ନ ଦେଖିଛନ୍ତି । ଭୂଗର୍ଭରେ ଥିବା ଚଟାଣ ଭାଙ୍ଗିବା କିମ୍ବା ଗୋଟିଏ ଅଂଶ ଅନ୍ୟ ଅଂଶ ତୁଳନାରେ ଘୁଂଚିଯିବା ଯୋଗୁଁ ଯେଉଁ ଫାଟ ସୃଷ୍ଟି ହୁଏ, ତାହାକୁ ଫଲ୍ଟ କୁହାଯାଏ । ଏହାର ପ୍ରଭାବ ଯେତେବେଳେ ଭୂପୃଷ୍ଠରେ ଦେଖାଯାଏ, ତାହାକୁ ସର୍ଫେସ୍ ରପ୍ଚର୍ କୁହାଯାଏ । ଅନ୍ୟପଟେ, ଭୂମିରେ ବାଲି ସହ ପାଣି ଉପରକୁ ଆସିବାର ଚିହ୍ନକୁ ସ୍ୟାଣ୍ଡ ଲିକ୍ୱିଫ୍ୟାକ୍ସନ୍ କୁହାଯାଏ । ଭୂକମ୍ପର ତୀବ୍ର କମ୍ପନ ଯୋଗୁଁ ବାଲି କଣିକା ମଧ୍ୟରେ ଥିବା ଜଳର ଚାପ ବଢ଼ିଯାଏ । ଫଳରେ ମାଟି ନିଜର ଦୃଢ଼ତା ହରାଇପାରେ । ଏଭଳି ପରିସ୍ଥିତିରେ ଘର, କୋଠା ଓ ଅନ୍ୟ ନିର୍ମାଣକୁ କ୍ଷତି ପହଂଚିବାର ଆଶଙ୍କା ରହିଥାଏ । ବୈଜ୍ଞାନିକଙ୍କ ମତରେ, ଭୂପୃଷ୍ଠର ଉପରିଭାଗରେ ସୃଷ୍ଟି ହୋଇଥିବା ଟାଣ ଯୋଗୁଁ ଚଟାଣରେ ଚାପ ପରିବର୍ତ୍ତନ ହୋଇଥିଲା । ଏହି ପ୍ରକ୍ରିୟାକୁ ନର୍ମାଲ୍ ଫଲ୍ଟିଂ କୁହାଯାଏ । ଏଥିରେ ଚଟାଣର ଗୋଟିଏ ଅଂଶ ଅନ୍ୟ ଅଂଶ ତୁଳନାରେ ତଳକୁ ଖସିଯାଇପାରେ । ଏହି ସମୟରେ ଶକ୍ତି ମୁକ୍ତ ହୋଇ ଭୂକମ୍ପ ସୃଷ୍ଟି ହୁଏ । ଭାରତୀୟ ଓ ୟୁରେସୀୟ ଟେକ୍ଟୋନିକ୍ ପ୍ଲେଟ୍‌ର ଗତିବିଧି ସହ ତିବ୍ବତ ଅଂଚଳର ଭୂଗର୍ଭୀୟ ଗଠନ ଜଡ଼ିତ । ଏହି ଦୁଇ ପ୍ଲେଟ୍‌ର ଧକ୍କା ଯୋଗୁଁ ହିମାଳୟ ଓ ତିବ୍ବତୀୟ ମାଳଭୂମି ସୃଷ୍ଟି ହୋଇଛି । ଭୂମିରେ ମିଳିଥିବା ଫାଟ ଓ ଘୁଂଚିବାର ଚିହ୍ନ ଭୂକମ୍ପର ପ୍ରକୃତ ପ୍ରଭାବ ବୁଝିବାରେ ସହାୟକ ହେବ । କେଉଁ ଅଂଚଳରେ କେତେ ପରିବର୍ତ୍ତନ ହୋଇଛି, ତାହାର ଆକଳନ କରାଯାଇପାରିବ । ଆଗାମୀ ଅନୁଧ୍ୟାନରୁ ଫାଟର ବିସ୍ତାର ଓ ଭୂଗର୍ଭରେ ହୋଇଥିବା ଚଟାଣର ଗତିବିଧି ସମ୍ପର୍କରେ ଅଧିକ ତଥ୍ୟ ମିଳିପାରେ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com

ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das